


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୦୫ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 May 2024
Vol.No. 35 ■ No.120 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ନିଜ ମାଟିର ପୁଅ ହୁଅନ୍ତୁ ଓଡ଼ିଶାର ନେତା: ଏସ୍. ଜୟଶଙ୍କର



ଭୁବନେଶ୍ୱର, ୦୪/୫ (ନି.ପ୍ର): କଳା ଓ ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ ଓଡ଼ିଶା ନିଜ ନେତା ସୃଷ୍ଟି ପାଇଁ ସକ୍ଷମ। ଓଡ଼ିଶା ଭଳି ରାଜ୍ୟର ନେତା ନିଜ ମାଟିର ପୁଅ ହୁଅନ୍ତୁ। ଏଭଳି ସମୃଦ୍ଧ ରାଜ୍ୟକୁ ତା' ମାଟିର ନେତା ପରିଚାଳନା କରିବା ଉଚିତ। ଓଡ଼ିଆ ଅସ୍ମିତା ସମ୍ପର୍କିତ ପ୍ରଶ୍ନରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ଏପରି ଢ଼ଙ୍ଗରେ ଉତ୍ତର ରଖିଛନ୍ତି। ଓଡ଼ିଶା ଗସ୍ତରେ ଆସିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର। ଭୁବନେଶ୍ୱରରେ ଆୟୋଜିତ ସମ୍ପାଦକ ସମ୍ମିଳନୀରେ ସେ ଭାଗ ନେଇଥିଲେ। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜୟଶଙ୍କର କହିଛନ୍ତି, ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ପ୍ରତିଭାରେ ଭରପୂର ରହିଛି। କ'ଣ ନାହିଁ ଓଡ଼ିଶାରେ? କିନ୍ତୁ ଓଡ଼ିଶା ସେ ଅନୁପାତରେ ବିକଶିତ ହୋଇଛି କି? ଆଜିର ଓଡ଼ିଶାକୁ ଦେଖିଲେ ବିକାଶ ହୋଇଥିଲା ଭଳି ଲାଗୁଛି କି? ଓଡ଼ିଶାର କଳା ଓ ସଂସ୍କୃତି କେତେ ସମୃଦ୍ଧ, ତାହା କହିବା ଅନାବଶ୍ୟକ। କୋଣାର୍କ ଚକ୍ରକୁ ଜି-୨୦ରେ ସାମିଲ କରାଯିବା ତା'ର ନିଦର୍ଶନ। ଏତେ ସବୁ ଥାଉ ଥାଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଣାର୍କ ଚକ୍ରକୁ କାହିଁକି ବାଛିଲେ କଳା, ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ ଓଡ଼ିଶା ନିଜ ନେତା ସୃଷ୍ଟି ପାଇଁ ସକ୍ଷମ। ଓଡ଼ିଶା ଭଳି ରାଜ୍ୟର ନେତା ନିଜ ମାଟିର ପୁଅ ହୁଅନ୍ତୁ। ଏଭଳି ସମୃଦ୍ଧ ରାଜ୍ୟକୁ ତା' ମାଟିର ନେତା ପରିଚାଳନା କରିବା ଉଚିତ ବୋଲି ଜୟଶଙ୍କର କହିଛନ୍ତି। ସୀମା ପାର ଆତଙ୍କବାଦକୁ ନେଇ ଏସ୍. ଜୟଶଙ୍କର କହିଛନ୍ତି, ପାକିସ୍ତାନ ପଟୁ ଆସୁଥିବା ସୀମାପାର ଆତଙ୍କର ସମୁଚିତ ଜବାବ ଦିଆଯାଉଛି। ଚୀନ ସୀମାରେ ଆମ ଯବାନମାନେ ଜାଗତିଆର ରହିଛନ୍ତି। ଦେଶ ସୁରକ୍ଷା ନେଇ ମୋଦି ସରକାର କୌଣସି ସାଲିସ୍ କରିବ ନାହିଁ। ମୋଦି ସରକାର ପାଇଁ ଦେଶ ପ୍ରଥମ ଓ ଦେଶର ସୁରକ୍ଷା ପ୍ରଥମ ବୋଲି ଜୟଶଙ୍କର କହିଛନ୍ତି। ସେ ଆହୁରି କହିଛନ୍ତି, କେହି

▶▶ପୃଷ୍ଠା ୭

# ବାୟୁସେନାର କନଭୟ ଉପରେ ବଡ଼ଧରଣର ଆତଙ୍କବାଦୀ ହମଲା




ନୂଆଦିଲ୍ଲୀ, ୦୪/୫ : ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ହୋଇଛି ବଡ଼ଧରଣର ଆତଙ୍କୀ ହମଲା। ଜମ୍ମୁ-କଶ୍ମୀରର ପୁଞ୍ଚ ଅନ୍ତର୍ଗତ ସୁରାନକୋଟେରେ ଆଜି ଭାରତୀୟ ବାୟୁସେନାର କନଭୟରେ ଥିବା ୨ଟି ଗାଡ଼ି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ସେମାନେ ଗ୍ରେନେଡ ଓ ଗୁଳିମାଡ଼ କରିବାରୁ ୫ ଜଣ ଯବାନ ଆହତ ହୋଇଥିବା ଖବର ଆସିଛି। ସେମାନଙ୍କୁ ଉଦ୍ଧମପୁର ସ୍ଥିତ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ହମଲା ସମ୍ପର୍କରେ ଖବର ମିଳିବା ପରେ କନଭୟରେ ଥିବା ଯବାନଙ୍କୁ ବ୍ୟାକଅପ ଦେବାକୁ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଇ ଯାଇଛି। ଏବେ ସେଠାରେ ଆତଙ୍କବାଦୀ ନିରୋଧ ଅପରେସନକୁ ଜୋରଦାର କରାଯାଇଛି। ଉକ୍ତ ଅଞ୍ଚଳରେ ଚଳିତ ବର୍ଷ ପ୍ରଥମଥର ପାଇଁ ଏତେବଡ଼ ଆତଙ୍କୀ ହମଲା ହୋଇଛି। ଗତବର୍ଷ ଏଠାରେ ଏକାଧିକ ଆତଙ୍କୀ ହମଲା ହୋଇଥିଲା। ଘଟଣା ସ୍ଥଳରୁ ଆସିଥିବା ଫଟୋ ମଧ୍ୟ ବିଚଳିତ କରୁଛି। କାରଣ ଆତଙ୍କବାଦୀଙ୍କ ଗୁଳିରେ ଯବାନଙ୍କ ଭ୍ୟାନରେ ଏକାଧିକ ଗୁଳିମାଡ଼ର ଚିହ୍ନ ରହିଛି। ସେନା ପକ୍ଷରୁ କୁହାଯାଇଛି ଯେ ଭାରତୀୟ ବାୟୁସେନାର କନଭୟ ଉପରେ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପୁଞ୍ଚରେ ହମଲା କରିଛି। ସ୍ଥାନୀୟ ରାଷ୍ଟ୍ରୀୟ ରାଇଫଲ ୟୁନିଟ ଖବର ପାଇ ପୂରା ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି।

## ୪୦ ଡିଗ୍ରୀ ଉପରେ ୨୭ ସହର

ଭୁବନେଶ୍ୱର, ୦୪/୫ (ନି.ପ୍ର): ତାତିରେ ଲାଗୁନି ବ୍ରେକ୍। ଆଜି ୪୦ ଡିଗ୍ରୀ ଉପରେ ୨୭ ସହର। ବୌଦ୍ଧ ଓ ନୂଆପଡ଼ା ପାଲଟିଛି ରାଜ୍ୟର ଉତ୍ତପ୍ତ ସହର। ଏହି ଦୁଇ ସହରର ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ତେବେ କଟକ ଓ ଭୁବନେଶ୍ୱର ତାତି ୪୦ ଡିଗ୍ରୀ ତଳେ ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୌଦ୍ଧରେ ତାପମାତ୍ରା ୪୪ ଡିଗ୍ରୀ, ନୂଆପଡ଼ାରେ ୪୪ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୮ ଡିଗ୍ରୀ, ବଲାଙ୍ଗିରରେ ୪୩.୭ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ନୟାଗଡ଼ରେ ୪୩ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୭ ଡିଗ୍ରୀ, ମାଲକାନଗିରିରେ ୪୨.୬ ଡିଗ୍ରୀ, ସମ୍ବଲପୁରରେ ୪୨.୫ ଡିଗ୍ରୀ, ତାଳଚେରରେ ୪୨.୫ ଡିଗ୍ରୀ, କେନ୍ଦୁଝରରେ ୪୨.୪ ଡିଗ୍ରୀ, ହୀରାକୁଦରେ ୪୨.୩ ଡିଗ୍ରୀ, ବାରିପଦାରେ ୪୨.୨ ଡିଗ୍ରୀ, ଅନୁଗୋଳରେ ୪୨.୧ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨ ଡିଗ୍ରୀ, ଢେଙ୍କାନାଳରେ ୪୧.୬ ଡିଗ୍ରୀ, ଫୁଲବାଣୀରେ ୪୧.୬ ଡିଗ୍ରୀ, ସୋନପୁରରେ ୪୧.୩ ଡିଗ୍ରୀ, ରାଉରକେଲାରେ ୪୧ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୦.୮

▶▶ପୃଷ୍ଠା ୭

# ସୁଚରିତା ଫେରାଇ ଦେଲେ କଂଗ୍ରେସ ଟିକେଟ: ଅଜୟ କୁମାର ଦେଲେ ବଡ଼ ବୟାନ



ପୁରୀ, ୦୪/୫ (ନି.ପ୍ର):ପ୍ରଚାର ପାଇଁ ପାଣ୍ଠିର ଅଭାବ ପଡ଼ିବାରୁ କଂଗ୍ରେସର ପୁରୀ ଲୋକସଭା ପ୍ରାର୍ଥୀ ସୁଚରିତା ମହାନ୍ତି ଟିକେଟ ଫେରାଇ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହି ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡାକ୍ତର ଅଜୟ କୁମାର। ସେ କହିଛନ୍ତି, ପାର୍ଟି ଫଣ୍ଡିଂ କରିଥା'ନ୍ତା। ଫଣ୍ଡିଂର କୌଣସି ସମସ୍ୟା ନଥିଲା। ମୁଖ୍ୟ କଥା ହେଲା- ପୁରୀରେ ଆମେ ପ୍ରାର୍ଥୀ ବଦଳେଇଥା'ନ୍ତୁ। ଦୁଇ ତାରିଖରୁ ଆମେ କିଛି ସ୍ଥାନରେ ପ୍ରାର୍ଥୀ ବଦଳେଇବା ପାଇଁ ଚିଠି ପଠେଇ ସାରିଥିଲୁ। ଆଜି କି କାଲି ଭିତରେ ଏହା ଘୋଷଣା ହେଇଥା'ନ୍ତା। ସୁଚରିତା ଏହି କଥା ଜାଣି ସାରିଥିଲେ। ସେଥିପାଇଁ ଟିକେଟ ଫେରାଇ ଦେଇଛନ୍ତି ଓ ନିଜେ ନିଜର ଚିଠିକୁ ଭାଇରାଲ କରିଛନ୍ତି। ନିର୍ବାଚନ ଲଢ଼ିବା ପାଇଁ ଦଳ ପାଣ୍ଠି ନ ଦେବାରୁ ସୁଚରିତା ମହାନ୍ତି ଟିକେଟ୍ ଫେରାଇଥିବା କଥା ଇ-ମେଲ୍ ଜରିଆରେ ଇଓଉଉକୁ ଜଣାଇଥିଲେ। ସେ ଇ-ମେଲରେ ଉଲ୍ଲେଖ କରିଥିଲେ ଯେ, ନିର୍ବାଚନ ପାଇଁ ପାର୍ଟି ଫଣ୍ଡିଂ କଲା ନାହିଁ। ବିନା ଫଣ୍ଡିଂରେ କ୍ୟାମ୍ପେନ

▶▶ପୃଷ୍ଠା ୭

# ଷ୍ଟାର ପ୍ରଚାରକଙ୍କ ନାଁ ଘୋଷଣା କଲା କଂଗ୍ରେସ: ଓଡ଼ିଶା ଆସିବେ ସୋନିଆ, ରାହୁଲ ଓ ପ୍ରିୟଙ୍କା




ଭୁବନେଶ୍ୱର, ୦୪/୫ (ନି.ପ୍ର): ମେ' ୧୩ରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ କଂଗ୍ରେସ ପକ୍ଷରୁ ଆଜି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରାଯାଇଛି। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସହିତ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ରାଜ୍ୟ ପ୍ରଭାରୀ ଡାକ୍ତର ଅଜୟ କୁମାର, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ଥ ରେଡ୍ଡୀ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ସଚିନ ପାଇଲଟ, ଅଲକା ଲାମ୍ବା, କେନହୟା କୁମାର ଓ ମୀନାକ୍ଷୀ ନଟରାଜନ ପ୍ରମୁଖଙ୍କ ନାଁ ରହିଛି। ସେହିପରି ଏହି ତାଲିକରେ ଓଡ଼ିଶାରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, କିଶୋର ପଟେଲ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଡକ୍ଟର ଆର.ସି ଖୁଣ୍ଟିଆ, ଭକ୍ତ ଚରଣ ଦାସ, ସୁଶୀଲା ତିରିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ବିଜୟ କୁମାର ପଟ୍ଟନାୟକ, ଶିବାନନ୍ଦ ରାୟ, ବିଶ୍ୱରଞ୍ଜନ ମହାନ୍ତି ଓ ଜୟରାମ ପାଙ୍ଗି ପ୍ରମୁଖଙ୍କ ନାଁ ରହିଛି। ପୂର୍ବରୁ ବିଜେପି ଓ ବିଜେଡି ସେମାନଙ୍କ ଷ୍ଟାର ପ୍ରଚାରକଙ୍କ ନାଁ ଘୋଷଣା କରି ସାରିଛନ୍ତି।

# ତାତିରୁ ମିଳିବ ଆଶ୍ୱସ୍ତି: ପାଣିପାଗ ବିଭାଗର ପୂର୍ବାନୁମାନ

ଭୁବନେଶ୍ୱର, ୦୪/୫ (ନି.ପ୍ର): କମିପାରେ ଦିନର ତାତି। ଲୋକଙ୍କୁ ମିଳିପାରେ ତାତିରୁ ଆଶ୍ୱସ୍ତି। ଏମିତି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଢ କରି କୁହାଯାଇଛି- ଆଗାମୀ ଦୁଇ ଦିନ ପରେ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ୩ରୁ ୫ ଡିଗ୍ରୀ ଯାଏଁ ତାପମାତ୍ରାରେ ହ୍ରାସ ଘଟିବା ସମ୍ଭାବନା ରହିଛି। ସେହିପରି ଅନ୍ୟ ଏକ ଏକ୍ସ ପୋଷ୍ଟରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି

▶▶ପୃଷ୍ଠା ୭

# ପୁଣି ଦଳ ଡେଇଁଲେ ଦେବାଶିଷ ନାୟକ: କଂଗ୍ରେସରେ ମିଶିଲେ



ଭୁବନେଶ୍ୱର, ୦୪/୫ (ନି.ପ୍ର): ପୁଣି ଦଳ ଡେଇଁଲେ ଦେବାଶିଷ ନାୟକ। ବିଜେପି ଛାଡ଼ି ଆଜି କଂଗ୍ରେସରେ ଯୋଗ ଦେଇଛନ୍ତି ଦେବାଶିଷ ନାୟକ। ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଡାକ୍ତର ଅଜୟ କୁମାର, ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ଫେବ୍ରୁଆରୀ ୨୫ରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ଦେବାଶିଷ। ମାତ୍ର ୨ ମାସ ୯ ଦିନ ପରେ ବିଜେପି ଛାଡ଼ି କଂଗ୍ରେସରେ ସେ ସାମିଲ ହୋଇଛନ୍ତି।

▶▶ପୃଷ୍ଠା ୭

## ଲୋକଙ୍କ ଅଧିକାରକୁ ଦୁର୍ବଳ କରୁଛି ସରକାର-ପ୍ରିୟଙ୍କା

ନୂଆଦିଲ୍ଲୀ, ୦୪/୫ : ପାଲନପୁର-ବନାସକାଂଠା ଜିଲ୍ଲାର ଲାଖଣୀରେ କଂଗ୍ରେସର ନ୍ୟାୟ ସଂକଳ୍ପ ସଭାକୁ ସମ୍ବୋଧିତ କରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା ଦରଦାମ୍ ବୃଦ୍ଧି, ବେକାରୀ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ବିଜେପି ସରକାରକୁ ଘେରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଅଭିଯୋଗ ଆଣି ପ୍ରିୟଙ୍କା ଭଦ୍ରା କହିଛନ୍ତି ଯେ, ସେ ଲୋକଙ୍କ ଅଧିକାରକୁ ଦୁର୍ବଳ କରିଛନ୍ତି । ଦିନ ଥିଲା ପ୍ରଧାନମନ୍ତ୍ରୀ ଦେଶର ଲୋକଙ୍କ ଗାଁ-ଘରକୁ ଯାଉଥିଲେ, ଲୋକେ ତାଙ୍କୁ ନିଜର ହକ୍ ମାଗୁଥିଲେ । ରାସ୍ତା-ପାଣି ପାଇଁ ଲୋକେ କହୁଥିଲେ । ପୂର୍ବର ଏହି ରାଜନୀତିର ମୂଳଦୁଆ ମହାତ୍ମା ଗାନ୍ଧି ରଖିଥିଲେ । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ସେ ଦେଶର ଲୋକଙ୍କ ଠାରୁ ଦୂର ହୋଇ କିଛି ସୀମିର ଲୋକଙ୍କ ମଧ୍ୟରେ ସୀମିତ ରହିଛନ୍ତି ।

ନିଜ ଭାଇ ରାହୁଲଙ୍କୁ ଯୁବରାଜ କହିବା ଉପରେ ପ୍ରିୟଙ୍କା କହିଛନ୍ତି ଯେ, ଏହି ଯୁବରାଜ ଦେଶର ୪ହଜାର କିଲୋମିଟର ଯାତ୍ରା କରିଛି । କନ୍ୟାକୁମାରୀରୁ ନେଇ କଶ୍ମୀର ଯାଏ ପାଦରେ ଚାଲିଛି, ଲୋକଙ୍କ ସମସ୍ୟାକୁ ବୁଝିଛି । ପ୍ରିୟଙ୍କା କେନ୍ଦ୍ର ସରକାରକୁ ପେପର ଲିକ୍, ଚାଷୀ ଋଣ ଛାଡ ଓ ଚାଷ ଦ୍ରବ୍ୟ ଉପରେ ଜିଏସଟି ଆଦି ପ୍ରସଙ୍ଗ ଉପରେ ଘେରିଛନ୍ତି ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରୁ ଜେଡିଏସ୍ ବିଧାୟକ ଏଚଡି ରେଭାନ୍ନା ଗିରଫ



ନୂଆଦିଲ୍ଲୀ, ୦୪/୫ : ଅପହରଣ ମାମଲାରେ ଶେଷରେ ଗିରଫ ହୋଇଛନ୍ତି କର୍ଣ୍ଣାଟକାର ବିଜେପି ସହଯୋଗୀ ଜେଡିଏସ୍‌ର ବିଧାୟକ ଏଚଡି ରେଭାନ୍ନା। ତାଙ୍କୁ ଆଜି କର୍ଣ୍ଣାଟକା ପୁଲିସ୍‌ର ଏସ୍ଆଇଟି ଟିମ ଗିରଫ କରିଛି। ଗିରଫଦାରୀରୁ ବର୍ତ୍ତିବା ପାଇଁ ରେଭାନ୍ନା ତାଙ୍କ ବାପା ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡ଼ାଙ୍କ ବାସଭବନରେ ରହିଥିଲେ। କିନ୍ତୁ ଏସ୍ ?ଆଇଟି ଟିମ ତାଙ୍କୁ ସେଠାରୁ ଗିରଫ କରିନେଇଛି। ଅପହରଣ ମାମଲାରେ ଫସିଥିବା ରେଭାନ୍ନା ଗିରଫଦାରୀରୁ ବର୍ତ୍ତିବା ପାଇଁ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ଆଜି ବେଙ୍ଗାଲୁରୁର ଗୋଟିଏ କୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲା। ଆବେଦନ ଖାରଜ ହେବା କ୍ଷଣି ସେ ଗିରଫ ହୋଇଛନ୍ତି। ଜଣେ ୨୦ ବର୍ଷୀୟ ଯୁବକଙ୍କ ମା'ଙ୍କୁ ରେଭାନ୍ନାଙ୍କ ଲୋକମାନେ ଅପହରଣ କରି ନେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକାରୀ ରାଜୁ ଏଚ୍‌ଡି ଓ ତାଙ୍କ ମା' ମିଳିତ ଭାବେ ରେଭାନ୍ନାଙ୍କ ଫାର୍ମ ହାଉସରେ ଘରୋଇ ସହାୟକ ଭାବେ କାମ କରୁଥିଲେ। ମହିଳାଙ୍କୁ ଏପ୍ରିଲ ୨୯ରେ

▶▶ପୃଷ୍ଠା ୭

# ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା



ଭୁବନେଶ୍ୱର, ୦୪/୫ (ନି.ପ୍ର): ରାଜ୍ୟରେ ନିର୍ବାଚନୀ ମାହୋଲ ସରଗରମ ରହିଥିବାବେଳେ ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ନିର୍ବାଚନୀ ଉଷ୍ମତାକୁ ବଢ଼ାଇ ଦେଇଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଅପରାହ୍ନରେ ଓ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି ଯେ, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସନ୍ତାକାଲି ଅପରାହ୍ନରେ ୩ଟାରେ ଭୁବନେଶ୍ୱରରେ ପହଂଚି ଦଳୀୟ ଇସ୍ତାହାରକୁ ଲୋକାର୍ପଣ କରିବେ । ଶ୍ରୀ ନଡ୍ଡା ଅପରାହ୍ନ ସାଢ଼େ ୩ଟାରେ ଓଡ଼ିଶା ପାଇଁ ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି(ଇସ୍ତାହାର)କୁ ଶ୍ରୀ ନଡ୍ଡା ଲୋକାର୍ପଣ କରି ଫେରିଯିବାର କାର୍ଯ୍ୟକ୍ରମ ରହିଛି । ଦଳୀୟ ନିର୍ବାଚନୀ ଇସ୍ତାହାରକୁ 'ବିଜେପି ସଂକଳ୍ପ ପତ୍ର' ଆକାରରେ ଲୋକଙ୍କ ପାଖରେ ଉପସ୍ଥାପନ କରିବ ବୋଲି ସେ କହିଛନ୍ତି । ଶ୍ରୀ ନଡ୍ଡା ମାତ୍ର ଦେଢ଼ରୁ ଦୁଇ ଘଣ୍ଟା ପାଇଁ ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ରାତି ୯ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବ।

▶▶ପୃଷ୍ଠା ୭

# ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ପୁଲିସ ପର୍ଯ୍ୟବେକ୍ଷକ ପହଂଚିଲେ

ଝାରସୁଗୁଡ଼ା, ୦୪/୫ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ,ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ପୁଲିସ ପର୍ଯ୍ୟବେକ୍ଷକ ପହଂଚିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ଭାବରେ ୨୦୧୦ ବ୍ୟାଚର ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଜେ. ମଞ୍ଜୁନାଥ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବରେ ୨୦୧୦ ବ୍ୟାଚର ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଶଶିକାନ୍ତ ସିଂହ ଓ ୨୦୧୪ ବ୍ୟାଚର ଅଧିକାରୀ କ୍ରିଷ୍ଣମୂର୍ତ୍ତି ଏଟି ଏବଂ ୨୦୦୩ ବ୍ୟାଚ ଭାରତୀୟ ପୁଲିସ ସେବାର ବରିଷ୍ଠ ଅଧିକାରୀ ମୋଦକ ରାଜେଶ ଡି. ରାଓ ନିୟୋଜିତ ହୋଇଛନ୍ତି। ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟର ପ୍ରଥମ ମହଲାସ୍ଥିତ ତାଙ୍କ ପ୍ରକୋଷ୍ଠରେ ପ୍ରତ୍ୟେକ ବୁଧବାର ଓ ଗୁରୁବାର ଦିନ ଏବଂ ବରଗଡ଼ ସର୍କିଟ ହାଉସରେ ସୋମବାର, ମଙ୍ଗଳବାର ଓ ଶନିବାର ଦିନ ସାକ୍ଷାତ କରାଯାଇପାରିବ। ସେହିପରି ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ପାଇଁ ମୋବାଇଲ ନଂ ୯୪୩୭୮୧୧୯୫୩ ଓ ବରଗଡ଼ ସଂସଦୀୟ ନିର୍ବାଚନ ମଣ୍ଡଳୀ ସକାଶେ ୮୧୪୪୮୭୯୮୪୫ ଯୋଗେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ ଦାଖଲ କରାଯାଇପାରିବ । ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଧାର୍ଯ୍ୟ ତାରିଖରେ ଦିନ ୧୧ଟାରୁ ଆପରାହ୍ଣ ସାଢ଼େ ୧୨ଟା ମଧ୍ୟରେ ସାକ୍ଷାତ କରାଯାଇପାରିବ । ବ୍ରଜରାଜନଗର ଓ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ପାଇଁ ଝାରସୁଗୁଡ଼ା ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ସିଂହଙ୍କ ମୋବାଇଲ ନଂ ୯୯୬୯୧୦୫୪୫୦ ଓ ଶ୍ରୀ କ୍ରିଷ୍ଣମୂର୍ତ୍ତିଙ୍କ ମୋବାଇଲ ନଂ ୮୯୮୫୯୭୦୨୬୨ । ପୁଲିସ ପର୍ଯ୍ୟବେକ୍ଷକ ଶ୍ରୀ ମୋଦକ ଆର. ଡି. ରାଓଙ୍କ ମୋବାଇଲ ନଂ ୮୬୫୮୭୯୬୨୭୭।

# ଚାଲାଣ ପାଇଁ ପ୍ରସ୍ତୁତ ଚାଲିଥିବା ବେଳେ ଅବକାରୀ ଚଢ଼ାଉ: ୨୪୨ କିଗ୍ରା ଗଞ୍ଜେଇ ଜବତ ଜଣେ ଗିରଫ

କନ୍ଧମାଳ, ୦୪/୫ (ନି.ପ୍ର): ନିର୍ବାଚନ ଅବ୍ୟବହିତ ପୂର୍ବରୁ ଜିଲ୍ଲାରେ ଶୃଙ୍ଖଳିତ ନିର୍ବାଚନ ପାଇଁ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ର ସମ୍ବେଦନଶୀଳ ଅଂଚଳ ସମେତ ସମଗ୍ର କନ୍ଧମାଳରେ ଗାଡି ମୋଟର ତଲାସି ଏବଂ ଅବକାରୀ ଚଢ଼ାଉ ଜାରି ରହିଛି। ଗୁରୁବାର କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ବିଶ୍ୱସ୍ତ ସୁଚନା ପାଇବା ପରେ ଜିଲ୍ଲା ଅବକାରୀ ନିରୀକ୍ଷକ ଝାସକେତନ ବରିହାଙ୍କ ନିର୍ଦ୍ଦେଶ ରେ ଫୁଲବାଣୀ ଅବକାରୀ ସଦର ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗୋଛାପଡା ଥାନା ଅନ୍ତର୍ଗତ ପୁରେପଦର ଗାଁର ଚିତରଞ୍ଜନ ବିଶ୍ୱାଳ ଘରେ ଚଢାଉ କରିଥିଲା ଅବକାରୀ ବିଭାଗ। ଘର ପଛପଟେ ଥିବା ଏକ ବଗିଚା ରେ ୨୦ ଟି ପ୍ଲାଷ୍ଟିକ ବସ୍ତାରେ ୨୪୨ କିଲୋ ଗଞ୍ଜେଇ ଜବତ କରିଥିଲେ ଚଢାଉ କାରୀ ଟିମ୍। ଏହି ଗଞ୍ଜେଇ କୁ ଚାଲାଣ ପାଇଁ ପ୍ରସ୍ତୁତ ଚାଲିଥିବା ନେଇ ପଚରାଉଚରା ବେଳେ ଜଣାପଡିଛି। ଏହି ସଂକ୍ରାନ୍ତରେ ଅବକାରୀ ବିଭାଗ ଏକ ମାମଲା ୨୯/୨୪ ରୁଜୁ କରି ଚିତରଞ୍ଜନ ବିଶ୍ୱାଳ (୬୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି ବିଭାଗ। ଏହି ଚଢାଉ ରେ ଏସଆଇ ଭବାନୀ ଶଙ୍କର ସେଠୀ,ସୂଜିତ କୁମାର ମୁଦୁଲି, ଭୃଗୁପତି ଦିଗାଲ, ସଦାଶିବ ରଣା, ସଞ୍ଜିବ କହଁର, ମିନତି ଗୁଣ୍ଡିଆ ଏବଂ ସଚିନ ଗୁରୁ ପ୍ରମୁଖ ସାମିଲ ହୋଇଥିଲେ।

## ସମାଜସେବୀ ସରୋଜ କୁମାର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୦୪/୫ (ନି.ପ୍ର): ବିଶିଷ୍ଟ ସମାଜସେବୀ ତଥା ସାଂସ୍କୃତିକ ସଙ୍ଗଠକ ସ୍ୱର୍ଗୀୟ ସରୋଜ କୁମାର ଦାଶଙ୍କ ସ୍ମୃତିରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଉପସଭାପତି ଶିବନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଆୟୋଜିତ ସଭାକୁ ପ୍ରଫୁଲ୍ଲ କୁମାର ହୋତା ସଂଯୋଜନା କରିଥିବା ବେଳେ ଉତ୍ସର୍ଗ ପକ୍ଷରୁ ପ୍ରଶାନ୍ତ ପାଟଯୋଶୀ ଏବଂ ହୀରାଖଣ୍ଡ' ସାମ୍ମୁଖ୍ୟ ପକ୍ଷରୁ ରାମାନୁଜ ପଣ୍ଡା ଏବଂ ସାଂସ୍କୃତିକ ସମାଜର ସମ୍ପାଦକ ଡ ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ। ସଭାରେ ଉତ୍ସର୍ଗ, ପବ୍ଲିକ ଲାଇବ୍ରେରି, ବାର ଏସୋସିଏସନ,ବରିଷ୍ଠ ନାଗରିକ ପରିଷଦ, ଅନ୍ୟା, ଭାଗବତ ନନ୍ଦ ସ୍ମୃତି କମିଟୀ, ଯୁବଦୟନ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ଚିତ୍ରୋତ୍ପଳା ଯୁବକ ସଂଘ, ପଶ୍ଚିମାଂଚଳ ଏକତା ମଂଚ, ଜିଲ୍ଲା ସ୍କୁଲ ପୁରାତନ ଛାତ୍ରସଂସଦ, କଖଗ, ସମ୍ବଲପୁରୀ ଲେଖକ ପରିଷଦ, ସମ୍ବଲପୁର କଳା ପରିଷଦ, ସମ୍ବଳ, ଜୁହାର ପରିବାର, ଜ୍ୟୋତି, ଭୀମ ଭୋଇ ସାହିତ୍ୟ ସଂସଦ, ଓଷ୍ଟା, ଯାଦବ ସମାଜ,ଅଦୃଶ୍ୟ ନାଟ୍ୟ ଆଶ୍ରମ ଭଳି ବିଭିନ୍ନ ସାମାଜିକ, ସାଂସ୍କୃତିକ, ସାହିତ୍ୟ ଓ ନାଟ୍ୟାନୁଷ୍ଠାନରୁ ଶତାଧିକ କର୍ମକର୍ତା ଯୋଗଦେଇ ସ୍ୱର୍ଗତ ଦାଶଙ୍କୁ ଏକାଧାରରେ ଜଣେ ସମାଜସେବୀ, ରକ୍ତଦାତା, ନାଟ୍ୟକର୍ମୀ ଅଭିନେତା ଭାବରେ ଲୋକପ୍ରିୟ ଥିଲେ ବୋଲି କହିଥିଲେ। ସମାଜ ପ୍ରତି ସଚ୍ଚୋଟ ଭାବରେ ସେ ଜଣେ ସମର୍ପିତ ବ୍ୟକ୍ତି ଥିଲେ ବୋଲି ସଭାରେ ଆଲୋଚନା ହୋଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ସହ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ଆଲୋଚନା ଓ ଦାବିପତ୍ର ପ୍ରଦାନ

ବଲାଣି, ୦୪/୫ (ନି.ପ୍ର): ଭାରତୀୟ ମଜଦୁର ସଂଘ ସହିତ ଅନୁବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ବଲାଣି ଲୌହ ଖଣିର ଏକ ପ୍ରତିନିଧି ମଣ୍ଡଳ କେନ୍ଦ୍ର ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କ ସହ ବଡ଼ବିଲର ଏକ ଘରୋଇ ହୋଟେଲରେ ସୌଜନ୍ୟମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) କର୍ମଚାରୀଙ୍କ ଲମ୍ବିତ ପଡି ରହିଥିବା ବିଭିନ୍ନ ସମସ୍ୟା ସହିତ ବଲାଣି ଲୌହ ଖଣିରେ ରହିଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିବା ବେଳେ ଶ୍ରମିକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି ।

ସୂଚନାନୁସାରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ କୁଲସ୍ତେ ବଡ଼ବିଲ ଗସ୍ତରେ ଆସିଥିବା ବେଳେ ଶ୍ରମିକ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ତେବେ ଶ୍ରମିକ ସଂଘଠନ ପକ୍ଷରୁ ୮ ଦଫା ଦାବି ବିଶିଷ୍ଟ ଏକ ଦାବି ପତ୍ର ପ୍ରଦାନ କରାଯାଇଥିବା ଶ୍ରମିକ ସଂଘଠନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରମିକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ବଲାଣି ଖଣି କର୍ମଚାରୀଙ୍କ ଆବାସିକ ବାସଭବନ କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଜଳ ଉପଚାର ଯନ୍ତ୍ର(ୱାଟର ଟ୍ରିଟମେଂଟ ପ୍ଲାଂଟ), ଏରିୟର ସହିତ ୩୯ ମାସର ୱେଜ ରିଭିଜନ, ଡାସା କୁ ୮ପ୍ରତିଶତ ରୁ ୧୦ ପ୍ରତିଶତକୁ ବୃଦ୍ଧି, ଠିକା ଶ୍ରମିକଙ୍କୁ ରାତ୍ରକାଳୀନ ଓ ଖଣି ଭତା ପ୍ରଦାନ, ବଲାଣି ଖଣି ଡାକ୍ତରଖାନାରେ ଉନ୍ନତମାନର ଚିକସା ସୁବିଧା ପ୍ରଦାନ ସହିତ ବିଭିନ୍ନ ବିଭାଗରେ ଡାକ୍ତର ନିଯୁକ୍ତି, ପ୍ରଦର୍ଶନ ପ୍ରୋତ୍ସାହନ ରାଶି ଏବଂ ଠିକା ଶ୍ରମିକଙ୍କୁ କ୍ୱାର୍ଟର୍ ପ୍ରଦାନ ପ୍ରମୁଖ ଦାବି ରଖାଯାଇଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ବିଭିନ୍ନ ସ୍ଥାନୀୟ ସମସ୍ୟା ଉପରେ ପ୍ରତିନିଧି ମଣ୍ଡଳ କେନ୍ଦ୍ରମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ।

ଏହି ବୈଠକରେ ଶ୍ରମିକ ସଂଗଠନ ର ସଭାପତି ଦାରା ସିଂହ, ସହ ସମ୍ପାଦକ ପରମଜିତ ସିଂହ, ଉପସଭାପତି ସଞ୍ଜୟ ପ୍ରସାଦ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ମୁଣ୍ଡା, ସଦସ୍ୟ ସୁଜିତ କୁମାର ମିଶ୍ର, ଦେବାଶିଷ ବେହେରା, ମାନସ ପ୍ରଧାନ, କ୍ରିଷ୍ଣା ଚାତାର, ସୁରେଶ ମାଝୀ, କାର୍ତ୍ତିକେଶ୍ୱର ଦାସ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ନୃସିହ ମନ୍ଦିର ଦ୍ୱାରା ସାମୁହିକ ବ୍ରତୋପନୟନ କରାଯିବ

ବଲାଙ୍ଗୀର, ୦୪/୫ (ନି.ପ୍ର): ଆସନ୍ତା ବୈଶାଖ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ଅବସରରେ ବଲାଙ୍ଗୀର ସ୍ଥିତ ନୃସିଂହ ମନ୍ଦିର ମହନ୍ତ ମହାରାଜ ଓ ଗୁରୁଭାଇ ଭଉଣୀ ସେବା ସଂଘ ଆନୁକୁଲ୍ୟରେ ୨୧ଜଣ ବ୍ରାହ୍ମଣ ବାଳକମାନଙ୍କୁ ବିନା ଶୁଳ୍କରେ ବ୍ରତୋପନୟନ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଆସନ୍ତା ତା.୨୨.୦୫.୨୦୨୪ ବୁଧବାର ଦିନ ସନ୍ଧ୍ୟା ୬ ଘଂଟା ସମୟରେ ଚାରି କର୍ମ ଓ ୨୩ ତାରିଖ ଗୁରୁବାର ଦବା ୧୨ଟା ସମୟରେ ସାବିତ୍ରୀ ପ୍ରଦାନ କରାଯିବ। ଏଣୁ କମିଟି ଦ୍ୱାରା ବିନମ୍ର ଅନୁରୋଧ କରାଯାଇଅଛି ଯେ ନିୟମାନୁସାରେ ଇଚ୍ଛୁକ ବ୍ରାହ୍ମଣ ବାଳକମାନଙ୍କର ସହିତ ପିତାମାତା ନିଜ ବିଜର ଆଧାର କାର୍ଡ ଓ ଆବେଦନ ପତ୍ର ନୃସିଂହ ମନ୍ଦିର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟ ମଇ ୧୫ ପୂର୍ବରୁ ଦାଖଲ କରିବାକୁ ପଡିବ।

# କଂଗ୍ରେସ ସରକାରକୁ ଆସିଲେ ୫ ନ୍ୟାୟ ୨୪ ଗ୍ୟାରେଂଟି କାର୍ଯ୍ୟକାରୀ କରିବ

କେନ୍ଦ୍ରାପଡ଼ା, ୦୪/୫ (ନି.ପ୍ର): ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ନିର୍ଦ୍ଦେଶରେ ଆଜି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ତଥା ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ଦାଶ ଅତିଥି ପରିଚୟ ଓ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସଭାପତି ତଥା ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଲୋକନାଥ ମହାରଥୀ ପୌରହିତ୍ୟରେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓ ଯୋଗଦେଇ ଭାରତର ଜନନାୟକ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୫ ନ୍ୟାୟ ୨୪ ଗ୍ୟାରେଂଟିକୁ ନେଇ ସାମ୍ବାଦିକଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ କଂଗ୍ରେସ ସରକାରକୁ ଆସିଲେ ୫ ନ୍ୟାୟ ଯଥା ନାରୀ ନ୍ୟାୟ, ଚାଷୀଙ୍କୁ ନ୍ୟାୟ, ଯୁବବର୍ଗମାନଙ୍କ ପାଇଁ ନ୍ୟାୟ, ଭାଗିଦାରୀ ନ୍ୟାୟ, ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ କରାଯିବ। ଆଗାମୀ ନିର୍ବାଚନରେ କଂଗ୍ରେସ ଦଳ ୫ ନ୍ୟାୟ ୨୪ ଗ୍ୟାରେଂଟିକୁ ନେଇ ଜନସାଧାରଣଙ୍କ ପାଖରେ ପହଂଚିବ। ଏହି ଅବସରରେ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ ଜିଲ୍ଲାର ଆଂଚଳିକ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା,ସିଟି ହସ୍ପିଟାଲ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାଶିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, କେନ୍ଦ୍ରାପଡା କୃଷିଭିତିକ ଜିଲ୍ଲା ହୋଇଥିବାରୁ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପୁରଣ କରାଯିବାର ପ୍ରତିଶ୍ରୁତି ଦେଇଥିବା ବିଫଳ ବିଜେଡି ସରକାରକୁ ସାଧାରଣ ଜନତା ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ ଦେବେ। କଂଗ୍ରେସ ସରକାରକୁ ଆସିଲେ ଉକ୍ତ ଆଂଚଳିକ ସମସ୍ୟାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରର ପ୍ରଚାର କମିଟି ଅଧ୍ୟକ୍ଷ ସେକ ଜାହିର ମହମ୍ମଦ, ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନଗୋ, କେନ୍ଦ୍ରାପଡା ବିଧାୟିକା ପ୍ରାର୍ଥୀ ସିପ୍ରା ମଲ୍ଲିକ, ରାଜନଗର ବିଧାୟକ ପ୍ରାର୍ଥୀ ଅଶୋକ ପ୍ରତିହାରୀ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,ଚିନ୍ମୟ ପ୍ରସାଦ ବେଉରା ପ୍ରମୁଖ ରାଜ୍ୟରେ ଥିବା ବିଫଳ ବିଜେଡି ଏବଂ କେନ୍ଦ୍ରରେ ଥିବା ବିଜେପି ସରକାରଙ୍କ ସମାଲୋଚନା କରି ୨୪ ଗ୍ୟାରେଂଟି ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା ନେତୃବୃନ୍ଦ ମହାଲକ୍ଷ୍ମୀ ଯୋଜନାରେ ଗରିବ ପରିବାରରେ ଜଣେ ମହିଳାକୁ ବର୍ଷରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ନୂଆ ନିଯୁକ୍ତି ଯୋଜନାରେ ୫୦% ମହିଳା ସଂରକ୍ଷଣ। ଶକ୍ତିର ସମ୍ମାନ ଯୋଜନାରେ ଆଶା, ଅଙ୍ଗନବାଡି ଏବଂ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ମହିଳାମାନଙ୍କୁ କେନ୍ଦ୍ର ସରକାରଙ୍କର ତରଫରୁ ଦୁଇଗୁଣା ଦରମା ପ୍ରଦାନ, ମହିଳା ମାନଙ୍କୁ ଆଇନଗତ ଅଧିକାର ସହ ସୁପରିଚିତ କରେଇବାକୁ ସବୁ ଗ୍ରାମ ପଂଚାୟତରେ ଜଣେ ଅଧିକାର ମୈତ୍ରୀ। ସାବିତ୍ରୀବାଈ ଫୁଲେ ହଷ୍ଟେଲ ଯୋଜନାରେ କର୍ମଜୀବି ମହିଳାମାନଙ୍କ ପାଇଁ ହଷ୍ଟେଲ ସୁବିଧାକୁ ଦୁଇଗୁଣ କରାଯିବ। ଉଚିତ୍ ଦାମ ସ୍ୱାମୀନାଥନ୍ ଫର୍ମୁଲା ଅନୁସାରେ ଫସଲର ନିମ୍ନତମ ମୁଲ୍ୟ (ଏମଏସପି)କୁ ଆଇନଗତ ମାନ୍ୟତା।

## ବାଦି ପାଲା ମହୋତ୍ସବ

ଭୁବନ, ୦୪/୫ (ନି.ପ୍ର): ଭୁବନ ଏନ ଏ ସି ଅନ୍ତର୍ଗତ ଗାୟତ୍ରୀ ପାଲା ମଣ୍ଡପ ଠାରେ ସତ୍ୟନାରାୟଣ ପୂଜା କମିଟି ଆନୁକୂଲ୍ୟରେ ୩୬ ତମ ବାର୍ଷିକ ବାଦି ପାଲା ମହୋତ୍ସବ ଆରମ୍ଭ ହୋଇଛି । ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବାଦି ପାଲା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଗାୟକ ପୀୟୂଷ ସତ୍ୟ ନାରାୟଣ ଜେନା ଏବଂ ଗାୟକ ତତ୍ତ୍ୱ ବିଭୀଷଣ ଜୟକୃଷ୍ଣ ବଡଦଳେଇ ପାଲା ପରିବେଷଣ କରୁଛନ୍ତି । ସନ୍ଧ୍ୟା ୭ ଘଟିକା ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାଦି ପାଲା ଦେଖିବାକୁ ପ୍ରବଳ ଜନ ସମାଗମ ହେଉଛି । ସତ୍ୟ ନାରାୟଣ ପୂଜା କମିଟି ତରଫରୁ ଏହି କାର୍ଯ୍ୟକ୍ରମକୁ ହୃଷିକେଶ ସାହୁ, ନରେନ୍ଦ୍ର କୁମାର ସାହୁ, ଯୁବରାଜ ସାଥୁଆ ମହାପାତ୍ର, ବ୍ରହ୍ମାନନ୍ଦ ସାହୁ, ରତିକାନ୍ତ ସାହୁ, ଅଜୟ କୁମାର ସେଠୀ, ସୁରେଶ କୁମାର ସାହୁ, ଲଳିତ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ବିଶ୍ୱନାଥ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରୁଛନ୍ତି ।

# ଲୋଇସିଂହା ପାଇଁ ନିହାର ବେହେରା ନାମାଙ୍କନ ଭରିଲେ : ନବୀନଙ୍କ ଜନହିତକର କାର୍ଯ୍ୟ, ଅଂଚଳ ଲୋକଙ୍କ ଆଶିର୍ବାଦ ଆମର ବଳ

ବଲାଙ୍ଗିର, ୦୪/୫ (ନି.ପ୍ର): ଅଂଚଳର ହଜାର ହଜାର ସମର୍ଥକ ଲୋକଙ୍କ ଗହଣରେ ଆସି ଦେବାଦେବୀ ଓ ଲୋକନାଥ ବାବାଙ୍କ ଆଶିର୍ବାଦ ନେଇ ଆଜି ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳି(ସଂରକ୍ଷିତ ) ପାଇଁ ବିଜେଡି ଦଳର ବିଧାୟକ ପ୍ରାର୍ଥି ନିହାର ରଂଜନ ବେହେରା ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟା ନନ୍ଦ ସେଠୀଙ୍କ ପାଖରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ନିହାର କହିଛନ୍ତି ଯେ, ରାଜ୍ୟରେ ନବୀନ ସରକାରଙ୍କ ଜନହିତକାରୀ କାର୍ଯ୍ୟ, ଅଂଚଳ ଲୋକଙ୍କ ଆଶିର୍ବାଦ ହିଁ ଆମର ବଳ । ଲୋକମାନେ ନବୀନ ସରକାର ସହିତ ରହିଛନ୍ତି । ବିଗତ ଦିନରେ ଲୋଇସିଂହା ନିର୍ବାଚନ ମଣ୍ଡଳିରେ ରାଜ୍ୟ ସରକାରଙ୍କ ଅନେକଗୁଡିଏ ପ୍ରକଳ୍ପ କାମ ହୋଇଛି । କଂଗ୍ରେସର ଅବସ୍ଥା ଦୁର୍ବଳ ରହିଛି ଓ ବିଜେପି ବିଧାୟକଙ୍କ ସ୍ଥାଣୁତା ଯୋଗୁଁ ଭୋଟରମାନେ ବିଜେଡିକୁ ଭଲ ପାଉଛନ୍ତି ଓ ଆମକୁ ଭୋଟଦେବେ ବୋଲି ବିଜେଡି ବିଧାୟକ ପ୍ରାର୍ଥି ନିହାର ବେହେରା କହିଛନ୍ତି । ସ୍ଥାନୀୟ ପୃଥିରାଜ ହାଇସ୍କୁଲ ପଡିଆ ଠାରୁ ସେ ପ୍ରାୟ ୫ ହଜାର ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଥିଲେ । ନିହାରଙ୍କ ସହିତ ତାଙ୍କ ପତ୍ନୀ ଅନୁପମା ବେହେରା, ବିଜେଡିର ସାଂସଦପ୍ରାର୍ଥି ସୁରେନ୍ଦ୍ର କୁମାର ସିଂଭୋଇ, ତାଙ୍କର ପିତା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଓ ମାତା ଜିଲ୍ଲାପରିଷଦର ଅଧ୍ୟକ୍ଷା ଦେବକୀ ସାହୁ, ଯୁବନେତା ଆକାଶ ମିଶ୍ର, ବିଧୁଭୂଷଣ ତ୍ରୀପାଠୀ, ସତ୍ୟ ପତି, ଲୋଇସିଂହା ବ୍ଲକଅଧ୍ୟକ୍ଷ ଜତିନ ପଟେଲ, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନୀରୁପମା ପଧାନ, ଜିଲ୍ଲାପରିଷଦ ସଭ୍ୟା ବିଣାପାଣି ଦାସ, ଲିଲିମା ବେହେରା, ସଂଜୁକ୍ତା ବରିହା, ସବିତା ସେଠ, ଆଠଗାଁ ସମିତିସଭ୍ୟା ବବିତା ପୁଟେଲ, ବଡ ଭାଇ ରାମଚନ୍ଦ୍ର ବେହେରା, ମହିଳା ନେତ୍ରୀ ଜ୍ୟୋସ୍ନାମୟୀ ନାଗ, ଲୋଇସିଂହା ବିଜେଡି ବ୍ଲକସଭାପତି ହୃଦାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଂଚୁପଧାନ, ନିଲେଶ ଅଗ୍ରୱାଲ, ପୁଇଁତଲା ବ୍ଲକ ସଭାପତି ବିଷ୍ଣୁ ପଟେଲ, ବିଜୟ ବାବୁ, ଯୁବନେତା ବଂଟି ପ୍ରତାପ ପଧାନଙ୍କ ସମେତ ହଜାର ହଜାର ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆଠାରୁ ବାହାରି ମହାଦେବ ମନ୍ଦିରଛକ, ପାଟଣାଛକ, ମୁଖ୍ୟବଜାର, ସରକାରୀ ବସଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲା । ସେଠାରେ ଲୋଇସିଂହା ନିର୍ବାଚନମଣ୍ଡଳିର ରିଟର୍ଣ୍ଣିଂ ଅଫିସର ଥିବା ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟକୁମାର ସେଠୀଙ୍କ ପାଖରେ ନିହାର ତାଙ୍କର ଦୁଇସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରକାଶ ଯେ, ବିଜେଡିର ବିଧାୟକପ୍ରାର୍ଥି ହୋଇଥିବା ନିହାର ବେହେରାଙ୍କ ବାପା ଯୋଗେନ୍ଦ୍ର ବେହେରା ଟିଟିଲାଗଡରୁ ୪ ଥର ଓ ଲୋଇସିଂହାରୁ ବିଧାୟକ ହୋଇଥିଲେ । ଲୋଇସିଂହାରେ ବିଧାୟକ ଥିବା ବେଳେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ମନ୍ତ୍ରୀ ମଧ୍ୟ ଥିଲେ । କିନ୍ତୁ, ଗତ ୨୦୧୯ ମସିହାରେ ସେ ନିଜେ ଛିଡା ନହୋଇ ତାଙ୍କ ପୁଅ ନିହାର ପାଇଁ ଟିକେଟ ମାଗିଥିଲେ । ଦଳ ସେତେବେଳେ ନିହାରଙ୍କୁ ଟିକେଟ ଦେଲା ନାହିଁ । ଫଳରେ ଲୋଇସିଂହାରେ ବିଜେଡି ଦଳ ପରାଜିତ ହୋଇଥିଲା ଓ ବିଜେପି ଆସନ ନେଇଯାଇଥିଲା। ଗତ ୫ ବର୍ଷ ହେଲା ନିହାର ଲୋଇସିଂହା ଲୋକଙ୍କ ସହିତ ସମ୍ପର୍କ ରଖି ଦଳୀୟ ସଂଗଠନକୁ ସମ୍ଭାଳିଥିଲେ । ତେଣୁ ଚଳିତ ଥର ତାଙ୍କୁ ଟିକେଟ ଦିଆଯାଇଛି ।

# ସରକାରୀ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି ସେଲ୍ କମ୍ପାନୀର ଠିକାଦାର : ପ୍ରବଳ ଖରାରେ କାର୍ଯ୍ୟ କରୁଛନ୍ତି ଶ୍ରମିକ

ବଲାଣି, ୦୪/୫ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ପୂର୍ବାହ୍ନ ୧୧ ଟା ସମୟ ଠାରୁ ଅପରାହ୍ନ ୩ ଟା ସମୟ ପର୍ଯ୍ୟନ୍ତ ଶ୍ରମିକଙ୍କୁ ନିୟୋଜିତ କରିବାକୁ ବାରଣ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶର ଅବମାନନା ହେଲେ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଆଇନ ବଳରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି ନିର୍ଦ୍ଦେଶନାମା ଖଣି ଅଞ୍ଚଳ ବଲାଣିରେ ପ୍ରହସନ ପାଲଟିଛି । କେନ୍ଦୁଝର ଜିଲ୍ଲାର ସଦର ମହକୁମା ବ୍ୟତୀତ ବିଭିନ୍ନ ସ୍ଥାନରେ ତାପମାତ୍ରା ସପ୍ତାହବ୍ୟାପୀ ହେଲା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଜିଲାର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ଦିନକୁ ଦିନ ବୃଦ୍ଧି ପାଉଛି । ତେବେ ଏଭଳି ଭୀଷଣ ଗରମରେ, ସରକାରଙ୍କ ନିର୍ଦ୍ଦେଶନାମା କୁ ବେଖାତିର କରି ବଲାଣି ଖଣିରେ ନିୟୋଜିତ ଠିକାଦାର ଶ୍ରମିକଙ୍କୁ ବାରଣ କରାଯାଇଥିବା ସମୟରେ ଟାଣ ଖରାରେ କାର୍ଯ୍ୟ କରିବାକୁ ବାଧ କରୁଥିବା ନେଇ ଅଭିଯୋଗ ହେଉଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଖଣିର ସମ୍ପୃକ୍ତ ବିଭାଗ ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେଉନାହିଁ । ବଲାଣି ଖଣିର ପ୍ରକଳ୍ପ(ପ୍ରୋଜେକ୍ଟ) ବିଭାଗ ପକ୍ଷରୁ ଡିଏଭି ବଲାଣି ନିକଟରେ କର୍ମଚାରୀଙ୍କ କଲୋନୀ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏଠାରେ ନିୟୋଜିତ ଠିକାଦାର ସରକାରଙ୍କ ଦ୍ୱାରା ବାରଣ କରାଯାଇଥିବା ସମୟରେ ଶ୍ରମିକଙ୍କୁ କାମ କରିବାକୁ ବାଧ କରୁଛନ୍ତି । ସେତିକି ନୁହଁ ଏହି କାର୍ଯ୍ୟରେ ସୁରକ୍ଷାକୁ ଅଣଦେଖା କରାଯାଉଥିବାର ଅଭିଯୋଗ ହେଉଛି । ଏହା ବ୍ୟତୀତ ସିଭିଲ ବିଭାଗର ବିଭିନ୍ନ କାର୍ଯ୍ୟରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଛି । ବିଭିନ୍ନ ଠିକାଦାର ସରକାରଙ୍କ ନିର୍ଦ୍ଦେଶ କୁ ପାଳନ କରୁନଥିବା ବେଳେ ସଂପୃକ୍ତ ବିଭାଗ ମୌନ ରହିବା ଦ୍ୱାରା ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହିଛି । ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଇନ ଅନୁସାରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଆସନ୍ତା ଏଗାର ତାରିଖ ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, ୦୪/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ତା ୧୧.୦୫.୨୦୨୪ ରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି । ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ଫୌଜଦାରି, (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ସୂଚନାରୁ ଆଉ ମଧ୍ୟ ଜଣାପଡ଼ିଛି ଯେ, କେବଳ ବିଚାରାଧିନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ( କଚେରୀରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ । ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୋଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡ଼ାନ୍ତ ଏବଂ ଅମଳଯୋଗ୍ୟ । ଯଦି କୋଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ୍ ଆଇନସେବା କାର୍ଯ୍ୟାଳୟ ସହ କିମ୍ବା ଟେଲିଫୋନ୍ ନଂ (୦୬୮୪୨) ୨୫୪୦୩୧ ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

# 'ମତଦାନ ହାର ବୃଦ୍ଧି ପାଇଁ ସଚେତନତା ସୃଷ୍ଟିରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ : ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୦୪/୫ (ନି.ପ୍ର): ଚଳିତ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ସମସ୍ତ ନାଗରିକ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆହ୍ୱାନ ଦେଇଛନ୍ତି । ଛାତ୍ରଛାତ୍ରୀମାନେ ଆଗାମୀ ଦିନର କର୍ଣ୍ଣଧାର ଓ ଗଣତନ୍ତ୍ରର ସୁରକ୍ଷାର ଧାରକ ହୋଇଥିବାରୁ ରାଜ୍ୟରେ ମତଦାନ ବୃଦ୍ଧି ଦିଗରେ ସଚେତନତା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ସେ କହିଛନ୍ତି । ଶୁକ୍ରବାର ଦିନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସାଇ ଇଂଟରନେସ୍ନାଲ୍ ରେସିଡେନ୍ସିଆଲ ସ୍କୁଲ, କଟକର ଛାତ୍ରଛାତ୍ରୀମାନଙ୍କ ସହ ବାର୍ତାଳାପ କରିବା ଅବସରରେ ଶ୍ରୀ ଧଳ ଏହା କହିଛନ୍ତି। ଶ୍ରୀ ଧଳ କହିଛନ୍ତି ଯେ ମତଦାନ ହେଉଛି ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ମହାନ ପର୍ବ । ଏହି ପର୍ବରେ ସମସ୍ତ ନାଗରିକ ସାମିଲ ହେବା ଦରକାର। ସମସ୍ତ ନାଗରିକ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହେବା ସହ ଦେଶ ସଶକ୍ତ ହେବ। ମୁଖ୍ୟତଃ ଯେଉଁମାନେ ଉଦାସୀନତା କାରଣରୁ ମତଦାନରୁ ବିରତ ରହୁଛନ୍ତି ସେମାନଙ୍କୁ ସଚେତନ କରାଇବା ଦରକାର । ଏଣୁ ଛାତ୍ରଛାତ୍ରୀମାନେ ନିଜ ବାପାମାଆ, ପରିବାରର ଅନ୍ୟ ସାବାଳକମାନଙ୍କୁ ଧାର୍ଯ୍ୟ ତାରିଖରେ ମତଦାନ କେନ୍ଦ୍ରକୁ ଯାଇ ମତଦାନ କରିବା ନିମନ୍ତେ ପ୍ରବର୍ତାଇବାକୁ କହିଥିଲେ। ଶ୍ରୀ ଧଳ ପୁଣି କହିଥିଲେ ଯେ ଦେଶରେ ଭାରତ ନିର୍ବାଚନ ଆୟୋଗ ଭୋଟ ହାର ବୃଦ୍ଧି ପାଇଁ ବହୁବିଧ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ଏସ୍‌ଭିଇଇପି) ଜରିଆରେ ବିଭିନ୍ନ ପ୍ରକାର ଭୋଟର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଯୁବ ଭୋଟର, ମହିଳା, ଭିନ୍ନକ୍ଷମ ଭୋଟର, ଆଦିମ ଜନଜାତି ସମୂହ ତଥା ବରିଷ୍ଠ ମତଦାତାଙ୍କୁ ମତଦାନ ପ୍ରତି ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏପରିକି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଯେଉଁମାନେ ମତଦାନ କେନ୍ଦ୍ରକୁ ଆସିବା ପାଇଁ ଅସମର୍ଥ ହେବେ, ସେମାନଙ୍କ ପାଇଁ ହୋମ୍ ଭୋଟିଂ ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମମାନଙ୍କ ପାଇଁ ମତଦାନ କେନ୍ଦ୍ରରେ ହୁଇଲ୍‌ଚେୟାର ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ରରେ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯିବ। ମତଦାନ ବୃଦ୍ଧି ପାଇଁ ନାଗରିକମାନଙ୍କ ମନରେ ଉତ୍ସାହ ଜାଗ୍ରତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିବା ଭୋଟର ସଚେତନତା ସଂଗୀତ ଛାତ୍ରଛାତ୍ରୀମାନଙ୍କୁ ଶୁଣାଯାଇଥିଲା । ଏତଦ୍‌ବ୍ୟତୀତ ବୁଥ୍‌ସ୍ତରୀୟ ଅଧିକାରୀ ମାସ୍କଟ 'ମିତା ଦିଦି' ଜରିଆରେ କିପରି ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ଅବତାରଣା କରିଥିଲେ । ଗ୍ରାମାଂଚଳରେ ମତଦାନ ହାର ଉତ୍ସାହଜନକ ଥିବାବେଳେ ଭୁବନେଶ୍ୱର ସମେତ ଅନ୍ୟ ସହରାଞ୍ଚଳରେ ମତଦାନ ହାର କମ୍ ରହୁଛି । ଭୁବନେଶ୍ୱର ସହରାଞ୍ଚଳରେ ମତଦାନ ହାର ବୃଦ୍ଧି ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତ ମଇ ୨୫ ତାରିଖ ଦିନ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ଗ୍ରହଣ କରାଯିବ । ଏଣୁ ସମସ୍ତେ ଯେପରି ମତଦାନ କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ମଇ ୨୦୨୪
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୫୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ରାବଣର କଥା ଶୁଣି ମୁଁ ଅତ୍ୟନ୍ତ କ୍ରୋଧିତ ହୋଇ କହିଥିଲି "ରାବଣ, ତୋ ଆଜ୍ଞାରେ ସୂର୍ଯ୍ୟ ଚନ୍ଦ୍ର ତାଙ୍କର ଗତିପଥ ବଦଳାଇ ପାରନ୍ତି, ହିମାଳୟ ଉତ୍ତରରୁ ଦକ୍ଷିଣକୁ ଯାଇପାରେ ହେଲେ ଏ ସୀତା ପିଣ୍ଡରେ ପ୍ରାଣଥିବା ପର୍ଯ୍ୟନ୍ତ ସେ ଗୋଟାଏ କଥା ମନେ ରଖିଥିବ, ଏ ମୁଣ୍ଡରେ ଯିଏ ପ୍ରଥମ ସିନ୍ଦୂର ପିନ୍ଧାଇ ଦେଇଛନ୍ତି ତାଙ୍କ ବ୍ୟତିରେକେ ଅନ୍ୟ କାହାରିକୁ ମୁଁ ଘୃଣାରେ ମଧ ଦେଖିପାରିବି ନାହିଁ । ତୋର ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, କ୍ଷମତା, ପ୍ରତିପତ୍ତିକୁ ମୁଁ ଶତ ପଦାଘାତ କରେ । ମୃତ୍ୟୁ ତୋର ଅତି ନିକଟ ହୋଇ ଆସିଲାଣି ଦଶାନନ । ଯଦି ମୋତେ ସସମ୍ମାନେ ମୋ ସ୍ୱାମୀଙ୍କ ନିକଟରେ ପହଞ୍ଚାଇ ଦେଇ ତାଙ୍କ ପାଦତଳେ ପଡ଼ି କ୍ଷମା ଭିକ୍ଷା କରୁ, ତାହେଲେ ହୁଏତ ସେ ତୋତେ କ୍ଷମାକରି ଦେଇପାରନ୍ତି, ତା ନହେଲେ...."

ମୃତ୍ୟୁ ମୋର ଅନିବାର୍ଯ୍ୟ, ଏହିକଥା ତୁମେ କହିବାକୁ ରହିଁ ତ ସୀତେ । ସେଥିପାଇଁ ମୋର ଭୟ ନାହିଁ । ତୁମ ସ୍ୱାମୀ ସହିତ ମୋର ମହାସମର ହେବ । ସେଥିରେ ତୁମ ସ୍ୱାମୀ ମରିବେ ବା ମୁଁ ମରିବି । ସେ କଥା ସମୟ କହିବ। ଏବେ ଆସ ତୁମକୁ ସସମ୍ମାନେ ମୁଁ ମୋ ଅଶୋକବାଟିକାରେ ସ୍ଥାନ ଦେବି । ଏହାକହି ସେ ତା' ରଥକୁ ଆଣି ଅଶୋକବାଟିକାରେ ଅବତରଣ କରାଇଥିଲା ।

ବିମାନ ଅବତରଣ କରନ୍ତେ ଅନେକ ଅସୁରୁଣୀ ପରିଚାରିକା ସେ ସ୍ଥାନକୁ ଧାଇଁ ଆସିଥିଲେ । ସେମାନଙ୍କ ମଧ୍ୟରୁ ତ୍ରିଜଟା ନାମକ ଏକ ଅସୁରୁଣୀକୁ ପାଖକୁ ଡାକି ଲଙ୍କପତି ଆଦେଶ ଦେଇଥିଲେ "ତ୍ରିଜଟା ଏ ମହିୟସୀ ନାରୀ ହେଉଛନ୍ତି ତୋ ପ୍ରଭୁଙ୍କର ସବୁଠାରୁ ମାନ୍ୟଗଣ୍ୟା ଅତିଥି । ଯାଙ୍କ ନାମ ହେଉଛି ସୀତା । ଏ ଜନକ ରାଜାଙ୍କର କନ୍ୟା । ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମର ଅର୍ଦ୍ଧାଙ୍ଗିନୀ । ପଞ୍ଚବଟୀରୁ ମୁଁ ଏହାକୁ ହରଣ କରି ଆଣିଛି । ତୁ ଅନ୍ୟ ପରିଚାରିକାଙ୍କ ସହିତ ଏ ଅତିଥିଙ୍କର ସେବା ଶୁଶ୍ରୁଷା କରିବୁ । ଯାଙ୍କର ଯାହା ଯେତେବେଳେ ଦରକାର ସବୁ ତାଙ୍କ ମନ ଜାଣି ଯୋଗାଇ ଦେଉଥିବୁ । ମନେରଖ ଆତିଥ୍ୟରେ ଯେମିତି ତିଳେ ଅବହେଳା ନହୁଏ । ବ୍ୟତିକ୍ରମ ହେଲେ ତୁ ମୃତ୍ୟୁଦଣ୍ଡ ପାଇବୁ । ମୋ ବ୍ୟତିରେକେ ଅନ୍ୟ କାହାରିକୁ ଯାଙ୍କ ପାଖକୁ ଆସିବାକୁ ଦେବୁନାହିଁ। ଦୈନିକ ଥରଟିଏ ଆସି ମୁଁ ଯାଙ୍କୁ ଦେଖିଯିବି । ଆତିଥ୍ୟ ସେବା ପାଇଁ ଯାହା ଯାହା ଦରକାର ସେ ସବୁକୁ ତୁ ରାଜ ଅନ୍ତଃପୁରରୁ ଯାଇ ନେଇ ଆସିବୁ । ମନେରଖ ମୋ ଆଦେଶର ଯେମିତି ତିଳେମାତ୍ର ତ୍ରୁଟି ନହୁଏ । ଅମାନ୍ୟ କଲେ ତୋ ପାଇଁ ମୃତ୍ୟୁଦଣ୍ଡ ।"

ଅସୁରୀ ତ୍ରିଜଟାକୁ ଏହି ଆଦେଶ ଦେଇ ରାବଣ ସେଠାରୁ ବିଦାୟ ନେଇ ଯାଇଥିଲା । ଅଶୋକ କାନନର ସୁରକ୍ଷାରେ ଥିବା ନାରୀମାନେ ମୋ ମୁହଁକୁ ଅନାଇ ରହିଥାନ୍ତି । ସେମାନଙ୍କୁ ଅନାଇ ମୁଁ ଦୁଇ ନେତ୍ରରୁ ଝରାଉଥାଏ ବାରିଧାରା । ମୋ ତୁଣ୍ଡରେ ଭାଷା ନଥାଏ । ମୋ ପାଖକୁ ଆସି ତ୍ରିଜଟା ପ୍ରଶ୍ନ କରିଥିଲେ "ଦେବୀ ସୀତେ! କ'ଣ ପାଇଁ ତୁମର ଏ ଅବସ୍ଥା । ଲଙ୍କାଧିଶ କ'ଣ ପାଇଁ ତୁମକୁ ପଞ୍ଚବଟୀରୁ ଉଠାଇ ଆଣିଲେ ? ତୁମେ ରାଜକନ୍ୟା, ରାଜବଧୂ ହୋଇ ଅରଣ୍ୟରେ କ'ଣ କରୁଥିଲ ? ତୁମ ସ୍ୱାମୀ କ'ଣ ତୁମ ପାଖରେ ନଥିଲେ କି ଦେବୀ ?"

ତ୍ରିଜଟା ଅସୁରୁଣୀର କଥାଗୁଡ଼ିକ ମୋତେ ସାମାନ୍ୟ ଆଶ୍ୱାସନା ଦେଇଥିଲା । ମୁଁ ଭୋ ଭୋ ହୋଇ କାନ୍ଦି ତା ଛାତିରେ ଲୋଟି ଯାଇ କହିଥିଲି, ମୋର ମନ୍ଦବୁଦ୍ଧି ପାଇଁ ମୁଁ ଏ ଯାତନା ଭୋଗିଲି ମା' । ମୁଁ ରାଜକନ୍ୟା, ରାଜବଧୂ ହେଲେବି ମୋ ସ୍ୱାମୀ ତାଙ୍କ ପିତାଙ୍କ ସତ୍ୟବଚନ ରକ୍ଷାକରି ଚଉଦବର୍ଷ ବନବାସୀ ହୋଇଛନ୍ତି । ତାଙ୍କ ସହିତ ସ୍ତ୍ରୀ ଧର୍ମ ପାଳନ କରି ମୁଁ ବନବାସିନୀ ହୋଇଛି । ମୋ କର୍ମ ବିପାକରୁ ଆଜି ଏକ ସ୍ୱର୍ଣ୍ଣହରିଣୀର ଲୋଭରେ ପଡ଼ି ତାକୁ ଧରିବା ପାଇଁ ମୋ ସ୍ୱାମୀ ଦିଅରଙ୍କୁ ପଠାଇ ଦେଇଥିଲି । ସେହି ଅବସରରେ ମହାପାପୀ ରାବଣ ସନ୍ନ୍ୟାସୀର ଛଦ୍ମବେଶ ଧାରଣ କରି ଭିକ୍ଷାମାଗି ଆସନ୍ତେ ମୁଁ ତାକୁ ଭିକ୍ଷା ଦେବା ସମୟରେ ସେ ମୋତେ ବଳପୂର୍ବକ ଉଠାଇ ଆଣିଛି ।

ମୋ କଥା ଶୁଣି ତ୍ରିଜଟାର ହୃଦୟ ତରଳି ଯାଇଥିଲା । ମୋ ଚକ୍ଷୁରୁ ଲୋତକ ପୋଛି ଦେଇ ସେ କହିଥିଲା, "ମାଆଲୋ ତୁ ଏମିତି ଦୁର୍ବୁଦ୍ଧି କଲୁ କାହିଁକି ? କାହିଁକି ସୁନାହରିଣୀର ମୋହରେ ପଡ଼ି ସ୍ୱାମୀ ଦିଅରଙ୍କୁ ଦୂରକୁ ପଠାଇଦେଲୁ ? ସେମାନେ ଫେରି ତୋତେ ଖୋଜୁଥିବେ ନିଶ୍ଚୟ। ତୋତେ ନପାଇ ସେମାନେ କେତେ କଷ୍ଟ ପାଉଥିବେ ।"

ତ୍ରିଜଟାର ସାନ୍ତ୍ୱନାମୂଳକ କଥା ଶୁଣି ମୁଁ ଜାଣିପାରିଲି ଅସୁରୀ ହେଲେ ମଧ ସେ ଏତେ ନିର୍ଦ୍ଦୟା ନୁହେଁ । ମନର କୋହକୁ ସମ୍ବରଣ କରିନେଇ ମୁଁ ପଚାରିଥିଲି ମୁଁ ଏବେ କ'ଣ କରିବି ମା' । ମୋତେ କିଛି ବୁଦ୍ଧି ଦିଶୁନାହିଁ । ମୋ କଥା ଶୁଣି ସେ କହିଥିଲେ ତୁ କିଛି ଭୟ କରନା ମା' । ତୋତେ ଆମ ରାଜା ଆଣି ମୋ ଜିମାରେ ଛାଡ଼ି ଦେଇ ଯାଇଛନ୍ତି । ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ଥିଲେ ସେ କେବେବି ତୋତେ ଏଠାରେ ଛାଡ଼ି ଯାଇ ନଥା'ନ୍ତେ । ସେ ଯେ କାହିଁକି ତୋତେ ହରଣ କରି ଆଣିଲେ ତାହା ମୁଁ ଜାଣିପାରୁ ନାହିଁ । ଲଙ୍କାଧିଶ ପ୍ରବଳପ୍ରତାପୀ, ମହାଯୋଧା ତାଙ୍କୁ ଦେବ, ଦାନବ ମାନବ ସମସ୍ତେ ଭୟରେ ଡରନ୍ତି । ଦେବତାମାନେ ତାଙ୍କ ନିକଟରେ କିଙ୍କର । ହେଲେ ମାଆ ସେ କେବେ କୌଣସି ନାରୀ ପ୍ରତି ଅସମ୍ମାନ ପ୍ରଦର୍ଶନ କରିନାହାନ୍ତି । ତାଙ୍କ ପତ୍ନୀ ମନ୍ଦୋଦରୀ ବ୍ୟତିରେକେ ସେ ଅନ୍ୟ ରମଣୀଙ୍କୁ ଅନାନ୍ତି ନାହିଁ । ସେ ଯେ କାହିଁକି ଏପରି କଲେ... । ଯା ମୂଳରେ କିଛି ମହତ୍ ଉଦ୍ଦେଶ୍ୟ ନିହିତ ଅଛି ନିଶ୍ଚୟ ।

ତ୍ରିଜଟା କଥା ଶୁଣି ମୁଁ କ୍ରୋଧିତ ହୋଇ କହିଥିଲି ପର ନାରୀକୁ ଅସମ୍ମାନ କରିବା ଅପହରଣ କରିବା କ'ଣ ରାବଣର ମହାନତା ।

ନାଁ ଦେବୀ ତାହା ଉଚିତ୍ ନୁହେଁ । କ'ଣ ସେ ରହାନ୍ତି ତାହା ତାଙ୍କୁ ହିଁ ଜଣା । ମୁଁ ତାଙ୍କର ଆଜ୍ଞାବହନକାରୀ ଦାସୀ । ତୁମ ଦାୟିତ୍ୱ ସେ ମୋ ଉପରେ ଦେଇ ଯାଇଛନ୍ତି । ଚାଲ ସୀତେ ଏ ଅଶୋକବନର ଅତିଥିଶାଳାକୁ ମୁଁ ତୁମକୁ ନେଇଯିବି।

ତ୍ରିଜଟାର କଥାରେ ପ୍ରତିବାଦ କରି ମୁଁ କହିଥିଲି ନାଁ ମୁଁ କୌଣସି ଗୃହରେ ଅବସ୍ଥାନ କରିବି ନାହିଁ । ମୋ ସ୍ୱାମୀ ଅରଣ୍ୟର ବୃକ୍ଷମୂଳରେ ପତ୍ରକୁଡ଼ିଆରେ ରହୁଥିବାବେଳେ ମୁଁ କୌଣସି ବିଳାସପୂର୍ଣ୍ଣ ଗୃହରେ ରହିପାରିବି ନାହିଁ । ଏହି ଯେ ବିଶାଳ ଅଶୋକବୃକ୍ଷ । ଯା ତଳେ ସୁନ୍ଦର ବେଦୀଟିଏ ନିର୍ମାଣ ହୋଇଛି । ମୁଁ ଏହି ଅଶୋକ ବେଦୀ ମୂଳରେ ଅବସ୍ଥାନ କରିବି ।

ମୋ କଥା ଶୁଣି ତ୍ରିଜଟା କହିଥିଲା ଦେବୀ ସୀତେ! ଏଠାରେ ଖରା, ବର୍ଷା, ଶୀତ, ପବନ ଲାଗି ରହିବ । ଏ ସ୍ଥାନରେ ତୁମେ ରହିବ କେମିତି ? ଏକଥା ଲଙ୍କପତି ଜାଣିଲେ ମୋତେ ଦଣ୍ଡିତ କରିବେ ନିଶ୍ଚୟ ।

ତୁମ ଲଙ୍କପତିଙ୍କୁ କହିଦିଅ, ସୀତାର ଏକାନ୍ତ ଜିଦ୍ ସେ ଏହି ଅଶୋକବୃକ୍ଷ ତଳେ ଆଶ୍ରୟ ନେବ। ଖରା, ବର୍ଷା, ଶୀତକୁ ମୋର ଭୟ ନାହିଁ । ଏହିଠାରେ ବସି ମୁଁ ମୋ ସ୍ୱାମୀଙ୍କୁ ପ୍ରତୀକ୍ଷା କରି ରହିବି । ଯେଉଁଦିନ ସେ ଲଙ୍କାକୁ ଆସି ଏ ପାପୀ ରାବଣକୁ ସଂହାର କରି ମୋତେ ଏଠାରୁ ଉଦ୍ଧାର କରି ନେବେ, ସେହିଦିନ ମୁଁ ଏ ଅଶୋକ ମୂଳ ତ୍ୟାଗ କରିବି । ଅନ୍ୟଥା ନୁହେଁ ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

# ଜଳୁଛି, ଜଳିବ



**ସୁବ୍ରତ ପଟ୍ଟନାୟକ**

ସାରା ଓଡ଼ିଶା ଏବେ ତତଲା ତାଓ୍ୱା। ଆକାଶରୁ ବର୍ଷୁଚି ନିଆଁ। ତାତିରେ ଫୁଟୁଚି ଖଇ। ବର୍ଷା ବଦଳରେ ବଜ୍ରପାତ, କାଳ ବୈଶାଖୀ। ଜଙ୍ଗଲରେ ଚରୁଚି ନିଆଁ। ପାଣି ମୁନ୍ଦାଏ ପାଇଁ ଲୋକେ ତହଲ ବିକଳ। ଅଂଶୁଘାତରେ ଛଟପଟ। ଇୟେ ଓଡ଼ିଶାର ଖରାର ମାନଚିତ୍ର।

ପାଣିପାଗ ବିଶେଷଜ୍ଞ ମତ ଦେଇଛନ୍ତି- ୨୦୨୪ ମଇ ୧୦ ତାରିଖରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଜାରୀ ରହିବ ଗ୍ରୀଷ୍ମ ପ୍ରବାହ। ପାରଦ ରହିବ ୪୦ ଡିଗ୍ରୀ ସେଲସିୟସ ଉପରେ। ଆଠ ଦଶଟି ସହରର ତାପମାତ୍ରା ଟପିବ ୪୫ ଡିଗ୍ରୀ ଉପରେ। ସେସବୁ ସ୍ଥାନରେ ବୁଡ଼ିବ ଲୋକଙ୍କ ଭେକାଳ। ବର୍ଷାର ଅଭାବ, ତାପମାତ୍ରା ବୃଦ୍ଧି ଓ ଭୂତଳ ଜଳସ୍ତର ହ୍ରାସ ସୃଷ୍ଟି କରୁଚି ବିଷମ ପରିସ୍ଥିତି। ବଦଳି ଯାଉଚି ପାଣିପାଗ ମାନଚିତ୍ର। ଜଙ୍ଗଲରେ ବ୍ୟାପୁଚି ନିଆଁ। ଧ୍ୱଂସ ପାଉଚି ସବୁଜ ଜଙ୍ଗଲ। ବିରଳ ଜୀବଜନ୍ତୁ ପୋଡ଼ି କଳାକାଠ ପାଲଟୁଛନ୍ତି। ବଜ୍ରପାତ ନେଉଚି ମଣିଷର ପ୍ରାଣ।

ତେବେ, ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସରକାର ଓ ପ୍ରଶାସନ କଳ ଜାରି ରଖିଛନ୍ତି ନିରବଚ୍ଛିନ୍ନ ପ୍ରୟାସ। ବିଜ୍ଞାପନ ଓ ପ୍ରଚାରରେ ରହିଛି ଅଂଶୁଘାତର ମୁକାବିଲା ଲାଗି ସତର୍କତା ମୂଳକ ପଦକ୍ଷେପ। ଦିନ ୧୧ଟାରୁ ୩ଟା ମଧ୍ୟରେ ଖରାରେ ପଦାକୁ ନବାହାରିବାକୁ କରାଯାଇଛି ଅନୁରୋଧ। ଜରୁରୀ କାର୍ଯ୍ୟ ଥିଲେ, କଳା ଚଷମା, ଛତା, ଟୋପିର ବ୍ୟବହାର ସହିତ ଥଣ୍ଡା ପାଣି, ସର୍ବତ, ତୋରାଣି, ପ୍ରଚୁର ପରିମାଣରେ ପିଇବାକୁ ପରାମର୍ଶ ଦିଆଯାଇଛି। ସବୁ ସରକାରୀ ଡାକ୍ତରଖନାକୁ ଓଆରଏସ୍ ଦ୍ରବଣ, ବଟିକା ଆଦି ପଠାଯାଇଛି। ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ୧୦ ଶଯ୍ୟା ବିଶିଷ୍ଟ ଅଂଶୁଘାତ ଚିକିତ୍ସା ପ୍ରକୋଷ୍ଠ ଓ ମେଡିକାଲ କଲେଜରେ ୨୦ରୁ ଅଧିକ ଶଯ୍ୟାର ବନ୍ଦୋବସ୍ତ କରାଯାଇଛି, ସେଠାରେ ଚବିଶ ଘଂଟିଆ ସେବା ବିନା ମୂଲ୍ୟରେ ଯୋଗାଯାଉଛି। ଏସବୁ କାର୍ଯ୍ୟ କରାଯାଉଥିବାରୁ ସ୍ୱାସ୍ଥ୍ୟ ବିଭାଗକୁ ଆମର ଅଶେଷ ଧନ୍ୟବାଦ। ଆମେ ପ୍ରାର୍ଥନା କରୁଚୁ- ଅଂଶୁଘାତରେ ଯେଭଳି କାହାର ପ୍ରାଣ ନଯାଉ।

ଗୋଟାଏ କଥା ନିରାଟ ସତ୍ୟ ଯେ ମଣିଷ ଏବେ ପ୍ରଗତି ପାଗଳ। ପ୍ରକୃତିକୁ କରାଯାଉଛି ହତାଦର। ବଦଳିଗଲାଣି ଗାଁ ଗହଳିର ଚଳଣି। ତିଆରି ହେଉଛି କୋଠାବାଡ଼ି। ଚାଳଛପର ମାଟିଘର ଏବେ ସାତ ସପନ। ପୋଖରୀ ଗାଡ଼ିଆ ଶୂନ୍ ନଚେତ୍ ଶୁଖିଲା। କେହି ପ୍ରତିକାରର ନାଁ ଧରୁନାହାନ୍ତି। ଆମ୍ବ, ବଉଳ, ବର, ଅଶ୍ୱତଥ ଗଛ ଏବେ ବିରଳ। ଯାହା ଅଛି, ତାହା ଆମ ବାପା, ଜେଜେବାପାଙ୍କ ଅବଦାନ। ଯାହାଙ୍କର ଫୁଲ ବଗିଚା ଅଛି, ସେଠି ତୁଳସୀ, ଦୟଣା ଦୁର୍ଲ୍ଲଭ। ଆମେ ଶୁଦ୍ଧ ସାତ୍ତ୍ୱିକ ପବନ ପାଇବା ଓ ପିଇବା କେମିତି ? ଏସବୁ ଯେ ଜୀବନ ଧାରଣ ପାଇଁ ଅମୂଲ୍ୟ ସମ୍ପଦ, ତାହା କେହି ବୁଝୁନାହିଁ।

ଟାଉନ୍ ବଜାର କଥା ଦେଖନ୍ତୁ। ଆଖି ପାଇବା ଯାଏ କେବଳ ଆପାର୍ଟମେଣ୍ଟ ପରେ ଆପାର୍ଟମେଣ୍ଟ। ଗୋଟିଏ ଦଶ ବାର ମହଲା ଆପାର୍ଟମେଣ୍ଟରେ ପ୍ରାୟ ଶହେ ଫ୍ଲାଟ୍। ପ୍ରତି ଫ୍ଲାଟରେ ଦୁଇ ତିନୋଟି ଏସି, କୁଲର, ଗାଡ଼ି ଘୋଡ଼ା, ରନ୍ଧନ ଗ୍ୟାସ। ଏସବୁ ଯନ୍ତ୍ରର ଗରମ ପବନ ଯିବ କୁଆଡ଼େ ? ମଣିଷ ନିଜ ଆବଶ୍ୟକତାଠୁ ଯଥେଷ୍ଟ ଅଧିକ ପାଣି କରୁଚି ନଷ୍ଟ। ପବନକୁ କରାଯାଉଛି ବିଷାକ୍ତ। ମାଟି ଉପରେ ସହର ତିଷ୍ଠିଚି ସତ, ହେଲେ ସହରରେ ମାଟି ମୁଠାଏ ପାଇବା ଏବେ କଷ୍ଟ। ଯାଠୁ ବଳି ଦୁର୍ଭାଗ୍ୟ ଆଉ କଣ ଥାଇପାରେ ?

ଏଇ ମୁକ୍ତବୃତ୍ତ ସ୍ତମ୍ଭକାର ନିଜ ଗାଁ କଥା ଦି'ପଦ ଲେଖୁଛି। ଆମ ଗାଁ ଓରାଳି, କେନ୍ଦୁଝର ଜିଲ୍ଲା। ସରକାରଙ୍କ ବସୁଧା ଯୋଜନାରେ ଦୀର୍ଘ କୋଡ଼ିଏ ବର୍ଷ ହେଲା ପାଣି ଟାଙ୍କି ତିଆରି ଚାଲିଛି। ଆଜି ଯାଏଁ କାମ ସରୁନି। ସବୁଦିନ ଚାଲିଛି ଗାତ ଖୋଳା ଓ ପାଇପ୍ ବିଛା କାମ। ହେଲେ ଟାଙ୍କି ଶୁଖିଲା ଖଡ଼ ଖଡ଼। କିନ୍ତୁ ସରକାରୀ ରେକର୍ଡ ପତ୍ରରେ ଓରାଳି ଗାଁକୁ ବସୁଧା ଯୋଜନାରେ ସାମିଲ କରାଯାଇଛି। ପାଣି ବୁନ୍ଦାଏ ନମିଳିଲେ ଗଲା। କେନ୍ଦୁଝର ଜିଲ୍ଲା ଯୋଡ଼ା, ବଡ଼ବିଲ, ଚମ୍ପୂଆ, ଶୁଆବାଟୀ, ତେଲକୋଇ ପ୍ରଭୃତି ଅଂଚଳରେ ଯାଠୁ ବଳି ବିଷମ ପରିସ୍ଥିତି। ଚୁଆ, ଗାଡ଼ିଆ ଓ ଝରଣା ମଣିଷର ଶେଷ ସମ୍ବଳ।

ଶେଷ କଥାଟି ଲେଖି ଏହି ସ୍ତମ୍ଭ ଶେଷ କରିବା। ଓରାଳି ବସ ଷ୍ଟପରେ ୨୦୨୩ ମସିହାରେ ତିଆରି ହୋଇଛି ଏକ ଅତ୍ୟାଧୁନିକ ଯାତ୍ରୀ-ବିଶ୍ରାମାଗାର। କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସେଥିରେ ଖର୍ଚ୍ଚ କରିଛି ପାଞ୍ଚ ଲକ୍ଷ ଟଙ୍କା। ଓରାଳି ପଞ୍ଚାୟତ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା ତାର ଠିକାଦାର। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଏହାକୁ କରିଥିଲେ ଉଦ୍‌ଘାଟନ। ଅତ୍ୟାଧୁନିକ ଯାତ୍ରୀ-ବିଶ୍ରାମାଗାରରେ ପିଇବା ପାଣି, ବିଜୁଳି, ଫ୍ୟାନ୍, ମହିଳା ଶୌଚାଳୟ ଆଦି ରହିଛି। ମାତ୍ର ଏହି ଯାତ୍ରୀ-ବିଶ୍ରାମାଗାରକୁ ଭଦ୍ରକ ଜିଲ୍ଲା ବନ୍ତ ତହସିଲଦାର ସିଲ୍ କରି ଚାବି ପକାଇ ରଖିଛନ୍ତି। ଟିଣ ଚାଦର ବାଡ଼େଇ ଭୂତକୋଠି ସଜାଇଛନ୍ତି। ବ୍ୟାଚଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ଅନୁଗତ ଭିକେ ପାଣ୍ଡିଆନ ଏ ବାବଦରେ ଅବଗତ କି ନା, ଆମେ ଜାଣିନେ। ପିଲାଛୁଆ, ଝିଅ ବୋହୂ, ବୁଢ଼ାବୁଢ଼ୀ ରାସ୍ତାକଡ଼ରେ ଖରାରେ ଶିଝୁଛନ୍ତି। ସେମାନଙ୍କ ପ୍ରତି ଟିକେ ଦୟା ଉଦୟ ହେଉ। ସରକାର ଗୋଟିଏ ସପ୍ତାହ ମଧ୍ୟରେ ଯାତ୍ରୀ-ବିଶ୍ରାମାଗାର ସିଲ୍ ଖୋଲି ନିଜ ପାରିବା ପଣିଆର ପ୍ରମାଣ ଦେଖାନ୍ତୁ। ଆମେ ବ୍ୟାଚଲର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟ କହିବୁ। ତାଙ୍କୁ ଫୁଲହାର ପିନ୍ଧାଇବୁ। ଆଜି ଏତିକି, ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...



### ॥ ଖରା : କେତୋଟି ସ୍କେଚ ॥

**ଧନଞ୍ଜୟ ସ୍ୱାଇଁ**

ଏକ ॥
ଖରା ଲାଗି ସିନା ଦୀର୍ଘ ଦି'ପହର
ଲମ୍ବି ଲମ୍ବି ଯାଏ ଛାଇ
କେତେ ନି !ସଙ୍ଗତା ତା' ଲାଗି ଭୋଗିଛି
ନିଜ ଲୁହ ନିଜେ ପିଇ ।

ଦୁଇ ॥
ମୁଁ ଯେ ବୈଶାଖର ମୁହଁଜଳା ଖରା
ତୁ ମିଠା ପାଣିର କୂଅ
ମୋ ଦେହରେ ଝାଳ ତୋ ଦେହର ଶସ୍ତା
ଅତର ମହମହ ।

ତିନି ॥
ତୋତେ ଦେଖି ଖଣା ଚାଳରୁ ଚାଳକୁ
ଡିଅଇଁ ଖୁସିରେ ଭାରି
ଖରା ଯେବେ ଡିଏଁ ମୋତେ ଲାଗେ ସିଏ
କଅଁଳା ବାଛୁରୀ ପରି ।

ଚାରି ॥
ତୁମକୁ ଦେଖି ସେ ନଜାଣିଲା ପରି
ବାଟ ଭାଂଗିଯାଏ ଖରା
ମୋତେ ଦେଖି ସିଏ ଲାଗଇ ଯେମିତି
ରଡନିଆଁ ଖଣ୍ଡେ ପରା ।

ପାଞ୍ଚ ॥
ବୈଶାଖ ଠୁଁ ବେଶି କଳବଳ କରେ
ତୁମ ବିରହର ନିଆଁ
ନିଆଁ ନୁହେଁ ସିଏ ମୋ ଲାଗି ଅବା
ଚଇତି ଚନ୍ଦନ ଛୁଆଁ ।

♥ କଟକ
ମୋ : ୯୪୩୭୦୦୦୬୩୬

### ॥ ମୋତେ ଯେତେ ମାଠିବୁ ମାଠ ॥



**ରତ୍ନାକର ରାଉତ**

ତୁମେ ମୋ କାନ ପାଖରେ
ତୂରି ବଜାଅ କି ମହୁରି ବଜାଅ ଅବା ମାଦଳ ବଜାଅ
ଘଣ୍ଟା, ଘଡ଼ି, ପେଁକାଳି ଯାହା ବଜାଅ
କିବା ରେଳଗାଡ଼ି ଦଉଡ଼ାଅ ମୋ ଆଖ ପାଖରେ
ଘର୍ଘର ନାଦରେ କମ୍ପାଅ ମୋ ଚଉପାଶ
ତଥାପି ମୁଁ ଉଠିବି ନାହିଁ
ମୁଁ ଚେଇଁ ଶୋଇଛି, ମୋତେ କିଏ ଉଠେଇ ପାରିବ
ମୋ ଆଖି ଆଗରେ ଭଉା ଭାତିଆ
ନାନାଦି ସୁବିଧା ସୁଯୋଗର ଲୋଭନୀୟ ମହାକାଳ ଫଳ
ପେନ୍ଥା ପେନ୍ଥା ହୋଇ ଝୁଲୁଛି
ଏସବୁ ଦେଖି ସୁଖ ସ୍ୱପ୍ନରେ
ମୋ ଆଖି ମୁଦି ମୁଦି ଆସୁଛି
ମୋ ଆପଣା ହିତରେ ମୁଁ ଅନ୍ଧ,ବାଇ
ଧୃତରାଷ୍ଟ୍ରଭଳି ମୋ ପରିବାରର
ଯାବତୀୟ ଫାଇଦାହିଁ ମୋର ପ୍ରାଥମିକତା
ବାବୁରେ, ତେଣିକି ତୁମେ ମୋ ବାବଦରେ
ଯାହା ଯାହା ଭାବିବା କଥା ଭାବ
ମୋର କିଛି ଯାଏ କି ଆସେନି ସେଥିରେ
ମୋର ନୀତି, ମୋତେ ଯେତେ ମାଠିବୁ ମାଠ
ମୁଁ ସେହି ଦରପୋଡ଼ା କାଠ।

ମୁଁ ମୋ ଯୋଡ଼ାକ ଯାକ ଆଖି ବୁଜି ଦେଇଛି
ଆପଣା ସ୍ୱାର୍ଥରେ, ଯେପରି ମୋତେ କିଛି ଦିଶୁନି,
ମୁଁ କିଛି ଜାଣୁନି
କଣ କଣ ସବୁ ଘଟୁଛି, କିଛି ଶୁଣି ପାରୁନି ।

ମୁଁ ସବୁ ଜାଣୁଛି ବୋଲି କେହି କିଛି ନ ଜାଣନ୍ତୁ
ତେଣୁ ବିଲେଇଟିଏ ପରି ମୁଁ ଆଖି ବୁଜିଦେଇ ଦୁଧ ପିଉଛି
ଶୁଣେ, ତୁମେ କିଏ କିଏ କାହିଁକି
ମୋତେ ଉଠେଇବାକୁ ଚାହୁଁଛ
ମୋ ପଛରେ ଲାଗିପଡ଼ିଛ
ବିଭିନ୍ନ ଆଳରେ ମୋତେ କୁଳା ଢାଉଁ ଢାଉଁ ଶୁଣଉଛ
କଣ ଜିଗର ପଡ଼ିଛି ତୁମର
ମୁଁ ଆଖି ଖୋଲି ଉଠିଲେ ତୁମେ କଣ ପାଇବ ସେଥିରୁ
କୁମ୍ଭକର୍ଣ୍ଣ ଭଳି ମୋର ମରଣହିଁ ନିର୍ଧାର୍ଯ୍ୟ
ମୋର କେବଳ ଅପୂରଣୀୟ କ୍ଷତିହିଁ କ୍ଷତି ହେବ
ମୋ ପରିବାର ଅବେଳ ବଢ଼ିରେ ଭାସିଯିବେ
ନାନାଦି ଦୁଃଖ ଯନ୍ତ୍ରଣା ପାଇବେ
ତୁମେ ସବୁ ଚେଇଁ ରହି କଣ ଆଲୁଅ କରିପକଉଛ
ଯେଉଁମାନେ ତୁମଭଳି ଆଗରୁ ଚେଇଁ ରହିଥିଲେ
କଣ ଆଲୁଅ କରି ପକେଇ ଗଲେ

ଲୋକେତ' ଯେଉଁ ତିମିରରେ ଥିଲେ
ଏବେ ସେହି ତିମିରରେ
କେବଳ ବଦଳି ଯାଇଛି ବଂଚିବାର ଢଂଗ ଢାଂଗ,
ଜିଇଁବାର ତରିକା
ସେପାଇଁ ଜାଣିଜାଣି ମୁଁ ଆଖି ବୁଜି ଦେଇଛି
ବାସ୍ ମୋତେ କିଛି ଦିଶୁନି
ମୁଁ କିଛି ଜାଣି ପାରୁନି, କିଛି ଶୁଣି ପାରୁନି
ମହାଶାନ୍ତିରେ ନିଘୋଡ଼ ନିଦରେ ଶୋଉଛି
ମୋ ବିଚାରରେ ସବୁ ଠିକ୍ ଠାକ୍ ଚାଲିଛି,
ତୁମେ ତୁମ କଥା ବୁଝ, ମୋତେ ମୋ ବାଟରେ ଛାଡ଼ିଦିଅ
ଏବେ ତୁମେ ସବୁ ଖୁସି ତ ?

♥ ଭୁବନେଶ୍ୱର
(ମୋ) ୯୪୩୭୩୮୨୨୮୧

### ॥ ଗୀତ ଅନାବନା ॥



**ପୂର୍ଣ୍ଣ ଦାସ**

ହୃଦୟରୁ ଯାହା ଦେଇହୁଏ ତାହା
ହାତରେ ହୁଏନା ଦେଇ,
ନୀରବତା ଯେଉଁ କାହାଣୀ ଶୁଣାଏ
ତୁଣ୍ଡ ତା' ପାରେନା କହି ।

ସାଇତା ଦରବ ହଜିଯାଏ ପୁଣି
ନିଖୋଜ ଚିଜ ବି ମିଳେ,
ଚାହୁଁଚାହୁଁ ଦିନ ସରିଯାଏ ଆମ
ଏଇ ଲୁଚକାଳି ଖେଳେ ।

ଆଖି ଖୋସି ହୋଇଯାଏ ଲୋ ସଜନୀ
ଦେଖି ଦୁନିଆର ଦାଉ,
ସତ କହି ଲୋକ ସରମେ ଶଢୁଚି
ବଢ଼େ, ମିଛୁଆଙ୍କ ଭାଉ ।

ଆରମ୍ଭ ଯେଉଁଠି ଶେଷ ବି ସେଇଠି
ବିନ୍ଦୁରୁ ଲମ୍ବିଛି ସିନ୍ଧୁ,
ଇତିହୀନ ମୂକ ବ୍ୟାପ୍ତିଟିଏ ମୁଁ
ତୋ' ମନର ଚନ୍ଦ୍ରବିନ୍ଦୁ ।

କବିର ବୟସ କବି ତ ଜାଣେନା
କବିତା ଜାଣିଛି ଏକା,
କବିତା ତନୁରେ ଲେଖନୀ ମୂନରେ
କବିର ଜାତକ ଲେଖା ।

ଅଭିଶାପର ମୁଁ ଚିତ୍ରକ ଭାବେ
ଲେଖିଚି ଅନେକ ଗପ,
ପ୍ରତିଦାନେ ଆଜି ସେଇ ଗଳ୍ପରାଜି
ଅଜାଡ଼ନ୍ତି ଅଭିଶାପ ।

ଜୀବନରେ, ତତେ ନେହୁରା ହଉଚି
ଗୋଧୂଳିର ସାଥୀହେବୁ,
ଅନ୍ଧାର ବେଳକୁ ନେବୁ ତୋ କୋଳକୁ
ଏକଲା ଛାଡ଼ି ନଯିବୁ ।

♥ କଣ୍ଠାବଣିଆ, ଛତ୍ରପଡ଼ା, ପ୍ରୀତିପୁର
ଯାଜପୁର - ୭୫୫୦୧୩
(ମୋ) : ୯୩୩୭୫ ୪୮୮୯୩

### ॥ ତଥାପି ପୁଣି କିଛି ॥



**ପ୍ରଭାତ ନଳିନୀ ମହାପାତ୍ର**

ତଥାପି ପୁଣି କିଛି କହିବାର ଅଛି,
ଯୋଉ କଥାଟି କହିବି କହିବି ବୋଲି
କହି ପାରିନି ଏଯାଏଁ ଆଉ
ଖଂଜି ଚାଲିଛି ଶବ୍ଦ
ସେ ସବୁ କଣ ରହିଯିବ ସେଇମିତି ?

ଯେଉଁ ଗୀତଟି ଗାଇବି ଗାଇବି ବୋଲି
ସ୍ୱର, ଲୟ, ତାଳ ଖଂଜିଲି ମନେ ମନେ
ମାଟିକୁ କଲି କଲମ
ଆକାଶକୁ କାଳି,
ଲେଖିଲି ଜୀବନ ସଂଗୀତ
ସେ ତ ବୋଲା ହୋଇନି ଏଯାଏଁ ।

ମୁଁ ବର୍ଷାକୁ ଦେଖିଲି
ବସନ୍ତକୁ ଦେଖିଲି
ଫୁଲର ହସ ବି ଦେଖିଲି
ଭାବିଲି ଶିଖିବାକୁ କିଛି
ତଥାପି କାହିଁକି କେଜାଣି
କିଛି ଫାଙ୍କ ରହିଗଲା ଜୀବନରେ ।

ଜୀବନ ତ ଗୋଟେ ସରଳରେଖା
ଲମ୍ବି ଚାଲିଥାଏ ଆଗକୁ ଆଗକୁ
କେବେ ମିଶେକି ଆଉ ଗୋଟେ
ସରଳ ରେଖା ସାଂଗେ !
ତେବେ ଶେଷ ହୁଏ ଗୋଟିଏ
ଅନ୍ତିମ ବିନ୍ଦୁରେ
ଏକଥା ବୁଝିଥିଲି ବୋଲି
ଥକି ପଡ଼ିନି ଏ ଯାଏଁ ।

ଖାଲି ଏକା ଏକା
ଆଗକୁ ଚାଲିଛି ବାଟ
ହୁଏତ ଦିଗ୍‌ବଳୟ ସେପାଖେ
ପଡ଼ିପାରେ ଗୋଟେ ପୂର୍ଣ୍ଣଚ୍ଛେଦ
ଏଇ ଆଶା ଓ ଭରସାରେ ।

♥ ଅବସର ପ୍ରାପ୍ତ ପ୍ରାଧ୍ୟାପିକା
ସାନରାଇପୁର, ଭଦ୍ରକ
(ମୋ) ୯୪୩୭୧୯୩୯୪୦

### ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



ତମ ସହରରେ ଦେଖାହେଲା ଯେବେ
ଚିହ୍ନିନାହିଁ ବୋଲି କହିଦେଲ
କହିଦେଲ ସିନା
ଲୁହକୁ କାହିଁକି ଲୁଚେଇଲ ?

♥ ବାଳକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

ଧ୍ୱନି ପ୍ରତିଧ୍ୱନି





# ଶବ୍ଦର ସପ୍ତରଙ୍ଗ ହିଁ ସମାଜକୁ ମାନବବାଦ, ସାମ୍ୟବାଦ ଓ ସ୍ୱାଧୀନତାର ବାର୍ତ୍ତାକୁ ପ୍ରତିଷ୍ଠା କରିପାରିବ: ସୁକୁମାର ଦାସ

**ସୁକୁମାର ଦାସ,** ସାଂପ୍ରତିକ ଓଡିଆ କବିତା ଓ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଜଣେ ଉଚ୍ଚକୋଟୀର ବାଗ୍ମୀ ଭାବରେ ପରିଚିତ ଶ୍ରୀଯୁକ୍ତ ଦାସ କବିତା ଜଗତର ଜଣେ ନିଷ୍ଠାପର ବିନ୍ଧାଣି । କେବଳ କବିତା ନୁହେଁ, ଏକାଧିକ ନାଟକ ଲେଖି ସେ ହାସଲ କରିଛନ୍ତି ପାଠକ ଏବଂ ଦର୍ଶକମାନଙ୍କର ଭଲପାଇବା । ତାଙ୍କ ଲେଖାରେ ଅଛି ଯେଉଁ ଛଳଛଳ ଭାବ ଏବଂ ଉପସ୍ଥାପନାର ନଆରା ପଣ ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

## ■ ଅକ୍ଷରେ ସୁକୁମାର ଦାସ



ଜନ୍ମ : ୦୫ ଫେବୃଆରୀ ୧୯୬୧

ଜନ୍ମସ୍ଥାନ - ଆରୁହାବୃତ୍ତି, ହଦମୁଣ୍ଡା, ଭୋଗରାଇ, ବାଲେଶ୍ୱର

ପିତା : ୰ ପୀତବାସ ଦାସ

ମାତା : ୰ ଅନ୍ନପୂର୍ଣ୍ଣା ଦେବୀ

## ■ ପ୍ରକାଶିତ ପୁସ୍ତକ ■ :

୧- ମମତାର ଫୁଲ (କବିତା) ( ୧୯୮୮ )
୨- ଶତାବ୍ଦୀର ସ୍ୱର (କବିତା) ( ୧୯୯୦ )
୩- ଭଲଝିଅ ଓ ଅନ୍ୟାନ୍ୟ କବିତା ( ୨୦୦୭ )
୪- କଥାକୁହା ଠାକୁର(ନାଟକ) ( ୨୦୨୧ )
୫- ନଈ ଆରପାରି ଗାଁ ( ୨୦୧୪ )
୬-- ମାଆ ମୋ ପିଲାଦିନ ମୋତେ ଫେରେଇ ଦେ (ନାଟକ)୨୦୧୬
୭- ନଈପରି ଝିଅଟିଏ (କବିତା) ୨୦୧୯...

ଇତ୍ୟାଦି ଏକାଧିକ ପୁସ୍ତକର ଇଂରାଜୀ ଓ ବଂଗଳା ଅନୁବାଦ

**■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୁଁ ନମ୍ରତାର ସହିତ କହିବି ପ୍ରାଇମେରୀ ସ୍କୁଲ ସ୍ତରରୁ ମୋର କବିତାର ବର୍ଣ୍ଣବିଭା ମୋତେ ବିକଶିତ କରୁଥିଲା । ପରବର୍ତ୍ତୀ ସମୟରେ ମୋ ଚଳମାନ ଶରୀରରେ ନିରୀହ ପଥିକଟିଏ ପରି ମୋତେ ସେମାନେ ରାସ୍ତା ଦେଖାନ୍ତି । ସମୟକ୍ରମେ ଏକାନ୍ତ ହେତୁ ହେବା ପରେ ମୁଁ ଅନୁଭବ କଲି, ପ୍ରତିଟି ଶବ୍ଦ ହିଁ ମୋର ସଜଳ ଆତ୍ମା ପରି ।

**■ କବିତା କାହିଁକି ? ଆପଣଙ୍କର ସାରସ୍ୱତ ଜଗତର ପ୍ରେରଣା କିଏ ?**

■■ ମୋର ପ୍ରାଥମିକ ଶିକ୍ଷକ ପୂଜ୍ୟ ସ୍ୱର୍ଗତ ବଂଶୀଧର ଜେନା ଓ ସାରସ୍ୱତ ସାଧକ ମୋର ପୂଜ୍ୟ ବଡ଼ ଭାଇ ସ୍ୱର୍ଗତ ସନ୍ତୋଷ କୁମାର ଦାସ । ସମୟକ୍ରମେ ମୁଁ ଜାଣିଲି କବିଟିଏ ମହାକାଳର ପ୍ରତିନିଧି । ଉପଯୁକ୍ତ ଚିନ୍ତା ଚେତନାର ସବୁଜ ଭାବନା ଭିତରୁ କବିତା ଜନ୍ମ ନେଇଥାଏ । ମୋର କବିତା ଗୁଡ଼ିକ ମୋ ଆଖିର ଲୁହ ଓ ନିଜ ରକ୍ତରେ ଲିଖିତ ଅନିର୍ବାଣ ବାର୍ତ୍ତା ନେଇ ଆସିଛି । ମୁଁ ନିରବ ପଥିକଟିଏ । କବିତା ମୋର ସେଇମାନଙ୍କ ଭାଗ୍ୟ ନେଇ ମୋ ଭିତରେ ଜନ୍ମ ହୋଇଛନ୍ତି । ଏକ ପ୍ରାଣମନ୍ତ ସବୁଜ ନୀଳ ସ୍ୱପ୍ନର ଆବେଗ ମଧ୍ୟରେ ଅନ୍ୟ ପାଇଁ ଆୟୁଷ ବାଣ୍ଟିବାକୁ ଆସିଛନ୍ତି, ପ୍ରାଣ ଓ ପ୍ରୀତିର କବିତା ମୋର ।

**■ କେମିତି ଥିଲା ଆପଣଙ୍କ ସାହିତ୍ୟ ଜଗତର ଆଦ୍ୟ ପ୍ରବେଶ ଓ ତାର ଅନୁଭୂତି ?**

■■ ଆରମ୍ଭରୁ କବିତା ମୋର ଚଳମାନ ଶରୀରରେ ଆତ୍ମା ପରି ମୋ ଭିତରେ ଚଳମାନ ହେଉଛି । ସମୟକ୍ରମେ କଲେଜ ପାଠପଢ଼ା ସମୟରେ ମୋତେ ଅକ୍ଷର ଦେବତାମାନେ ଭାବବିହ୍ୱଳ କରିଦେଲେ । ଶବ୍ଦର ବଗପକ୍ଷୀମାନଙ୍କୁ ଆନ୍ତରିକତାର ସହିତ ପ୍ରାର୍ଥନା କଲେ, ସେମାନେ ଅନ୍ୟ ସାଙ୍ଗସାଥିମାନଙ୍କୁ ସଂଗରେ ନେଇ ଝରିପଡ଼ନ୍ତି କବିର ଆତ୍ମାର ଅଥଳ ସମୁଦ୍ର ମଧ୍ୟରେ । ମୁଁ ସେମାନଙ୍କୁ ପର କରି ପାରେନା । ମୁଁ ଲୁଣର ପିତୁଳାଟିଏ । କେଉଁ ଜନ୍ମରେ ତପସ୍ୟା କରିଥିଲି ନିଶ୍ଚୟ, ଶବ୍ଦର ନୀଳ ସମୁଦ୍ର ମଧ୍ୟରେ ନିଜକୁ ନମ୍ରତାର ସହିତ, ନିବିଡ଼ ଆନ୍ତରିକତାର ସହିତ ସେମାନଙ୍କୁ ପାଇବା ପାଇଁ ପ୍ରାର୍ଥନା ବି କରିଥିଲି । ସେଇଥିପାଇଁ ସେମାନେ ପୋଷା ଚଢ଼େଇଟି ପରି କେତେବେଳେ ଧରାଦିଅନ୍ତି ତ ପୁଣି କେତେବେଳେ ଫୁରକିନା ଉଡ଼ି ପଳାନ୍ତି ।



ପ୍ରାଣପ୍ରିୟା ପତ୍ନୀ ପ୍ରଣତିଙ୍କ ସହ କବି ସୁକୁମାର...

**■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?**

■■ ୧୯୮୦ ମସିହାରୁ କବିତା ଗୁଡ଼ିକ କ୍ରମାଗତ ଭାବେ ମୋ ଭିତରେ ପ୍ରୀତିର ଭାବ ପ୍ରକାଶ କରିଆସିଛନ୍ତି । ସମୟ କ୍ରମେ ସେମାନଙ୍କର ମୋ ଭିତରେ ଗୋପନ ଭାବରେ ନିବିଡ଼ ସଂପର୍କ ସ୍ଥାପନ ହେଲା । ମୁଁ କବିତା ଲେଖିଲି । ବର୍ତ୍ତମାନ ସୁଦ୍ଧା ୭ ଖଣ୍ଡ କବିତା ବହି ଓ ଦୁଇଖଣ୍ଡ ନାଟକ ବହି, ଯାହା ସର୍ବଭାରତୀୟ ନାଟକୋତ୍ସବ ଏଲ୍ଲାହାବାଦ ଓ ବୟେର ହାର୍ଜଅଲି ଠାରେ ମଞ୍ଚସ୍ଥ ହୋଇଛି । ପ୍ରଥମ ନାଟକ କଥା କହେ । ଠାକୁରେ ଓ ଦ୍ୱିତୀୟ ନାଟକ 'ମାଆ ମୋ ପିଲାଦିନ ମୋତେ ଫେରାଇ ଦେ', ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ଓ ମୁଁ ସମ୍ବର୍ଦ୍ଧିତ ହୋଇଛି । ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପ୍ରକାଶିତ କବିତା 'ଶତାବ୍ଦୀର ସ୍ୱର' ୧୯୯୦ ମସିହାରେ ଉନ୍ମୋଚିତ ହୋଇ ମୋତେ ଆନନ୍ଦ ଦେଇଛି । ଜଷ୍ଟିସ୍ ରଂଗନାଥ ମିଶ୍ର ଜଷ୍ଟିସ ହରିହର ମହାପାତ୍ର, ପ୍ରଖ୍ୟାତ କବି ସଚି ରାଉତରାୟ ଓ କବି ବ୍ରଜନାଥ ରଥଙ୍କ ଦ୍ୱାରା ଏକ ବିରାଟ ସମାରୋହରେ ଲୋକାର୍ପଣ ହେଲା । ପ୍ରଫେସର ଡଃ ରମାକାନ୍ତ ବେହେରାଙ୍କ ଉପରେ ମୋର ଲିଖିତ ପୁସ୍ତକ 'ସାଧନାଳୟର ସାଧକ ପ୍ରଫେସର ବେହେରାଙ୍କ ସାଧନାଲେଖ୍ୟ, ଏକ ପ୍ରାଣମୟ ପ୍ରତିବେଦନ । ଏହା ମଧ୍ୟ ପାଠକୀୟ ଶ୍ରଦ୍ଧା ପାଇଛି । ମୋର କବିତା ଗୁଡ଼ିକ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି **A rill girl and other poems by prof. Alder, Dr. susanka sengupta** ଓ ବିଶିଷ୍ଟ ଭାଷ୍ୟକାର ଓ ସାରସ୍ୱତ ସାଧକ କବି କାହ୍ନୁ ଗୋପାଳ ଶତପଥି । ୩ ଖଣ୍ଡ ବହି ସେମାନେ ଅନୁବାଦ କରିଛନ୍ତି ।
୧) ନଈ ଆରପାରି ଗାଁ ୨) ଭଲଝିଅ ଅନ୍ୟାନ୍ୟ କବିତା ୩) ନଈପରି ଝିଅଟିଏ । କେଶରୀ ସାହିତ୍ୟ ପତ୍ରିକାର ମୁଖ୍ୟ ସଂପାଦକ ଥିଲି । ପ୍ରକାଶିତ ଓ ଅପ୍ରକାଶିତ ମୋଟ ୧୩ ଖଣ୍ଡ ପୁସ୍ତକ ମୁଁ ଲେଖିଛି । ୯ ଖଣ୍ଡ ପ୍ରକାଶିତ ପୁସ୍ତକ ଓ ୪ ଖଣ୍ଡ ଯନ୍ତ୍ରସ୍ଥ । ସମସ୍ତ ପୁସ୍ତକ ମୋର ରକ୍ତର ଓ ପ୍ରାଣର, ସବୁଯାକ ମୋର ପ୍ରିୟ ।

**■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି କିମ୍ବା ଲେଖକ ହୋଇପାରେନା । ଆପଣଙ୍କର ଏ ସଂପର୍କରେ ମତ କଣ ?**

■■ ନିଶ୍ଚିତ ଭାବରେ କହିବି କେବଳ ଈଶ୍ୱରଙ୍କର ଆଶୀର୍ବାଦ ଓ ପିତାମାତାଙ୍କର ଆଶୀର୍ବାଦ ସହିତ ଏକ ସ୍ୱଚ୍ଛ ସରଳ ସବୁଜ ଭାବନା ଥିଲେ କବିତା ଗୁଡ଼ିକ ଝରଣାର ପାଣି ପରି ଝରି ପଡ଼େ ଆକାଶର ଶୂନ୍ୟ କୋଠରୀରୁ ସାଦା କାଗଜର ପୃଥିବୀକୁ ସମର୍ପଣ ଭାବ ଥିଲେ କବିତା ଗୁଡ଼ିକ ନିଜ ଭିତରେ ସବାର ହୁଅନ୍ତି କବିତାର ଚେତନା ରାଜ୍ୟରେ ଏକ ଦୁର୍ବାର ପ୍ରେରଣା ପହଞ୍ଚିଯାଏ । ସେଇ ଚେତନାର ନୀଳ ଆଲିଙ୍ଗନ ଭିତରୁ କବିତା ଗୁଡ଼ିକ ଲେଖି ହୋଇଯାଏ ।

**■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ, ଯେତିକି ଅଗ୍ରଗତି କରିବା କଥା ସେତିକି କରିପାରି ନାହିଁ ବୋଲି କୁହାଯାଏ, ଏ ସଂପର୍କରେ ଆପଣଙ୍କ ମତ କଣ ?**

■■ ଅତ୍ୟନ୍ତ ଦୁଃଖର କଥା ସଂପ୍ରତି ସାରସ୍ୱତ ସାଧକ ଓ କବି ଲେଖକମାନଙ୍କ ଭିତରେ ଗଣ ଦୌଡ଼ ଚାଲିଛି । ବହୁ କବିଙ୍କୁ ପ୍ରଣାମ କରୁଛି ମାତ୍ର କେତେକ କବି ନିଜସ୍ୱ ସ୍ୱଚ୍ଛ ସାଧନା ଭିତରେ ପୁରସ୍କାର ପାଇଁ ଧାଁ ଦୌଡ଼ କରୁଛନ୍ତି । ସଂପ୍ରତି ଓଡ଼ିଆ ସାହିତ୍ୟ ଏକାଡେମୀ ଓ କେତେକ ସାରସ୍ୱତ ସଂଗଠନ ରାଜନୈତିକ ଛକାପନ୍ଝା ତଥା ଦଳୀୟ ପ୍ରେମ ଓ କୂଟ କୌଶଳ ହେତୁ ସଠିକ୍ ଓ ନିର୍ମଳ ଆଦର୍ଶ ସାହିତ୍ୟିକ କବି ମାନେ ପୁରସ୍କୃତ ହୋଇପାରୁ ନାହାନ୍ତି । ଉପଯୁକ୍ତ ବଳିଷ୍ଠ ବ୍ୟକ୍ତିତ୍ୱ ମାନେ ଅବହେଳିତ ହେଉଛନ୍ତି । ଏଠି ସାହିତ୍ୟ ଏକାଡେମୀ ଓ ସଂଗଠନ ଗୁଡ଼ିକରେ ଉପଯୁକ୍ତ ବ୍ୟକ୍ତି ନଥିବା ହେତୁ ସାହିତ୍ୟରେ ଅସାହିତ୍ୟିକ ମାନଙ୍କର ପ୍ରବେଶ ସମାଜକୁ ଓ ସାହିତ୍ୟର ଭାବ ଧାରାକୁ କଳଙ୍କିତ କରୁଛି । ଠିକ୍ ପ୍ରତିଭାବାନ ବ୍ୟକ୍ତି ବିଶେଷ ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ ହେଲେ, ସାହିତ୍ୟର ମଧୁଶାଳା ତିଆରି ହୁଅନ୍ତା ।

**■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ଆପଣଙ୍କର ସେମିତି କିଛି ଅନୁଭବ ଅଛି କି ?**

■■ କବିତା ହିଁ ସଂପର୍କର ସେତୁବନ୍ଧ । ଯାହା ଭିତରୁ ପ୍ରେମ, ପ୍ରତ୍ୟୟ, ସଂପର୍କ, ସବୁଜ ଆଭିଜାତ୍ୟ, ସମବେଦନା ଓ ଦୃଷ୍ଟାନ୍ତ ମୂଳକ କ୍ରାନ୍ତି ଓ ବାର୍ତ୍ତା ଅଛି । ମୁଁ ନିଜ ଛାତିରେ ହାତ ରଖି ନିଶ୍ଚିତ ଭାବେ କହିପାରିବି ଯେ, କବିତା ସବୁଜ ଚିନ୍ତା ଚେତନାର କୈବଲ୍ୟ । ତାହା ମଣିଷର ଚିନ୍ତା ଚେତନାକୁ ଉଦ୍‌ବୁଦ୍ଧ କରିବା ସହିତ ମାନସିକତାକୁ ପରିବର୍ତ୍ତନ କରିପାରିବ । ଶବ୍ଦର ସପ୍ତରଙ୍ଗ ହିଁ ସମାଜକୁ ମାନବବାଦ, ସାମ୍ୟବାଦ ଓ ସ୍ୱାଧୀନତାର ବାର୍ତ୍ତାକୁ ପ୍ରତିଷ୍ଠା କରି ପାରିବ, ଏହା ନିଃସନ୍ଦେହ ।



ବରିଷ୍ଠ କବି ରମାକାନ୍ତ ରଥଙ୍କ ସହ କବି ସୁକୁମାର...

**■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କୁ ଦେବାକୁ ଚାହିଁବେ ?**

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଚିରକାଳ ଉଜ୍ଜ୍ୱଳ । ପୂର୍ବଜ କବି ଓ ସାରସ୍ୱତ ସ୍ରଷ୍ଟାମାନଙ୍କୁ ବିନମ୍ରତାର ସହିତ ପ୍ରଣାମ କରୁଛି । ଛଳନା ଓ ପ୍ରବଞ୍ଚନା, ପ୍ରତାରଣା ସହିତ ଭ୍ରଷ୍ଟ ସାରସ୍ୱତ ସାଧକମାନଙ୍କୁ ମୋର ଏକାନ୍ତ ଚେତାବନୀ, ଆପଣମାନେ ସତ୍ୟ, ଆଦର୍ଶ ଓ ମୂଲ୍ୟବୋଧର ସାହିତ୍ୟ ସହିତ ସତ୍‌ଚିନ୍ତା ଚେତନାର ଆଲେଖ୍ୟକୁ ନେଇ ସମର୍ପିତ ହୋଇ ଲେଖାଲେଖି କରନ୍ତୁ । ମୁଁ ଯେତେ ସରଳ, ନମ୍ର ଓ ଚେତନାଦୀପ୍ତ ହେବି ମୋ ଭିତରେ, ଆତ୍ମାରେ ଫୁଲମୟ ସବୁଜ ସକାଳ ତିଆରି ହେବ ଓ ଲେଖିବା ପାଇଁ ପରମ ପିତାଙ୍କ ଆଶୀର୍ବାଦ ମିଳିବ । ଶବ୍ଦ ଓ ଅକ୍ଷର ଗୁଡ଼ିକ ହିଁ ନିଜେ ଦାରୁବ୍ରହ୍ମ ଓ ଓଁକାର ଧ୍ୱନି । ସାମାଜିକ ପ୍ରତିବଦ୍ଧତା ଓ ନମ୍ର ସ୍ୱଭାବ ମଧ୍ୟରୁ ଅମୃତ ଝରେ; ଯାହା ଗଣତନ୍ତ୍ର, ସ୍ୱାଧୀନତା ଓ ମୂଲ୍ୟବୋଧକୁ ଚିରସ୍ଥାୟୀ କରିଥାଏ । ସାହିତ୍ୟରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ହେଉ । ହଁ, କବି ଜୀବନର ପୁରସ୍କାର ଓ ସଂବର୍ଦ୍ଧନାର ଗୁରୁତ୍ୱ ଅଛି । ଚିରକାଳ ସାଧନା ଭିତରେ ଗୋଟିଏ ଉପଢ଼ୌକନ, ପୁରସ୍କାର ତାର ସବୁଜ ଭବିଷ୍ୟତକୁ ରଂଗମୟ କରେ । କର୍ତ୍ତବ୍ୟର ବେଳାଭୂମି ଅତ୍ୟନ୍ତ ଉର୍ବର । ତାକୁ କୌଣସି ମହାବାତ୍ୟା ଓ ଝଡ଼ଝଞ୍ଜା ନଷ୍ଟ କରି ପାରେନା । ଚିରକାଳ କବିଟିଏ ଅମୃତ ଫଳର ସନ୍ଧାନରେ ସନ୍ଧାନୀ । ସେଇ ଅମୃତର ମଧୁଶାଳାକୁ ସେ ପ୍ରାର୍ଥନା କରି ଜୀବନ ବିତାଇଥାଏ । ଉପଯୁକ୍ତ ପ୍ରାର୍ଥନା ଓ ସାଧନା ଥିଲେ, ଆନନ୍ଦମୟ, ଚୈତନ୍ୟଦୀପ୍ତ ଆଲୋକର ଦିବ୍ୟ ସୁଖ ନିଜ ପାଖକୁ ଆସିବାକୁ ବାଧ ହେବ । ♥♥



ସୁଖୀ ପରିବାର : ପତ୍ନୀ ପ୍ରଣତି ଓ କନ୍ୟା ଶୁଭଲକ୍ଷ୍ମୀଙ୍କ ସହ କବି ସୁକୁମାର ଦାସ ...



କବି ସୁକୁମାର ଦାସଙ୍କ ପୁତ୍ର



ଏକ ସାହିତ୍ୟ ସଭାରେ କବି ସୁକୁମାର ଦାସ ।

## ପ୍ରିୟ ପାଠକ-୧୩

# ଗଳ୍ପ 'ବିପନ୍ନ ବିପର୍ଯ୍ୟୟ' ଓ ପାଠକୀୟ ପ୍ରେରଣା



ଅନୀଲ କୁମାର ପାଢୀ

ଶ୍ରୀମାନଙ୍କ ଠାରୁ ଚିଠିଟି ପ୍ରାପ୍ତ ହୋଇଥିଲି ୨୧.୦୩.୨୦୧୬ ମସିହାରେ। ବୟସରେ ବଡ, ସୁଶିକ୍ଷିତ ଏବଂ ସାହିତ୍ୟରେ ରୁଚି ରଖିଥିବା ଅମିୟ ସାର୍‌ଙ୍କୁ ମୁଁ ନା ଆଗରୁ ଜାଣିଥିଲି ନା କେବେ ଜାଣିବାକୁ ଚେଷ୍ଟାକରିଛି। ଏହା ଜଣେ ଲେଖକୀୟ କୃତଘ୍ନତା ବୋଲି ଧରିନିଆଯାଉ। ଏବଂ ଏଥିପାଇଁ ମୁଁ ଶତବାର ଅମିୟ ସାର୍‌ଙ୍କ ପଦସ୍ପର୍ଶ କରୁଛି।

ଚିଠିର ପ୍ରେରକ :-
ଅମିୟ ଚନ୍ଦ୍ର ପାତ୍ର
ଅବସରପ୍ରାପ୍ତ ଅଧ୍ୟକ୍ଷ
ତୃତୀୟ ଧରମ୍ ନଗର
ବ୍ରହ୍ମପୁର - ୭୬୦୦୦୨

ଶ୍ରୀମାନଙ୍କ ଠାରୁ ଚିଠିଟି ପ୍ରାପ୍ତ ହୋଇଥିଲି ୨୧.୦୩.୨୦୧୬ ମସିହାରେ। ବୟସରେ ବଡ, ସୁଶିକ୍ଷିତ ଏବଂ ସାହିତ୍ୟରେ ରୁଚି ରଖିଥିବା ଅମିୟ ସାର୍‌ଙ୍କୁ ମୁଁ ନା ଆଗରୁ ଜାଣିଥିଲି ନା କେବେ ଜାଣିବାକୁ ଚେଷ୍ଟାକରିଛି। ଏହା ଜଣେ ଲେଖକୀୟ କୃତଘ୍ନତା ବୋଲି ଧରିନିଆଯାଉ। ଏବଂ ଏଥିପାଇଁ ମୁଁ ଶତବାର ଅମିୟ ସାରଙ୍କ ପଦସ୍ପର୍ଶ କରୁଛି।

୨୦୧୫ ମସିହା ଝଂକାର ପୂଜାସଂଖ୍ୟାରେ ପ୍ରକାଶ ପାଇଥିବା ମୋର ଗଳ୍ପ 'ବିପନ୍ନ ବିପର୍ଯ୍ୟୟ' ଉପରେ ମତାମତ ରଖିଥିଲେ ଅମିୟ ସାର୍ । ସେତେବେଳେ ଗପଟି ପାଠକ ମହଲରେ ଆଦୃତ ହୋଇଥିଲା ଓ କିଛି ପାଠକୀୟ ମତାମତ ସମ୍ବଳିତ ପତ୍ର ମୁଁ ପାଇଥିଲି। ବୋଧହୁଏ ୨୦୧୬ -୧୭ ପରେପରେ ଚିଠିଆସିବା ବନ୍ଦ ହୋଇଯାଇଥିଲା କାରଣ ସେତେବେଳକୁ ଫେସବୁକ ଓ ହ୍ୱାଟ୍ସଅପ୍‌ର ବ୍ୟବହାର ଆରମ୍ଭ ହୋଇସାରିଥିଲା। ପାଠକମାନଙ୍କ ପାଖରୁ ହାତଲେଖା ପୋଷ୍ଟକାର୍ଡ, ଲଫାପା ଆଉ ଇନଲ୍ୟାଣ୍ଡ କାର୍ଡ ଆସିବା ପ୍ରାୟତଃ ବନ୍ଦ ହୋଇଯାଇଥିଲା। ସମ୍ଭବତଃ ଏବେ ଫୋନରେ, ଫେସବୁକରେ, ହ୍ୱାଟ୍ସଅପ୍ କି ମେସେଞ୍ଜରରେ ପାଉଥିବା ମତାମତ ଭିତରେ ସେତେ ଆକର୍ଷଣ ନାହିଁ ଯେତେଥିଲା ହାତଲେଖା ଅକ୍ଷରରେ। କୁହନ୍ତିନା ଯେ ଅକ୍ଷର ହିଁ ବ୍ରହ୍ମ!

ମୁଁ ପାଖାପାଖି ଦୁଇଶହ ପାଠକଂକର ଚିଠି ସଂଗ୍ରହ କରି ରଖିଥିଲି ଓ ସେଥିମଧ୍ୟରୁ ପ୍ରାୟ ୧୦୦ ଚିଠି ଦୁଇହଜାର ସତର କି ଅଠର ମସିହାରେ ଫେସବୁକରେ ପୋଷ୍ଟ କରିଥିଲି। ଦୁର୍ଭାଗ୍ୟ ଯେ ସେହି ସବୁ ଚିଠିମାନଂକୁ ମୁଁ ହଜେଇଦେଇଛି। ସେଥିପାଇଁ ପ୍ରତ୍ୟେକ ପାଠକଂକ ପାଖରେ ମୁଁ ଦୋଷୀ, ଯେଉଁମାନେ ମୋତେ ଚିଠି ଦେଇଥିଲେ। ମୁଁ ମୋର ଦୋଷ ସ୍ୱୀକାରପୂର୍ବକ କ୍ଷମାପ୍ରାର୍ଥନା କରୁଛି।

ଯେଉଁ ତ୍ରିକୋଣୀୟ ଜ୍ୟାମିତି ଭିତରେ ସର୍ଜନାଟିଏ ଅଂକିତ, ତା ଭିତରେ ପାଠକର ବିନ୍ଦୁଟି ଶୀର୍ଷରେ। ଲେଖକ ଲେଖିବ କାହିଁକି ଓ ସଂପାଦକ ପ୍ରକାଶ କରିବ କାହିଁକି! ଯେଉଁମାନଙ୍କ ଉପଲବ୍ଧି, ଉପସ୍ଥିତି ଓ ଉତ୍ତର ପାଇଁ ଲେଖା, ସେମାନେ ହେଲେ ପାଠକ। ସେମାନେ ପ୍ରତ୍ୟକ୍ଷ ନୁହଁନ୍ତି ସବୁବେଳେ। ସେମାନେ ଲେଖାଟିଏକୁ ଘେନାକରନ୍ତି, ଅନୁଶୀଳନ କରନ୍ତି ଓ ତା'ପରେ ଚିଠିଟିଏ ପ୍ରସ୍ତୁତ କରନ୍ତି। ହୁଏତ ଅନେକ ଲେଖକଂକ ଭାଗ୍ୟରେ ଚିଠିଟିଏ ଯୁଟିନଥିବ! ଚିଠିଟିଏ ଯେତେବେଳେ ପହଁଚେ ଲାଗେ ତା ସହିତ ପାଠକଟି ମଧ ଲେଖକ ପାଖରେ ପହଁଚିଛି।

ଅମିୟ ସାରଙ୍କ ଚିଠି ମୋତେ ଯେତିକି ବିସ୍ମିତ କରିଥିଲା ସେତିକି ଅନୁପ୍ରେରିତ କରିଥିଲା। ଚିଠିରେ ଲେଖାଥିଲା - ବନ୍ଧୁମାନଂକ ସହ ଆଲୋଚନା କଲି। ସେମାନେ କହିଲେ ଆରଣ୍ୟକ ଭଳି ହୋଇଛି। ମୁଁ କିନ୍ତୁ ଏକମତ ନୁହେଁ ଏପ୍ରକାର କ୍ୟାଟେଗୋରାଇଜ୍‌ରେ। କାରଣ :- ସେ ଗପରେ ମନୋଜ ଦାସଙ୍କ ଯେଉଁ ହତ୍ୟାଟି ହୋଇଥିବାର ବର୍ଣ୍ଣନା କରାଯାଇଛି, ସେଠି କ୍ଷୁଧାର କୌଣସି ପ୍ରଭାବ ନଥିଲା। ନିଶାସକ୍ତ, ଉନ୍ମତ୍ତ ବ୍ୟକ୍ତିଗଣ ସେହି ହତ୍ୟାକାଣ୍ଡଟି ଘଟାଇଛନ୍ତି।

**ଅମିୟ ସାର୍ ଲେଖନ୍ତି :- ମଣିଷର ଏହି ଆଦିମ ପ୍ରବୃତ୍ତିକୁ ଆପଣଙ୍କ ଲେଖାରେ ସୁନ୍ଦରଭାବେ ଫୁଟାଇଥିବାରୁ ଆପଣଙ୍କୁ ଅଜସ୍ର ଧନ୍ୟବାଦ। ମୁଁ ସବୁବେଳେ ଭିନ୍ନରାଗ, ଭିନ୍ନବାଗର ଲେଖା ପଢିବାକୁ ଓ ଲେଖିବାକୁ ଭଲପାଏ।**

ଅମିୟ ସାରଙ୍କ ମୋର 'ବିପନ୍ନ ବିପର୍ଯ୍ୟୟ' ଗଳ୍ପଟିକୁ ଓଡିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ, ଓଡିଆ ସାହିତ୍ୟର ଭୃଗୁ ଋଷି ଶ୍ରୀଯୁକ୍ତ ମନୋଜ ଦାସଙ୍କର କାଳଜୟୀ କାହାଣୀ 'ଆରଣ୍ୟକ' ସହିତ ଉଲ୍ଲେଖକରିବା ମୋତେ ବିସ୍ମିତ କରିଥିଲା ଓ ତତ୍‌ସହିତ ଏକ ଅନିର୍ବଚନୀୟ ଉଲ୍ଲାସ ଆଣିଦେଇଥିଲା। ଚିଠିଟିକୁ ମୁଁ ଫେସବୁକରେ ଦେଲାବେଳେ ଡରିଯାଇଥିଲି ଯେ ଅନ୍ୟ ସାହିତ୍ୟିକମାନେ ମୋତେ କଣ୍ ଭାବିବେ! ଆଜି ସେହି ଫେସବୁକ ପୋଷ୍ଟିଂରୁ ଚିଠିଟିକୁ ଉଦ୍ଧାରକରି ଏଇଠି ଉଲ୍ଲେଖକରୁଛି। ତପନ ଭାଇ ଏକ ମହାନ କାର୍ଯ୍ୟ ହାତକୁ ନେଇଛନ୍ତି ଓ ଏଥିପାଇଁ ଧ୍ୱନି ପ୍ରତିଧ୍ୱନି ମଧ ଧନ୍ୟବାଦାର୍ହ। ସୃଜନଶୀଳତାର ମୁଖ୍ୟ ଯେଉଁ ପାଠକ ସେମାନଂକୁ ଗୁରୁତ୍ୱ ନଦେଇ ସାହିତ୍ୟର ନଦୀ ଆଗକୁ ପ୍ରବାହିତ ହୋଇପାରିବ ନାହିଁ।

ବିପନ୍ନ ବିପର୍ଯ୍ୟୟ କାନିବାଲାଜିମ୍ ଉପରେ ପର୍ଯ୍ୟବେସିତ। ଯେତେବେଳେ ମଣିଷ କେଉଁଠି ବିପନ୍ନ ହୋଇଉଠେ କ୍ଷୁଧାରେ ସେତେବେଳେ ତା ପାଖରେ କେବଳ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ ଖାଦ୍ୟ। ସଂପର୍କ ସେଠି କିଛି ବି ଗୁରୁତ୍ୱ ରଖେନା। ମଣିଷ ମଣିଷର ମାଂସ ଖାଏ - ସେ ନିଜର ସନ୍ତାନ ହେଉ କି ପତ୍ନୀ। ଅମିୟ ସାର୍ ଲେଖନ୍ତି :- ମଣିଷର ଏହି ଆଦିମ ପ୍ରବୃତ୍ତିକୁ ଆପଣଙ୍କ ଲେଖାରେ ସୁନ୍ଦରଭାବେ ଫୁଟାଇଥିବାରୁ ଆପଣଙ୍କୁ ଅଜସ୍ର ଧନ୍ୟବାଦ। ମୁଁ ସବୁବେଳେ ଭିନ୍ନରାଗ, ଭିନ୍ନବାଗର ଲେଖା ପଢିବାକୁ ଓ ଲେଖିବାକୁ ଭଲପାଏ।

ପାରଂପରିକ ଲେଖା ମୋ ହାତରେ ଉତୁରେ ନାହିଁ। ଏହି ଅଣପାରଂପାରିକ ଲେଖା ପାଇଁ ମୋର ଅନେକ ପାଠକ ନାହାଁନ୍ତି। ତେବେ, ଅମିୟ ସାରଙ୍କ ପାଖରେ ଋଣସ୍ୱୀକାର ପୂର୍ବକ ଏତିକି କହିବି ଯେ ଏ ଚିଠି ମୋତେ ଭିନ୍ନ ବାଗର ଲେଖା ଲେଖିବାପାଇଁ ସେତେବେଳେ ପ୍ରେରିତ କରିଥିଲା ଓ ଏବେବି କରୁଛି। ନଥାନ୍ତୁ ମୋର ଅନେକ ପାଠକ, ଅମିୟ ସାରଙ୍କ ପରି କତିପୟ ପାଠକମାନଙ୍କ ପାଇଁ ମୁଁ ଅପାରଂପରିକ ଲେଖା ଲେଖୁଛି ଓ ଲେଖୁଥିବି। ଅମିୟ ସାର୍ ! ଆଜି ଏହି ସ୍ୱୀକାରୋକ୍ତି ମାଧ୍ୟମରେ ମୁଁ ଆପଣଙ୍କ ପାଖରେ ମୋର କୃତଜ୍ଞତା ଜ୍ଞାପନ କରୁଛି। ପ୍ରଣାମ!!



### ପ୍ରିୟ ପାଠକ

ପ୍ରାଧ୍ୟାପକ, ଇଂରାଜୀ ବିଭାଗ
କୁଞ୍ଜବିହାରୀ ମହାବିଦ୍ୟାଳୟ
ବାରଙ୍ଗ, ଖୋର୍ଦ୍ଧା।
ପିନ୍ - ୭୫୧୦୨୪
(ମୋ) ୭୯୭୮୪୫୮୪୧୩

---

## ଆଲୋଚନା

# ଓଡିଆ କବିତା -ପୁନରଭ୍ୟୁଦୟର ଆହ୍ୱାନ

ଚୌଧୁରୀ ବରଦା ପ୍ରସନ୍ନ ଦାସ

ପାଖାପାଖି ୧୯୫୦ ମସିହା ପରେ ଓଡିଆ ଭାଷାରେ ରଚିତ କବିତାର ଧାରା ବଦଳିବାକୁ ଲାଗିଲା । ବହୁକାଳରୁ ପ୍ରଚଳିତ ଓଡିଶୀ ଛାନ୍ଦ, ଚମ୍ପୁ ଆଦିଧାରାରେ ରଚିତ ବୌଦ୍ଧିକତା ପରିପୂର୍ଣ୍ଣ ଗାୟନଯୋଗ୍ୟ କବିତା କ୍ରମେ କ୍ରମେ ଗୀତିକବିତା ନାମରେ ବର୍ଗୀକୃତ ହେଲା ଓ ଏ କବିମାନେ ଗୀତିକବି ନାମରେ ନାମିତ ହେଲେ । ଅମିତ୍ରାକ୍ଷର ଛନ୍ଦରେ ମଧ ବହୁ ଉଚ୍ଚମାନର କବିତା ରଚିତ ହୋଇଥିଲା । କିନ୍ତୁ ଏହା କେବେବି ଗଦ୍ୟାଶ୍ରୟୀ ନଥିଲା । ଟିକିଏ ନିରିଖେଇ ଦେଖିଲେ ଆମେ ଅନୁଭବ କରିବା ଏସବୁ କବିତା ସହଜରେ ବୋଧଗମ୍ୟ ଥିଲା ଓ ଏହାର ପଶ୍ଚାତରେ ଜୀବନଦର୍ଶନ, ବିଭୁବନ୍ଦନା, ଆଧାତ୍ମିକତା, ଦେହାତୀତ ଓ ତ୍ୟାଗଭିତ୍ତିକ ପ୍ରେମ, ବିରହ, ମୁକ୍ତିଚେତନା, ମାନବବାଦ,ପ୍ରକୃତି ଚେତନାର ପଟ୍ଟଭୂମୀଟିଏ ଥିଲା । ଅନେକ କାବ୍ୟ କବିତା ଜାତିପ୍ରଥାରେ ସଂସ୍କାର, ସାଂପ୍ରଦାୟିକ ସୌହାର୍ଦ୍ଦ୍ୟ ବୃଦ୍ଧି, ନାରୀଜାତିର ଉତ୍କର୍ଷତା, ସାମ୍ୟ ଆଦିର ପ୍ରଚ୍ଛନ୍ନ ବାର୍ତ୍ତା ବହନ କରୁଥିଲା ସାହିତ୍ୟରେ ନାରୀପ୍ରତି ସମ୍ମାନବୋଧ (ମାତୃଚେତନା) ଥିଲା ଦୃଶ୍ୟମାନ । ରାଜଦରବାର ଠାରୁ ଆରମ୍ଭ କରି ଦାଣ୍ଡ ପିଣ୍ଡା କିମ୍ବା ମଠମନ୍ଦିର ପର୍ଯ୍ୟନ୍ତ କାବ୍ୟ କବିତାର ଆସର ଭିନ୍ନ ଭିନ୍ନ ରୂପରେ ଆନୁଷ୍ଠାନିକ କିମ୍ବା ଅଣଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହେଉଥିଲେ ହେଁ ଅନ୍ତଃସ୍ୱର ଥିଲା ପ୍ରାୟ ସମାନ । ମଣିଷ ମଣିଷ ମଧ୍ୟରେ ସଂପର୍କ ଥିଲା ନିବିଡ ଓ ସମସ୍ୟା ବିଜଡିତ ତେଲଲୁଣର ଜୀବନ ଭିତରୁ ମୁକୁଳି ନାନ୍ଦନିକ ଚେତନାରେ ଆତ୍ମହରା ହେବାପାଇଁ ଅନେକ ଗୁଡିଏ ସାହିତ୍ୟ ଆସର ଥିଲା ।

ପର୍ବପର୍ବାଣୀ ମାନଙ୍କରେ ପୁରାଣ ପାଠ ଓ ସେଇପୂଜାର ଔଚିତ୍ୟକୁ ନେଇ ରଚିତ କବିତାର ପଠନ ମଣିଷର ଜନଜୀବନ ସହ ଜଡିତ ଥିଲା ଏବଂ ଏବେ ମଧ ସେହି ପରମ୍ପରା ଅନେକାଂଶରେ ବଞ୍ଚିରହିଛି । ଏ କ୍ଷେତ୍ରରେ ଲକ୍ଷ୍ମୀପୁରାଣ, ତଅପୋଇ କଥା, ସାବିତ୍ରୀ ବ୍ରତ କଥା ଆଦି ଅନ୍ୟତମ । ଖଞ୍ଜଣୀ ଭଜନ ସଂଧ୍ୟା ଅନେକ ସ୍ଥଳରେ ଗୋଟିଏ ଗୋଟିଏ ଏକକ ଭଜନ ଆସର ହେଲେବି ତାର କମ୍ପନ ରାଜଦାଣ୍ଡରୁ ଚୁଲିମୁଣ୍ଡ ପର୍ଯ୍ୟନ୍ତ ଭାବାନ୍ତର ସୃଷ୍ଟିକରେ । ଶତାବ୍ଦୀର ପଞ୍ଚସଖା ପରମ୍ପରାର ଅନ୍ୟତମ ସାରଥି ସନ୍ଥ ବାରଙ୍ଗଦାସଙ୍କର "ନୂଆଘରଖଣ୍ଡି ଦିନ ପୁରୁଣା ହୋଇବ" ପଦଟି ଶୁଣିଲେ ଶ୍ରୋତା ନିଶ୍ଚୟ ଜୀବନର କ୍ଷଣଭଂଗୁରତା ବିଷୟରେ ସଚେତନ ହୋଇ ଉଠିବ ଓ ପାଖରେ ଥିବା ମଣିଷମାନଙ୍କୁ ଅଧିକ ଭଲପାଇ ବସିବ । ଆମେ ଆଜି ଚିନ୍ତା କରିବାରେ ଆତ୍ମନ ନିଦ୍ରାପରିହାରର କବିଙ୍କୁ ଗୀତିକବି ବୋଲି କହିପାରିବା କି ?

ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନେ ସୁଲଳିତ ସ୍ୱରରେ ଗୀତ ଗାଇଗାଇ ଲକ୍ଷ୍ୟ ପଥରେ ଯାଉଥିଲେ । କବିତା ହିଁ ଥିଲା ସେମାନଙ୍କର ପ୍ରେରଣାର ଉତ୍ସ । ସେଇ ପ୍ରେରଣାରେ ଅନେକ ମହିଳା ଘରକୋଣରୁ ବାହାରି ଦୁର୍ଗାବେଶ ସାଜିଥିଲେ । କୁଜଙ୍ଗର କାଳିଆଘାଟ ଅଞ୍ଚଳରେ କୈବର୍ତ୍ତ ମହିଳାମାନଙ୍କର ଲୁଣମରା ଆନ୍ଦୋଳନରେ ସମୂହ ଯୋଗଦାନ, ଇରମରେ ମାନନୀୟା ପରିବେଶ୍ୱାଙ୍କର ଆତ୍ମୋତ୍ସର୍ଗ ପଛରେ ଥିଲା ଦୁଇ ଜାତୀୟ କବି (ବୀରକିଶୋର ଓ ବାଞ୍ଛାନିଧି)ଙ୍କର ମନ୍ତ୍ରସମ କବିତାର ସ୍ୱର । ଏସବୁ ସାହିତ୍ୟକୁ କଣ ଆମେ କେବଳ ପ୍ରଚାର ପାଇଁ ଉଦ୍ଦିଷ୍ଟ କିମ୍ବା କୌଣସି ଲକ୍ଷ୍ୟହାସଲ ପାଇଁ ଇଚ୍ଛାକୃତଭାବେ ରଚିତ ବୋଲି କହିପାରିବା ।

ବିଶ୍ୱଯୁଦ୍ଧ ସମୟରେ ଓଡିଆ ସାହିତ୍ୟରେ ଯୁଦ୍ଧବିରୋଧି କାବ୍ୟର ସ୍ୱରଥିଲା ବିଶ୍ୱସ୍ତରୀୟ ସାହିତ୍ୟର ଝଙ୍କାର । ଭାଷାଥିଲା ସରଳ ଓ ଅନୁଭବର ତିବ୍ରତା ତାହାକୁ ସ୍ପଷ୍ଟ କରିଥିଲା । "ରଣ ଅସ୍ତ୍ର ସବୁ ଭାଙ୍ଗିରୁଜି ଦେଇ ଗଢିବି ଲଂଗଳ ମଇ" କିମ୍ବା "ବିଷକନ୍ଧୁକ ସବୁ ଚୁରିବି" ଆଦିର ଅର୍ଥ ସୁଦୂରପ୍ରସାରୀ । ଏସବୁ ବିଶ୍ୱସ୍ତରୀୟ ସାହିତ୍ୟ । ଆଜିକାର ଯୁଦ୍ଧ ଓ ଆତଙ୍କକ୍ଲାନ୍ତ ବିଶ୍ୱପାଇଁ ଏ କବିତା ନିଶ୍ଚୟ ପ୍ରଜୁଯ୍ୟ । ଚିରକିଶୋର ଏଇ କବିତା ।

କବିତା ଆମର ଦୈନନ୍ଦିନ ଜୀବନ ସହ କିପରି ଜଡିତ ବୋଲି ବୁଝିହେବ ଆମେ ଯଦି ବିଭାଘର ସମୟରେ ଗୋଟିଏ ସୁଖମୟ ପରିବାର ଓ ସୁସଂପର୍କର ବାର୍ତ୍ତା ନେଇ ପ୍ରକାଶିତ ହେଉଥିବା ବାହାଘର କାଗଜ ଗୁଡିକୁ ଦେଖିବା । କାନ୍ଦଣା ଗୀତ, ସଖୀନାଟ ଗୀତ ଆଦିରେ ମଧ ଛନ୍ଦ ଓ ସାମାଜିକ ବାର୍ତ୍ତା ଥାଏ ।

ଯଦି ଆମେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ସମ୍ରାଟ ଖାରବେଳଙ୍କର ଶିଳାଲେଖକୁ ବିଚାରକୁ ନେବା ତେବେ ନୃତ୍ୟ ଗାୟନ, ବାଦ୍ୟ ଆଦିର ଚିତ୍ରମାନ ପାଇବା । ଏହା ଉପରେ ନିଷ୍ଠାର ସହ ଗବେଷଣା ଆବଶ୍ୟକ । ମନେହୁଏ ସାତଶହ ବର୍ଷତଳର ମୁସଲମାନ ଶାସନ କିମ୍ବା ପାଖାପାଖି ତିନିଶହ ବର୍ଷର ବିଦେଶୀଶାସନ କାଳରେ ଓଡିଆ ସାହିତ୍ୟରେ ସେମାନଙ୍କର ଯଥେଷ୍ଟ ପ୍ରଭାବ ରହିଥିଲା । କାରଣ ଶାସନ ଓ ଅର୍ଥନୀତି ସାହିତ୍ୟକୁ ଅନେକାଂଶରେ ପ୍ରଭାବିତ କରିଥାଏ । କିନ୍ତୁ ଓଡିଆ ସାହିତ୍ୟ ଏଇ ସବୁ ପ୍ରବାହ ଭିତରେ ନିଜର ମୌଳିକତା ସ୍ୱାତନ୍ତ୍ୟ ଓ ଚିନ୍ତନରେ ଉତ୍କର୍ଷତା ବଜାୟ ରଖିଛି । କ୍ଷୁଦ୍ର ହେଲେ ହେଁ ପୂଜ୍ୟ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରଣ ଆଜି ବିଶ୍ୱରେ ଜାତିବାଦ ବିରୁଦ୍ଧରେ ଏକ ଦିଗବାରେଣୀ ପାଲଟିଛି । ଏଥିପାଇଁ ଅନ୍ତର୍ଜାତୀୟ ସ୍ତରର ଗବେଷିକା ଡଃ ବିଦ୍ୟୁତ ମହାନ୍ତି ନିଶ୍ଚୟ ଧନ୍ୟବାଦର ପାତ୍ରୀ । ତାଙ୍କର ଖବଙ୍ଗକ୍ଷସ ସ୍ୱଷର ଜରଙ୍କରକ୍ଷ ଗୋଟିଏ ଅମୂଲ୍ୟ ଗ୍ରନ୍ଥ । ଫୁଲଚନ୍ଦନ ଚର୍ଚ୍ଚିତ କୋଥଳି ଭିତରୁ ଲକ୍ଷ୍ମୀପୁରାଣକୁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସଂପାନ ଗୃହ ଓ ଗ୍ରନ୍ଥାଗାରକୁ ସେ ନେଇ ପାରିଛନ୍ତି ।

ଦେଶ ସ୍ୱାଧୀନ ହେବା ପରେ ବହୁ ବୌଦ୍ଧିକତା ପରିପୂର୍ଣ୍ଣ ପାଶ୍ଚାତ୍ୟ ଢାଞ୍ଚାରେ ଆଧୁନିକ କବିତାମାନ ଜନ୍ମନେଲା କିନ୍ତୁ ଏଥିସହ ମଧ ବହୁ ଉଧାରକରା ଭାବକୁ ନେଇ କଷ୍ଟଭେଦ୍ୟ କବିତାମାନ ସୃଷ୍ଟି ହେଲା । ଅନ୍ୟପଟେ ଆମର ଗୌରବମୟ ସାହିତ୍ୟ ପରମ୍ପରା ଗୀତି କବିତାର ଓଢଣା ଭିତରେ ଲାଜକୁଳୀ ବୋହୂଟିଏ ପରି ଅଲଗା ହୋଇ ଘରକୋଣରେ ବସିଲା । ଅର୍ଥନୀତିରେ ଗୋଟିଏ କଥା ଅଛି "ଇବୟ ଙ୍କକ୍ଟଭୟଚ୍ଛ ସ୍ୱକ୍ୱରଭୟସ୍ଥ ସ୍ୱକ୍ଟ ୟକ୍ସସଙ୍ଗର ବଙ୍ଗବଚ୍ଛ ଶକ୍ଟକ୍ଟୟ ଙ୍କକ୍ଟଭରଚ୍ଛ" କବିତା କ୍ଷେତ୍ରରେ ଠିକ୍ ସେଇକଥା ଘଟିଲା କି ନାହିଁ ତାହା ବିଚାର୍ଯ୍ୟ । ଅପରପକ୍ଷରେ ଗୀତିକବିତା ମଧ ଅନେକ ବିକୃତ ମାନସିକତାକୁ ଆଧାର କରି ବ୍ୟବସାୟିକ ଧାରାରେ ସୃଷ୍ଟି ହେଲା ।

ଆମର ଅତୀତର କାରୁକଳା, ସାହିତ୍ୟ ଆଜି ନିଶ୍ଚୟ ଥିଲା ବିଶ୍ୱସ୍ତରୀୟ । ଯେଉଁ ଜାତି ପଥର ଦେହରେ କବିତାର ଝଙ୍କାର ସୃଷ୍ଟି କରିପାରିଥିଲା । ଯେଉଁଜାତି ପଲ୍ଲୀବଧୂ ଛବି ଭିତରେ ଅପୂର୍ବ ନାନ୍ଦନିକତା ଭରିଦେଇଥିଲା, ଯେଉଁ ରାଜ୍ୟରେ ଉପକୂଳଠାରୁ ମାଳାଞ୍ଚଳ ପର୍ଯ୍ୟନ୍ତ କବିତା ଭରି ରହିଛି । ସେଇ କସ୍ତୁରୀ ମୃଗ ଆଜି ନିଜ ଭିତରେ ନ ଖୋଜି କସ୍ତୁରୀ ଖୋଜୁଛି ବିଦେଶରେ । ଯେଉଁଠି ଏବେକାର (ଅପ) ସଂସ୍କୃତି ବନ୍ଧୁକ ସଂସ୍କୃତି କିମ୍ବା ସୁରା ସଂସ୍କୃତି ସେଠାରୁ ଆମେ କି ଦିଗ୍‌ଦର୍ଶନ ଆଣିବା ? ଆମେ ଅପସଂସ୍କୃତି ସାଥୀରେ ସାମିଲ ହୋଇ ମହାସ୍ରୋତରେ ଭାସୁଛେ ବୋଲି ଭାବୁଛେ । ଏହାର ଉତ୍ତର ପଥଭୁଲା କବି ମାନେ ଦେବେ । ଜଣେ ଉଲଗ୍ନ ରାଜା ନିଜର ସ୍ତାବକମାନଙ୍କ ଦ୍ୱାରା ଅଦୃଶ୍ୟ ପୋଷାକପାଇଂ ପ୍ରସଂଶିତ ହେଉଥିଲାବେଳେ କେହିଜଣେ ଅପାପଗ୍ରସ୍ତ ନିରୀହ ଶିଶୁ "ରାଜା ଉଲଗ୍ନ ଅଛନ୍ତି" ବୋଲି କହିବାର ସମୟ ଆସିଛି ।

ସମାଜବିଜ୍ଞାନୀଙ୍କ ମନନେଇ ଦେଖିଲେ ଆମେ ଲକ୍ଷ୍ୟ କରିବା ଯେ ବର୍ତ୍ତମାନ ସହରାଞ୍ଚଳରେ ପ୍ରତିଷ୍ଠା ଅର୍ଜନ କରିଥିବା କବିମାନଙ୍କ ପଛରେ ପ୍ରାୟ ଗୋଟାଏ ଯୌଥ ପରିବାର, ଗ୍ରାମ୍ୟ ପରିବେଶ, ବାଲ୍ୟକାଳରୁ ସତ୍ୟ, ଧର୍ମ, ସେବା ପ୍ରତି ଅନୁରାଗ, ପତିପତ୍ନୀ ମଧ୍ୟରେ ଦେହାତୀତ ପ୍ରେମ ଓ ତ୍ୟାଗର ଉତ୍କର୍ଷତା ଭରା ଅତୀତ ଥିଲେ ବି ସାଂପ୍ରତି ପ୍ରତିଦ୍ୱନ୍ଦୀତା ମୂଳକ ତଥା ଅର୍ଥ ସର୍ବସ୍ୱ ସଂପର୍କ ଓ ସଂସ୍କୃତି ପ୍ରାୟ ସେମାନଙ୍କୁ ଗ୍ରାସ କରିଛି । ତେଣୁ ଆମର ଅତୀତ ଓ ବର୍ତ୍ତମନ ଭିତରେ ହେଉଥିବା ସଂଘର୍ଷ ଯୋଗୁ ଆମେ ଯାହା କହୁଛୁ ତାହା ଦୁର୍ବୋଧ କିମ୍ବା ଏପରିକି ବାଚଳାମି ହୋଇଯାଉଛି ବୋଲି ମନେହେବ । ଆଉ ଗୋଟିଏ ବଡକାରଣ ହେଲା ଆମର ମୂଲ୍ୟବୋଧ ଓ ଜୀବନଦର୍ଶନ ନଗରାଞ୍ଚଳରେ ଦ୍ରୁତବେଗରେ ବଦଳିଯାଉଛି । ନିଶା, ବିକାରଗ୍ରସ୍ତ ଯୌନ ଜୀବନ ଦ୍ୱାରା ଆମେ ଆଜି ଊଣା ଅଧିକେ କବଳିତ । ତେଣୁ ଆମେ ନିର୍ଲ୍ଲଜ ଭାବରେ ସାଧାରଣରେ ପରୀମାନଙ୍କର ବ୍ରେସିୟାର ଖୋଲି ନଚଉଛୁ କିମ୍ବା ଈଶ୍ୱରଙ୍କୁ ଜଣେ ସେକ୍ସି ପୁରୁଷ ବୋଲି କହୁଛୁ । ଜଣେ ଅତ୍ୟନ୍ତ ସାଧାରଣ ପାଠକ ହିସାବରେ ଏତେ କଥା କହିଗଲି ଓ ଏଥିପାଇଁ କ୍ଷମା ପ୍ରାର୍ଥନା କରୁଛି । ଏବେ ସମାଜରେ ଅବିଶ୍ୱାସ ଦିନକୁ ଦିନ ବଢିବଢିଚାଲିଛି । ସହରରୁ ଏହା ମଧ ଗ୍ରାମାଞ୍ଚଳରୁ ବ୍ୟାପିଯାଉଛି ।

ଚିହ୍ନରା ଦରଦୀ ମନଟିଏ ନେଇ ଦେଖିଲେ ଆମେ ଲକ୍ଷ୍ୟ କରିବା ସାଧାରଣ ଭାବେ ଗ୍ରାମାଞ୍ଚଳରେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଥିବା ଗ୍ରାମାଞ୍ଚଳର କବିମାନେ ସତ୍‌ସାହିତ୍ୟ ସୃଷ୍ଟି କରୁଛନ୍ତି ଓ ସାରଳ ଦାସଙ୍କ ମୁଗଠାରୁ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଗାନ୍ଧୀଙ୍କ ପର୍ଯ୍ୟନ୍ତ ବ୍ୟାପ୍ତ ଉତ୍କର୍ଷ ପରମ୍ପରାର ନାଭିକମଳରୁ ବିସର ମହାନ୍ତିଙ୍କ ପରି ଅଗମ୍ୟ କୁଞ୍ଜରେ ସୁରକ୍ଷିତ କରି ରଖିଛନ୍ତି । ଏଇପରି ପ୍ରତିଭାମାନଙ୍କୁ ସୁଉଚ୍ଚ ପଦ୍ମ ସମ୍ମାନରେ ସମ୍ମାନୀତ କରି କିମ୍ବା ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଆମ ଗାଁ ଆମ ସାହିତ୍ୟ ପରି କାର୍ଯ୍ୟକ୍ରମମାନ କରି ଏ ପରମ୍ପରାକୁ ଉଜ୍ଜିବୀତ କରିବାର ପ୍ରୟାସ ନିଶ୍ଚୟ କବିତାର ବ୍ରହ୍ମଙ୍କୁ ପୁନଃସ୍ଥାପନ କରିବାର ଉଷାଲୋକ । ଶେଷରେ ଓଡିଆ ସାହିତ୍ୟ ଆକାଶରେ ହଜିଯାଇଥିବା ସୁଧାଂଶୁବାଳା ମହାନ୍ତିଙ୍କର କବିତାରୁ ଧାଡିଟିଏ କହିବି "ତଥାପି କବି ମୁଁ ଆଗମୀ ମଣିଷ ନବଯୁଗ କଳାକାର ।" ଏହା ଆଜି ନିଶ୍ଚୟ ଜଣେ କବିର ଧେୟ । ସେ ହିଁ ନବଯୁଗର ରୂପକାର ।

ବାରଙ୍ଗ, କୋଡିଆଁ
ଜଗତସିଂହପୁର

---

# ଜୀବନ ଦର୍ଶନର ଏକ ଜୀବନ୍ତ ଭାବାବେଗ



ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଦ୍ୱିବେଦୀ




ସମ୍ରାଟଙ୍କ କନ୍ୟା ଲେଖକ ବସନ୍ତ କୁମାର ଘୋଷଙ୍କ ସପ୍ତମ ଗଳ୍ପ ସଂକଳନ । ଏଥିରେ ଶବ୍ଦ ଓ ଭାବର ସମନ୍ୱୟରେ ଏପରି ଭାବରେ ଗଳ୍ପଗୁଡିକର ପୃଷ୍ଠଭୂମିକୁ ଉପସ୍ଥାପନ କରାଯାଇଛି ତାହା ବାସ୍ତବରେ ଅନନ୍ୟ । ୧୩୬ ପୃଷ୍ଠା ସମ୍ବଳିତ ମୋଟ ୧୫ ଟି ଗଳ୍ପକୁ ଗୋଟିଏ ପରେ ଗୋଟିଏ ପଢିବା ପରେ ପାଠକ ହୁଏତ ତା ମାୟାରୁ ମୁକୁଳିବା ଅସମ୍ଭବ ହେବା ପରି ମନେହୁଏ । ପ୍ରାୟତଃ ପ୍ରତିଟି ଗଳ୍ପରେ ରହିଛି ସମାଜର ବାସ୍ତବ ପ୍ରତିଛବି । ସମାଜ, ମଣିଷ ଓ ଆମ ମାନଙ୍କର ନିତ୍ୟ ନିୟମିତ କାହାଣୀ ।

ଲେଖକଙ୍କ ପ୍ରଥମ ଗଳ୍ପ 'ମହାଯୁଦ୍ଧର ଅନ୍ତରାଳେ' ରେ ତାଙ୍କ ପ୍ରାଣ କାନ୍ଦି ଉଠିଛି ଆମରି ଲାଗି ବଞ୍ଚୁଥିବା କୃଷକଟି ପାଇଁ । ଯେଉଁଠି କରୋନା ମହାମାରୀ ସମୟରେ, ତାଲାବନ୍ଦର ଦାରୁଣ ପରିସ୍ଥିତିରେ ଡାକ୍ତର, ନର୍ସ, ସଫେଇ କର୍ମୀ ଆଦି ଅନେକଙ୍କୁ କରୋନା ଯୋଦ୍ଧା ଭାବରେ ସମ୍ମାନିତ କରାଯାଇଛି ସେଠି ଗାଁ ର ସାଧାରଣ କୃଷକ ହରି ଦାସ ଓ କୃଷି କରୁଥିବା ତାର ପାଠ ପଢୁଆ ପୁଅ ଅବିନାଶ କିପରି ଦୁଃଖଦ ସ୍ଥିତିରେ କାମ କରୁଛନ୍ତି ତାହାକୁ ଲେଖକ ଖୁବ୍ ମାର୍ମିକ ଭଙ୍ଗୀରେ ଉପସ୍ଥାପନା କରିଛନ୍ତି । ମହାମାରୀର କରାଳ ପଞ୍ଝାରେ କବଳିତ ହେଉଥିବା ଜନତାଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଜଣେ କୃଷକ କିପରି ଘୋର ଆର୍ଥିକ କ୍ଷତି ସତ୍ତ୍ୱେ ବି ଜୀବନକୁ ବାଜି ଲଗାଇ ଫସଲ ଉତ୍ପାଦନ କରୁଛି, ତାହାହେଉଛି ଗଳ୍ପର ବିଷୟବସ୍ତୁ । ସେହିପରି କରୋନା ସମୟରେ ହୋଟେଲ ରାଜପଥ ବନ୍ଦ ହୋଇଯିବା, କୃଷ୍ଣଦାସପୁର ରେଳ ଷ୍ଟେସନରେ ଦନେଇ ମଉସା ଯେଉଁ ଚା ଦୋକାନଟିକୁ ପାଥେୟ କରି ବଞ୍ଚୁଥିଲେ ସେଇଟି ଭାଙ୍ଗି ଯିବା ପରର ଦୁଃଖଦ ସ୍ଥିତିକୁ ଲେଖକ ବସନ୍ତ କୁମାର ଘୋଷ ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି, ଯାହାକୁ ପଢିଲେ ପାଠକଙ୍କ ଆଖିରେ ନିଶ୍ଚିତ ଭାବରେ ଲୁହ ଆସିଯିବ କ୍ଷ ବୈଜ୍ଞାନିକଙ୍କ ମିଳିତ ପ୍ରାୟସରେ କିପରି କରୋନା ଟିକା ବାହାରିଲା ତାକୁ ମଧ ଲେଖକ ଏକ ସୁନ୍ଦର କାଳ୍ପନିକ କାହାଣୀ ମାଧ୍ୟମରେ ଜଣାଇଛନ୍ତି । ଏଥିରେ ଥିବା କିଛି ଗଳ୍ପ ଯଦିଓ କାଳ୍ପନିକ ହେଲେ ତାର ଶବ୍ଦ ସଂଯୋଜନା ଏବଂ ଭାବ ବିନିମୟ ତାକୁ ଜୀବନ୍ତ କରି ଗଢି ତୋଳିଛି । ତାହା ତୁରୀ ଉପତ୍ୟକାର ତୀରନ୍ଦାଜ ମଙ୍ଗୁଳି ଶବରର ଆକୃତ୍ରିମ ପ୍ରେମ ହେଉ ବା ତାର ଅନ୍ତରର ଆବେଗ ।

ଗଳ୍ପଟିରେ ଲେଖା ଯାଇଛି, 'ତମାମ ପର୍ବତମାଳାର କୋଣେ ଅନୁକୋଣେ ପ୍ରକୃତିର ସମସ୍ତ ପ୍ରତିରୋଧକୁ ସାହସର ସହ ମୁକାବିଲା କରି ଅରଣ୍ୟର ଜୀବଜନ୍ତୁ ସହ ବଞ୍ଚି ରହିଛନ୍ତି ଅମୃତ ସନ୍ତାନ ଆଦିମ ଜନଜାତିମାନେ ।' ଏହି ନିଷ୍ପାପ ଅମୃତ ସନ୍ତାନଟିର ତୀରରେ ଅଜାଣତରେ କିଏ ମୃତ୍ୟୁ ବରଣ କରିବାର କରୁଣ ଦୃଶ୍ୟକୁ ମଧ ଏକ ଅଶ୍ଳୁଳ ଆବେଗ ମାଧ୍ୟମରେ ପ୍ରକାଶ କରିଛନ୍ତି । ଗଳ୍ପ ଟୁ ଲେଟ, ସୁରଜ ଗଡ଼ର ଦୁର୍ଗପତି, ବା ରୋଷେୟା ମନିଆନା ଓ ଅଭିରାମ ବାବୁଙ୍କ କାହାଣୀ ପ୍ରତ୍ୟେକ ଗଳ୍ପ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି । ଆତ୍ମନିର୍ଭର ଗଳ୍ପରେ କେଲୁଆ ନଈର ବନ୍ୟାରେ ଦରିଦ୍ର ବୃଦ୍ଧା କୁନିବୋଉର ଝୋପଡ଼ପଟି ଘରଟି ନିଜର ଅସ୍ତିତ୍ୱକୁ ଜାହିର କରି କିପରି କରାଳ ବନ୍ୟାର ସ୍ରୋତକୁ ପ୍ରତିହତ କରୁଛି ତାହାକୁ ଏକ ଦାମ୍ଭିକ ଶୈଳୀରେ ବର୍ଣନା କରାଯାଇଛି । ଇରାବତୀ ଉପତ୍ୟକାର ରୂପକଥା ଗଳ୍ପଟି ମଧ ବେଶ ରୋଚକ ଓ ରହସ୍ୟମୟ । ଜଙ୍ଗଲ ଧ୍ୱଂସ ହୋଇଯାଇଥିବାରୁ ହାତୀଟିର ଦୁଃଖ ଓ କ୍ଷୋଭ, ବୁଲା କୁକୁର କାଳିଆର କଷ୍ଟ ଏଭଳି କିଛି ସାଧାରଣ ଘଟଣା ମଧ ଲେଖକଙ୍କ ଦୃଷ୍ଟିରୁ ବାଦ ଯାଇନାହିଁ । ଏମିତିକି ବର୍ତ୍ତମାନ ବାଳୁତ ଶିଶୁ କନ୍ୟାଙ୍କ ପ୍ରତି ହେଉଥିବା ଦୁଷ୍କର୍ମ, ପାଶବିକ ଅତ୍ୟାଚାରକୁ ମଧ ଲେଖକ ଗାୟିକା ନିଶିଗନ୍ଧାର ଚରିତ୍ର ମାଧ୍ୟମରେ ସାମ୍ନାକୁ ଆଣିଛନ୍ତି । ଶିଶୁ କନ୍ୟାଟିର ଅପମୃତ୍ୟୁରେ ସେ କିପରି ନିଜର ସଂଗୀତର ସ୍ୱର ହଜାଇଦେଇଛି ତାହା ବାସ୍ତବରେ ଖୁବ ମର୍ମସ୍ପର୍ଶୀ । ସଦ୍ୟ ସମାଜରେ ଏଭଳି ପାଶବିକ ଆଚରଣ ପ୍ରାୟ ନିତି ପ୍ରତିଦିନ ହେଉଛି, ତେବେ ସେଥିପାଇଁ କେତେ ବା ଲୋକ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ? ହେଲେ ଲେଖକଙ୍କ ପ୍ରାଣ ଏଥିପାଇଁ ବିଳାପି ଉଠିଛି ।



ଶେଷରେ ସମ୍ରାଟଙ୍କ କନ୍ୟା ଗଳ୍ପଟି ଲେଖକଙ୍କ ଜଣେ ପରିପୂର୍ଣ୍ଣ ନାରୀର ଜୀବନର ଚିତ୍ର ଭଳି ମନେହୁଏ । ନାରୀ ଯେ କି ଦୁହିତା ସମ ଦୁଇ କୁଳରେ ହିତ ଲାଗି ଅହରହ କର୍ତ୍ତବ୍ୟରତ ତାହା ହେଉଛି କାହାଣୀର ଆଧାର । ଗୌରୀ ବାଳା କିପରି ବାଲ୍ୟ ସୁଖ ସମ୍ପଦରେ ପରିପୂର୍ଣ୍ଣ ଜୀବନରୁ କନ୍ୟା, ଭଗିନୀ, ପତ୍ନୀ, ବଧୂ ଓ ମାତା ଆଦି ସୋପାନ ଦେଇ କିପରି ଜୀବନର ନୌକାକୁ ପାର କରାଇଛନ୍ତି ତାହାକୁ ଏକ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ଜଣେ ସମ୍ରାଟଙ୍କ କନ୍ୟା ସଦୃଶ ଗୌରୀବାଳା ନିଜର ଦାମ୍ଭିକ ହୃଦୟ ଓ ନିର୍ଭୀକ ମନ ନେଇ କିପରି ମୃତ୍ୟୁର କୋଳରେ ମହାନନ୍ଦରେ ବିଶ୍ରାମ ନେଇଛନ୍ତି ତାକୁ ଲେଖକ ତାଙ୍କ ମୁଖ ମଣ୍ଡଳରେ ଛାଇ ହୋଇ ରହିଥିବା ଏକ ପରିତୃପ୍ତିର ହସ ମଧ୍ୟରେ ପ୍ରକାଶ କରିଛନ୍ତି ।

ଏଣୁ ପରିଶେଷରେ କୁହା ଯାଇପାରେ ଯେ, ପୁସ୍ତକରେ ଥିବା ପ୍ରତିଟି ଗଳ୍ପରେ ରହିଛି ସମାଜ ସଚେତନତାର ବାର୍ତ୍ତା, ପ୍ରକୃତି, ପରିବେଶ ତଥା ମଣିଷକୁ ଭଲପାଇବାର ଦୃଢ଼ ସଂକଳ୍ପ ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଦାମ୍ଭିକତା । ଏଣୁ ଏହି ସର୍ବସମାବେଶି ଭାବନାର ମିଶ୍ରଣରେ ଏହି ଗଳ୍ପ ଗୁଚ୍ଛଟି ସମାଜର ଏକ ଜାଗ୍ରତ ପ୍ରହରୀ ସମ ଅଜସ୍ର ଓଡ଼ିଆ ପାଠକ ପାଠିକାଙ୍କ ହୃଦୟରେ ନିଶ୍ଚିତ ଭାବରେ ସ୍ଥାନ ପାଇବ ।

ବିକାଶ ନଗର,
ବାଦାମବାଡ଼ି, କଟକ
(ମୋ) ୯୭୭୮୭୬୬୩୩୫

ଚେତନାର ଦର୍ପଣ - ୨୮

# ମୂଳଦୁଆ ବିହୀନ ଘର



♥ ଲଳିତ ମୋହନ ମିଶ୍ର

ପରେଶ ଓ ନରେଶ ଦୁଇ ବ୍ୟବସାୟୀ ଗୋଟିଏ ଗାଁରେ ରହୁଥିଲେ। ଦୁହେଁ ନିଜର ଧନ ସମ୍ପତ୍ତିରେ ଗୌରବ ପ୍ରଦର୍ଶନ କରୁଥିଲେ। ଦିନେ ପରେଶ ବନ୍ଧୁ ନରେଶଙ୍କୁ ମିଶିବାକୁ ତାର ଘରକୁ ଯାଇଥିଲା । ପରେଶ ଦେଖିଲା ନରେଶର ଘର ବହୁତ ବଡ ଏବଂ ସୁନ୍ଦର ତତ୍ ସଙ୍ଗେ ସଙ୍ଗେ ତିନି ମହଲା ବିଶିଷ୍ଟ । ଲୋକମାନେ ନରେଶଙ୍କୁ ବହୁତ ପ୍ରଶଂସା କରନ୍ତି । ଘରକୁ ଆସି ନରେଶର ଘରକୁ ଦେଖି ପରେଶ ବହୁତ ଦୁଃଖିତ । ନରେଶର ଘର ନିର୍ମାଣ କରିଥିବା ରାଜମିସ୍ତ୍ରୀକୁ ଡାକିଥିଲେ। ନରେଶଙ୍କ ଭଳି ଏକ ତିନି ମହଲା ଘର ନିର୍ମାଣ କରିବାକୁ ସେ ରାଜମିସ୍ତ୍ରୀକୁ କହିଥିଲେ । କିଛିଦିନ ପରେ ରାଜମିସ୍ତ୍ରୀ କାମ ଆରମ୍ଭ କରିଥିଲେ। ଦିନେ ପରେଶ ନିର୍ମାଣ ସ୍ଥଳକୁ ଯାଇ କାମ ଯାଞ୍ଚ କରିଥିଲେ। ଫାଉଣ୍ଡେସନ ଖୋଳିବା ପାଇଁ ଶ୍ରମିକମାନେ ଏକ ଗଭୀର ଗାତ ଖୋଳୁଥିବା ଦେଖି ସେ ରାଜମିସ୍ତ୍ରୀକୁ ଡାକି ପଚାରିଥିଲେ । ଏତେ ବଡ ଗଭୀର ଗାତ କାହିଁକି ଖୋଳୁଛନ୍ତି, ବୋଲି ପଚାରିଥିଲେ। ରାଜମିସ୍ତ୍ରୀ କହିଲେ, 'ଆପଣଙ୍କ କହିବା ଅନୁଯାୟୀ ମୁଁ ଏକ ତିନି ମହଲା ଘର ନିର୍ମାଣ କରିବି । ପ୍ରଥମେ ମୁଁ ଏକ ମଜବୁତ ଭିତ୍ତିଭୂମି ନିର୍ମାଣ କରିବାକୁ ପଡିବ । ତା'ପରେ ଯଥାକ୍ରମେ ପ୍ରଥମ ମହଲା, ଦ୍ୱିତୀୟ ମହଲା ଏବଂ ତୃତୀୟ ମହଲା ନିର୍ମାଣ କରିବା । 'ମୁଁ ଏସବୁ ବିଷୟରେ ଅଧିକ ଚିନ୍ତା କରି କରୁଅଛି ! 'ପରେଶ କହିଲେ, 'ତୁମେ ସିଧାସଳଖ ତୃତୀୟ ମହଲା ନିର୍ମାଣ କର । ଏହା ଯେପରି ନରେଶର ଘର ଭଳି ଉଚ୍ଚ ହେବ । ଫାଉଣ୍ଡେସନ ଏବଂ ବାକି ମହଲା ବିଷୟରେ ଚିନ୍ତା କର ନାହିଁ !' ରାଜମିସ୍ତ୍ରୀ କହିଲେ, 'ଏହା ହୋଇପାରିବ ନାହିଁ। 'ଆଚ୍ଛା, ଯଦି ତୁମେ ଏହା ନ କର, ତେବେ ମୁଁ ଏହା କରିବା ପାଇଁ ଅନ୍ୟ କାହାକୁ ଦେଇଦେବି। ପରେଶ ବିରକ୍ତ ହୋଇ ରାଜମିସ୍ତ୍ରୀକୁ କହିଲେ । ଫାଉଣ୍ଡେସନ ବିନା କୌଣସି ଘର ନିର୍ମାଣ ହୋଇ ପାରିବ ନାହିଁ , ଆପଣ ଘର କେବେ ନିର୍ମାଣ କରି ନାହାଁନ୍ତି । ତେଣୁ କୌଣସି ବଡ଼ କାର୍ଯ୍ୟ କରିବାକୁ ହେଲେ ପ୍ରଥମେ ତାର ମୂଳଦୁଆ ସୁଦୃଢ଼ କରିବା ସହ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ଦରକାର ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୨୫) ବୃତ୍ତି ପାଇଲି

ପ୍ରାୟ ତିନିମାସ ପରେ ମୁଁ ଆଉ ଖେଳିବା ବୁଲିବା ପାଇଁ ବେଶୀ ସମୟ ପାଇଲିନି । ବନ୍ଧୁ ଘରକୁ ବିଶେଷତଃ ନାନି ଘରକୁବି ମୋତେ ଯିବାକୁ ଦେଲେନି ଗୁରୁଜୀ । ମୋ ପାଇଁ ମୋ ମାଆବି ମାମୁଁଙ୍କ ଘରକୁ ଯାଇ ପାରିଲେନି ।

ପ୍ରତିଦିନ ବିଦ୍ୟାଳୟରେ ପାଠପଢା ସରିବାପରେ ଗୁରୁଜୀ ମୋତେ ଘଣ୍ଟାଏ ଦେଢଘଣ୍ଟା ଅଧିକ ସମୟ ପଢାନ୍ତି । ପୁଣି ସନ୍ଧ୍ୟାରେ ପ୍ରାର୍ଥନାପରେ ରାତି ୯ଟାଯାଏ ଓ ଭୋର ଚାରିଟାରୁ ପାଞ୍ଚ,ସାଢେ ପାଞ୍ଚ ଯାଏ ପଢାନ୍ତି । ଏହି ସମୟରେ ମୋର ଭୁଲ ଉତ୍ତରପାଇଁ ବା ଉତ୍ତର ଦେବାରେ ଅକ୍ଷମତାପାଇଁ ମୁଁ ଦଣ୍ଡିତ ହୋଇଛି ।

ପରୀକ୍ଷା ସମୟ ଆସିଗଲା ।ବାଲେଶ୍ୱର ମିଶନ ହାଇସ୍କୁଲରେ ପରୀକ୍ଷାକେନ୍ଦ୍ର ହୋଇଥିଲା। ବଡ ସମସ୍ୟା ହେଲା ...ଆମେ ରହିବା କେଉଁଠି ? ଅର୍ଥାତ୍ ମୁଁ,ବାପା ଓ ଗୁରୁଜୀ ରହିବା କେଉଁ ଜାଗାରେ ବା କାହାଘରେ ? ଆମର ସେମିତି ବନ୍ଧୁବାନ୍ଧବ ବା କେହି ଆତ୍ମୀୟ ସ୍ୱଜନ ବାଲେଶ୍ୱର ସହରରେ ନଥାନ୍ତି । ଘର ଭଡାନେଇ ରହିବାବି ଆମ ପକ୍ଷରେ ଏକ ଅସମ୍ଭବ ବ୍ୟାପାର ।

ଆମ ଗାଆଁର ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ସାମଲ ମେଟ୍ରିକ ପାଶ୍ କରି ବାଲେଶ୍ୱର ସେଲଟେକ୍ସ ଅଫିସରେ କିରାଣୀ ଚାକିରି କରିଥାନ୍ତି । ସେହି ସମୟରେ ସେ କଣପାଇଁ କେଜାଣି ଛୁଟିନେଇ ଘରକୁ ଆସିଥାନ୍ତି । ମୁଁ ବୃତ୍ତିପରୀକ୍ଷା ଦେବାକୁ ବାଲେଶ୍ୱର ଯିବିବୋଲି ଶୁଣି ସେ ଆମଘରକୁ ଆସିଲେ । ବାପାଙ୍କଠୁଁ ସବୁକଥା ଶୁଣି ସେ ତାଙ୍କ ଘରେ ରହିବା ଓ ଖାଇବା ପାଇଁ ପ୍ରସ୍ତାବ ଦେଲେ। ଯେହେତୁ ବାପା ଅନେକ ସମୟରେ ତାଙ୍କ ଘରେ ମଜୁରୀ ଲାଗୁଥାନ୍ତି , ତେଣୁ, ଆମର ଦାରିଦ୍ର୍ୟ ସମ୍ପର୍କରେ ସେ ଭଲଭାବରେ ଜାଣିଥିଲେ । ନିଜର ଦୁଇ ଚକ୍ଷୁରୁ ବହି ଆସୁଥିବା କୃତଜ୍ଞତାର ଲୁହକୁ ବାପା ନିଜ ଗାମୁଛାରେ ପୋଛି ପକାଇଲେ । ଏକ ବଡ ସମସ୍ୟାର ସମାଧାନ ହୋଇଗଲା ବୋଲି ଆମ ଘରେ ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରିଲେ ।

ମୁଁ ପ୍ରଥମଥର ପାଇଁ ବାଲେଶ୍ୱର ଗଲି । ମୋତେ ସବୁକିଛି ନୂଆ ଓ ଆଶ୍ଚର୍ଯ୍ୟ ଲାଗୁଥାଏ । ରେଳଗାଡିରେ ବୋଧହୁଏ ପ୍ରଥମଥର ପାଇଁ ଚଢିଥିଲି । ଗାଆଁରୁ ସୁବର୍ଣ୍ଣରେଖା ନଦୀ ପାରିହୋଇ ଜଳେଶ୍ୱର ଷ୍ଟେସନକୁ ଗଲି ଚାଲିଚାଲି। ସେଠାରୁ ବାଲେଶ୍ୱର ଷ୍ଟେସନ ଯାଏ ରେଳଗାଡିରେ ଯାଇ ସେଇଠୁ ପୁଣି ପାଦରେ ଚାଲିଚାଲି ଆମେ ତିନିଜଣ ଗଲୁ ଗଡଗଡିଆ ପୋଖରୀ ପାଖରେ ଥିବା ତାଙ୍କ ଭଡାଘରକୁ । ସେଦିନ ଥାଏ ରବିବାର। ବଙ୍କିମକାକା ଘରେ ଥାନ୍ତି ।

ତିନି ବଖରା ବିଶିଷ୍ଟ ଏକ ମାଟିଘରେ ସେ ରହୁଥାନ୍ତି । ରାନ୍ଧଣାଘର ଅଲଗା । ଆମକୁ ଗୋଟିଏ କୋଠରୀ ଦେଲେ ରହିବାପାଇଁ । ମସିଣା ବି ଦେଲେ । ଆମେ ମଶାରୀ ଓ ଲୁଗାପଟା ନେଇଥିଲୁ । ସେଇଘରେ ପରୀକ୍ଷା ସରିବା ଯାଏଁ ରହିଲୁ । (ପ୍ରକୃତରେ ଆମ ପରୀକ୍ଷା କେତେଦିନ ହୋଇଥିଲା ସେକଥା ମୋର ମନେ ନାହିଁ।)

ସେଇଦିନ ମୋଠାରୁ ବୟସରେ ଛଅ/ ସାତବର୍ଷ ବଡ ଫକୀରମୋହନ ମହାବିଦ୍ୟାଳୟରେ ଅଧ୍ୟୟନରତ ତାଙ୍କର ଶାଳକ ସହିତ ମୋର ପରିଚୟ କରାଇଦେଲେ। ତାଙ୍କର ନାମ କୁମୁଦରଞ୍ଜନ ରାଉତ, ଘର ମାଳିପାଳ । ସେ ଏକ ସମୃଦ୍ଧ ଓ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ । ସେ ଏମ.ବି.ବିଏସ ପାଶ୍ କରି ଓ ପରେ ଚିକିତ୍ସାବିଜ୍ଞାନର କୌଣସି ବିଭାଗରେ ବିଶେଷ ଦକ୍ଷତା ହାସଲକରି ଜଣେ ଦକ୍ଷ ଚିକିତ୍ସକ ହୋଇଥିଲେ । ମୟୂରଭଞ୍ଜ ଜିଲ୍ଲାର ସି.ଡି.ଏମ.ଓ. ଭାବରେ କାର୍ଯ୍ୟକରି ଅବସର ନେଇ ଏବେ ବାରିପଦାରେ ସ୍ଥାୟୀଭାବରେ ବାସ କରୁଛନ୍ତି ।

ସେବେଠୁ ଆଜିଯାଏ ସେ ମୋର ଜଣେ ଭଲ ସାଥି ଓ ଉପଦେଷ୍ଟା । ପ୍ରତିଦିନ ପରୀକ୍ଷା ପରେ ମୁଁ ବସାକୁ ଫେରିବା ପରେ ଓ ସେ କଲେଜରୁ ଆସିଲେ ଗଡଗଡିଆ ପୋଖରୀ ଘାଟର ପକ୍କା ବେଞ୍ଚରେ ବସି ଗପସପ କରୁ । ସେ ତାଙ୍କର ସାଙ୍ଗମାନଙ୍କ ସହିତ ସମୟ ସମୟରେ ଗୋଡିରେ ବାଘ-ଛେଳି ଖେଳ ଖେଳନ୍ତି ବା ସମସାମୟିକ ଘଟଣାବଳୀ ସମ୍ପର୍କରେ ଆଲୋଚନା କରନ୍ତି । ମୁଁ ନିରବଦ୍ରଷ୍ଟା ସାଜେ ।

ଯାହେଉ, ସୋମବାରଠାରୁ ମୁଁ ମିଶନ ହାଇସ୍କୁଲରେ ପରୀକ୍ଷା ଦେଲି । ସେ ହାଇସ୍କୁଲର ବିରାଟ ହତା ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଗଲି। ପ୍ରଥମଥର ପାଇଁ ବିରାଟ ବିରାଟ ପକ୍କାଘର ଓ ଖୁବ୍ ଉଚ୍ଚାରେ ଥିବା ପକ୍କା ଛାତ ଦେଖି ମୋ ଅଖି ଲାଖି ରହିଲା । ସେଇ ଛାତରୁ କେତୋଟି ବିଦ୍ୟୁତ ଚାଳିତ ପଙ୍ଖା ଝୁଲିଥାଏ ଓ ଶୀତଳ ପବନ ଦେଉଥାଏ । ପରୀକ୍ଷା ନିରୀକ୍ଷକମାନେ ଥିଲେ ଖୁବ୍ ଗମ୍ଭୀର ସ୍ୱଭାବର। ପ୍ରଧାନ ଶିକ୍ଷକ ଓ ସ୍କୁଲ ଇନ୍ସପେକ୍ଟର ବି ମଝିରେ ମଝିରେ ପରୀକ୍ଷା ଚାଲୁଥିବା ଘରେ ବୁଲି ଯାଆନ୍ତି ଓ ପରୀକ୍ଷା ଭଲଭାବରେ ଚାଲୁଛିକି ନାହିଁ ଦେଖନ୍ତି। ମୁଁ ପ୍ରଥମେ ଖୁବ୍ ଭୟ ପାଇ ଯାଇଥିଲି। ପରେ ଭଗବାନଙ୍କୁ ସ୍ମରଣକରି ମନରେ ସାହସ ବାନ୍ଧିଲି ଓ ଲେଖି ଚାଲିଲି ।

ପ୍ରତି ସନ୍ଧ୍ୟାରେ ବଙ୍କିମବାବୁ ପରୀକ୍ଷାରେ କିମିତି କରିଛିବୋଲି ମୋତେ ପଚାରନ୍ତି । ମୋ ଉତ୍ତର ଶୁଣି ଖୁସି ହୁଅନ୍ତି ଓ ବିଭିନ୍ନ ପରାମର୍ଶ ଦିଅନ୍ତି।

ପରୀକ୍ଷା ସରିଗଲା । ବଙ୍କିମ ବାବୁ ଓ ତାଙ୍କ ସ୍ତ୍ରୀଙ୍କଠୁ ପ୍ରଣାମକରି ବିଦାୟ ନେଲି । କୁମୁଦବାବୁଙ୍କୁ ପ୍ରଣାମ କଲାବେଳେ ସେ ମୋତେ କୁଣ୍ଢାଇ ପକାଇଲେ ।

ସେ ବୃତ୍ତି ପରୀକ୍ଷା ସରିଲାଣି ଅନେକ ବର୍ଷ ତଳୁ । ମୁଁ ଆଜି ବୟସର ସାୟାହ୍ନରେ ଉପନୀତ। ବଙ୍କିମବାବୁ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗବାସୀ ହେଲେଣି କେବେଠୁ । ସେମାନଙ୍କ ଆତ୍ମାର ସଦଗତି କାମନା କରିଛି ସବୁବେଳେ । ମୁଁ ସେମାନଙ୍କ ସାହାଯ୍ୟ ଓ ସହାନୁଭୂତି କେବେବି ଭୁଲି ପାରିବିନି।

ପ୍ରାୟ ଦେଢମାସ ପରେ ପରୀକ୍ଷାଫଳ ବାହାରିଲା । ଆଶାକରି ନଥିବା ଘଟଣା ଘଟିଲା। ମୁଁ ଜିଲ୍ଲାସ୍ତରରେ ବୃତ୍ତି ପରୀକ୍ଷାରେ ସଫଳ ହୋଇ ବୃତ୍ତି ପାଇବାପାଇଁ ଯୋଗ୍ୟବିବେଚିତ ହେଲି ।

ଆମ ବିଦ୍ୟାଳୟରେ, ଘରେ ଓ ଗାଆଁରେ ଆନନ୍ଦର ଲହରୀ ଖେଳିଗଲା । ଏ ଖବର ଶୁଣି ବାପା ମାଆ ଦାଦି ଓ ଖୁଡୀଙ୍କୁ ପ୍ରଣାମ କଲି । ବିଦ୍ୟାଳୟକୁ ଯାଇ ଗୁରୁଜୀମାନଙ୍କୁ ଯଥାବିଧି ସମ୍ମାନ ଜଣାଇଲି।

ଏହାପରେ ସରକାର ପ୍ରଧାନ ଗୁରୁଜୀଙ୍କ ସମେତ ଅନ୍ୟ ଗୁରୁଜୀମାନଙ୍କର ଦରମା ବଢାଇଦେଲେ ।

ଯଥା ସମୟରେ ବୃତ୍ତିପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ପ୍ରମାଣପତ୍ର ପାଇଲି । ମୋତେ ଜଳେଶ୍ୱର ମଧ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢିବାକୁ ହେବ ଓ ମାସକୁ ଚାରିଟଙ୍କା ହାରରେ ଦୁଇବର୍ଷ ପାଇଁ ବୃତ୍ତିଟଙ୍କା ମିଳିବ ବୋଲି ସେଥିରେ ଉଲ୍ଲେଖଥାଏ । (ଏବେ ବି ସେ ପ୍ରମାଣପତ୍ର ମୁଁ ସାଇତି ରଖିଛି। ସେଥିରେ ବାଲେଶ୍ୱର ଜିଲ୍ଲା ଇନ୍ସପେକ୍ଟରଙ୍କ ଦସ୍ତଖତ ଓ ମୋହର ସହ ତାରିଖ ଦିଆଯାଇଛି ୨୯ .୬.୧୯୫୪) ସେ ବେଳର ଚାରିଟଙ୍କା ଆଜିର ଦରଦାମ ବା ମୂଲ୍ୟସୂଚୀ ଅନୁସାରେ କେତେ ଟଙ୍କା ହେବ , ଆପଣମାନେ ଅନୁମାନ କରିବାକୁ ଅନୁରୋଧ । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ସ୍ମୃତି ଆଲେଖ୍ୟ...

# ମହାନ ବିପ୍ଳବୀ 'ଧରଣୀଧର'



ଡ. ଶରତ ଚନ୍ଦ୍ର ମିଶ୍ର

କେଉଁଝରରେ ଲୋକେ ଖଣି-ଖାଦାନ, ଧୂଳି-ଧୂଆଁ, ଟ୍ରକ-ଟ୍ରଲର ତଳେ ଚାପି ହୋଇ ମଲେ ବି ସମସ୍ତେ ନିର୍ବିକାର । କାରଣ କଣ ସେଠାରେ ବିପ୍ଳବୀ ନାହାନ୍ତି ? ନା ବିଦ୍ରୋହରେ ମଙ୍ଗ ଧରିବା ପାଇଁ ନେତା ନାହାନ୍ତି ? ଆଜି ଆମେ ସ୍ୱାଧୀନ ହେଲେ ମଙ୍ଗୁଆଳର ଅଭାବ ? ସେଦିନ ଆମେ ଥିଲେ ପରାଧିନ । ଡବଲ ପରାଧିନ । ପ୍ରଥମେ ରାଜାଙ୍କର ଶାସନ ଓ ଶୋଷଣ ଦ୍ୱିତୀୟରେ ଇଂରେଜ ଶାସନର ରାଜ୍ୟ ବିସ୍ତାର ଓ ପ୍ରତିବାଦ ଶୂନ୍ୟ ଜନତାଙ୍କ ଉପରେ କଠୋର କଠୋର ଶାସନର କୋରଡା । ତଥାପି ଇଂରେଜଙ୍କର କୁଶାସନ ଓ ରାଜାଙ୍କର ଅତ୍ୟାଚାର ବିରୋଧରେ ସେଦିନ ବି ବଣ ପାହାଡ଼ ଘେରା କେଉଁଝର ଅଞ୍ଚଳରେ ବିଦ୍ରୋହର ନିଆଁ ଜଳାଇ ଶାସନଙ୍କ ଆଖିରୁ ନିଦ ହଜାଇ ଦେଇଥିଲେ ସେହି ମହାନ ବିପ୍ଳବୀ ଧରଣୀ ଧର ନାୟକ ।

ପିତା ଲଇଛଣ (ଲଇକ୍ଷଣ) ନାୟକଙ୍କ ଔରସରୁ ଓ ମାତା ବାଇଗଣୀ ଦେଇଙ୍କ ଗର୍ଭରୁ ବୈଶାଖ ମାସ ଗୁରୁବାର ଇଂରାଜୀ ୧୮୬୪ ମସିହା ମେ ମାସ ୫ ତାରିଖରେ ଧରଣୀଧରଙ୍କ ଜନ୍ମ । ଆଦିବାସୀ ଗ୍ରାମ କୁସୁମିତା ଓ କେନ୍ଦୁଝର ଗଡ଼ଜାତ ରାଜ୍ୟରେ ଜନ୍ମ । ପିଲାବେଳୁ ସେ ଯେମିତି ସାହସି ଥିଲେ ଠିକ୍ ସେମିତି ବୁଦ୍ଧିମାନ । ବୟସ ହେବାରୁ ଗାଁ ଚାଟଶାଳାରେ ପ୍ରାଥମିକ ଶିକ୍ଷା ଶେଷ କଲେ । ଏହାପରେ ସେ ଇଂରାଜୀ ବିଦ୍ୟାଳୟରେ ଶିକ୍ଷାଲାଭ କଲେ ଓ କୃତିତ୍ୱର ସହ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । କେଉଁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ତାଙ୍କ ଜ୍ଞାନ ଓ ପଢ଼ାରେ ଖୁସି ହୋଇ ତାଙ୍କୁ ବୃତ୍ତି ଦେଇ ଜମାଜମା ସର୍ବେକ୍ଷଣ (ସର୍ଭେ) ପାଠପଢ଼ିବା ପାଇଁ କଟକ ପଠାଇଲେ। କଟକରେ ସେ ଅନେକ ଭଲ ସହପାଠୀ ବନ୍ଧୁ ପାଇଲେ ଓ ଦେଶ ବିଦେଶର ଖବର ଜାଣି ନିଜ ଜନ୍ମମାଟି ଓ ଜାତିଭାଇ ପାଇଁ ଭାଳି ହେଲେ । ସେ ଆଦିବାସୀ ଭୂୟାଁ ସମ୍ପ୍ରଦାୟରେ ଜନ୍ମିଥିଲେ । ଭୂୟାଁମାନେ ନିଜକୁ ଭୂମିପୁତ୍ର କହନ୍ତି । ଅବହେଳିତ, ଅଶିକ୍ଷିତ ଓ ସରଳ ଭୂୟାଁମାନଙ୍କର ଦୂରବସ୍ଥା ତାଙ୍କୁ ଖୁବ୍ ବାଧିଥିଲା ।

କଟକଠୁ ସେ ସର୍ଭେ ପାଠ ଶେଷକରି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ପରେ ରାଜା ତାଙ୍କୁ ସର୍ବେକ୍ଷଣ ନିରୀକ୍ଷକ (ସର୍ଭେ ଓ ଉରସିଅର) ଭାବେ ନିଯୁକ୍ତି କରିଥିଲେ । ସେ ନିଜର କର୍ତ୍ତବ୍ୟନିଷ୍ଠା, ସାଧୁତା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁଁ ଖୁବ୍ ଅଳ୍ପ ସମୟ ମଧ୍ୟରେ ରାଜାଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଏଥିରେ କିଛି ରାଜକର୍ମଚାରୀ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବାକୁ ଲାଗିଲେ । ଏହାର ମୁଖ୍ୟ ଥିଲେ ରାଜାଙ୍କର ସହକାରୀ ଦେବାନ୍ ବିଚିତ୍ରାନନ୍ଦ ଦାସ । ଏହି ସମୟରେ କେଉଁଝର ଓ ସିଂହଭୂମ ରାଜ୍ୟ ମଧ୍ୟରେ ସୀମାବିବାଦ ଥିଲା । ସୀମାବିବାଦର ସମାଧାନ ପାଇଁ ରାଜା ତାଙ୍କର ବିଶ୍ୱସ୍ତ ଧରଣୀଧରଙ୍କୁ ସେଠାକୁ ପଠାଇଲେ । ସେ କିଛି କର୍ମଚାରୀଙ୍କୁ ଧରି ଉଭୟ ରାଜ୍ୟର ସୀମାକୁ ଗଲେ ।

ବିଚିତ୍ରାନନ୍ଦ ଓ ତାଙ୍କର ଅନୁଗାମୀଗଣ ଧରଣୀଙ୍କ ବିରୋଧରେ ନାନା ଖଚମିଛ କହି ଓ ମିଥ୍ୟା ଅଭିଯୋଗମାନ କରି ରାଜାଙ୍କ ମନରେ ବିଷ ପୂରାଇ ଦେଲେ । କିଛିଦିନ ପରେ ଧରଣୀଧର ସୀମାନ୍ତର ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରି ଫେରିବା ପରେ ରାଜା ତାଙ୍କ କୌଣସି କାରଣ ନଥାଇ ଚମ୍ପୁଆକୁ ବଦଳି କଲେ । ମାତ୍ର ଧରଣୀଧର ଅଳ୍ପଦିନ ମଧ୍ୟରେ ନିଜର କର୍ମକ୍ଷତା, ନମ୍ରବ୍ୟବହାର ଓ ସ୍ପଷ୍ଟବାଦିତା ପାଇଁ ସେଠାରେ ଜନପ୍ରିୟ ହୋଇଉଠିଲେ ।

ଏହି ସମୟରେ କେନ୍ଦୁଝର ଗଡ଼କୁ ପାଣି ଆଣିବା ପାଇଁ ପାହାଡ଼ ଉପରେ ଥିବା ମାଛ କାନ୍ଦଣା ନଦୀରେ ବନ୍ଧର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଅନ୍ୟତ୍ରରେ ଯେଉଁ ଭୂୟାଁମାନଙ୍କୁ ସମ୍ମାନ ଦିଆଯାଉଥିଲା ବିଭିନ୍ନ କାର୍ଯ୍ୟକ୍ରମରେ ରାଜାଙ୍କୁ ସେମାନେ ଆକୁଣ୍ଠ ସାହାଯ୍ୟ କରୁଥିଲେ ରାଜାଙ୍କୁ ବିଭିନ୍ନ ଦ୍ରବ୍ୟ ଭେଟି ଦେଉଥିଲେ ଆଜି ରାଜକର୍ମଚାରୀ ତାହାର ଫାଇଦା ଉଠାଇବା ପାଇଁ ତାଙ୍କୁ ବନ୍ଧ ନିର୍ମାଣ କାର୍ଯ୍ୟରେ ନିୟୋଜିତ କଲେ। ବରିଷ୍ଠ ରାଜକର୍ମଚାରୀମାନେ ଭୂୟାଁମାନଙ୍କୁ ନେଇ ବେଠି ଖଟାଇ ଚାବୁକ ମାଡ଼ ଦେଇ ଦିନ ରାତି ପାହାଡ଼ ଉପରେ ପଥର ଭାଙ୍ଗିବା ଓ ବିଭିନ୍ନ କାର୍ଯ୍ୟ କରାଇଥିଲେ । ଏକଥା ଧରଣୀଧରଙ୍କ କାନରେ ପଡ଼ିଲା, ସେ ତୁରନ୍ତ ଚମ୍ପୁଆରୁ ଆସିଲେ ଓ ବୁଝିଲେ ଯେ ବନ୍ଧ ତଦାରଖ ଦାୟିତ୍ୱରେ ଥିବା ଧୂର୍ତ୍ତ ବିଚିତ୍ରାଣି ତାଙ୍କର ବ୍ୟବହାର ଓ ନିର୍ମମ ଅତ୍ୟାଚାରରେ ଆଦିବାସୀମାନେ ଭିତରେ ଖୁବ୍ ଉତ୍ୟକ୍ତ ଓ କ୍ଷୁବ୍ଧ ଥିଲେ । ପ୍ରଜାମାନଙ୍କର ଆକୁଳ ଆବେଦନକୁ ରାଜା ବେଖାତିର କଲେ। ଫଳରେ ପ୍ରଜା ନିରାଶ ହେଲେ । ଏହି ବେଠିଆମାନଙ୍କ ମଧ୍ୟରେ ଯେଉଁମାନେ ରାଜାଙ୍କୁ ଦୁଃଖ ଜଣାଇବାକୁ ଯାଇଥିଲେ ସେମାନଙ୍କ ମଧ୍ୟରେ ଧରଣୀଧରଙ୍କ ବଡ଼ଭାଇ ଗୋପାଳ ବି ଥିଲେ । ରାଜା ଗୋପାଳ ସମେତ କୋଡ଼ିଏ ଜଣଙ୍କୁ ବନ୍ଦୀ କରିନେଲେ । ଏଥିରେ ଭୂୟାଁ ସମ୍ପ୍ରଦାୟର ଲୋକେ ଖୁବ୍ ମର୍ମାହତ ଓ ଉତ୍ୟକ୍ତ ହୋଇଉଠିଲେ ରାଜାଙ୍କର ଅତ୍ୟାଚାର ଓ ଶୋଷଣ ବିରୋଧରେ । ଧରଣୀଧର ଆହ୍ୱାନ ଦେଲେ ରାଜାଙ୍କ ବିରୋଧରେ ବିପ୍ଳବ କରିବା ପାଇଁ । ଏଥିରେ କେଉଁଝରେ ସିଂହଭୂମା ଓ ବଣାଇ ଅଞ୍ଚଳରେ ହଜାର ହଜାର ଲୋକ ଏକତ୍ରିତ ହେଲେ । ଧରଣୀଧର କଟକର କମିଶନର, କଲିକତାର ଇଂରେଜ ଅଫିସର ଓ ମୟୂରଭଞ୍ଜର ମେନେଜରଙ୍କୁ ରାଜାଙ୍କର ଅତ୍ୟାଚାର ସମ୍ବନ୍ଧରେ ଅବଗତ କରାଇଲେ । ହେଲେ ସମାଧାନ କିଛି ହେଲାନି। ପ୍ରଜାମାନେ ଏକଜୁଟ ହୋଇ ବିଦ୍ରୋହ କଲେ ଓ ବିପ୍ଳବକୁ ଆହ୍ୱାନ କଲେ ।

ବିଦ୍ରୋହୀ ମାନଙ୍କର ନେତୃତ୍ୱ ନେଇ ଧରଣୀଧର ଚାକିରି ପରିତ୍ୟାଗ କଲେ ରାଜାଙ୍କୁ ଆହ୍ୱାନ ଦେଲେ ଗାଦି ଛାଡ଼ିବା ପାଇଁ । ବିଦ୍ରୋହୀମାନେ ପ୍ରଥମେ କୁଚକ୍ରୀ ଅତ୍ୟାଚାରୀ ବିଚିତ୍ରାନନ୍ଦଙ୍କୁ ଗଡ଼ଗଡ଼ କରି ହାଣି ନିଜର ପ୍ରତିଶୋଧ ନେଇଥିଲେ । କେନ୍ଦୁଝର ଗଡ଼ ନିକଟସ୍ଥ ରାଇସୁଆଁ ଗ୍ରାମରେ ଆୟତଟାରେ ପାଞ୍ଚ ହଜାରରୁ ଅଧିକ ଭୂୟାଁ ଯୋଗଦେଲେ । ଧରଣୀଧରଙ୍କ ନେତୃତ୍ୱରେ ବିଦ୍ରୋହୀ ଗଣ ନଅରକୁ ଅବରୋଧ କରି ରାଜାଙ୍କୁ ଗାଦି ଛାଡ଼ିବାକୁ ନିର୍ଦ୍ଦେଶ ଦେଲେ । ପୂର୍ବରୁ ଇଂରେଜ ସରକାର ସହାୟତା ଦେବାକୁ ମନା କରିଦେଇଥିଲେ ହେଲେ ଚତୁର ଦେୱାନ ବ୍ୟାସକବି ଫକୀରମୋହନ ସେନାପତିଙ୍କର ବିଚକ୍ଷଣତା ଯୋଗୁଁ ରାଜା ହାତୀପିଠିରେ ରାତିରେ ଆନନ୍ଦପୁରକୁ ପଳାଇଥିଲେ । ବିଦ୍ରୋହୀ ରାଜନଅର ଅଧିକାର କଲେ । ରାଜାଙ୍କୁ ନପାଇ ଦେୱାନଙ୍କୁ ଧରିଆଣି ଧରଣୀଧରଙ୍କ ସମ୍ମୁଖରେ ହାଜର କଲେ । ଧରଣୀଧର ଦେୱାନଙ୍କୁ କହିଲେ ରାଜାର ମେନେଜରି କରୁଥିଲ ଏବେ ମୋର କର। ବିଦ୍ରୋହୀମାନେ ସେହି ଆୟତଟାରେ ଧରଣୀଧରଙ୍କୁ ରାଜା ଭାବି ଅଭିଷିକ୍ତ କଲେ । ଧରଣୀଧରଙ୍କର ଅଗ୍ରଗତି ଦେଖି କେନ୍ଦୁଝର ପଲିଟିକାଲ ଏଜେଣ୍ଟ ପ୍ରମାଦଖଣି ହାଇକମିଶନ ପାଖକୁ ରିପୋର୍ଟ ଦେଲେ ।

ଦେୱାନ ଫକୀମୋହନ ନିଜର ପ୍ରସିଦ୍ଧ ଚିଠି ଭୋଳାନାଥ ଖମାରିଆ ଜାଣିବୁ ଶହେ ପାନ ଓ



ଦୁଇଶହ ଗୁଆ ପଠାଇବୁ... । କଟକ ପଠାଇଲେ । ଚିଠିକୁ ବାରିଷ୍ଟର ମଧୁବାବୁ ପଢ଼ି ତାକୁ ବାଖ୍ୟା କରି ଅର୍ଥ ବାହାର କଲେ । ଏହାପରେ ବ୍ରିଟିଶ ସେନା ଚାଇଁବସା ପଟୁ ଇଂରେଜ ସରକାରଙ୍କ ଡେପୁଟି କମିଶନର ଡାଉନ୍‌ସଙ୍କ ନେତୃତ୍ୱରେ ସୈନ୍ୟମାନେ ଯାଇ ଧରଣୀଧରଙ୍କର ବିପ୍ଳବକୁ ସମାପ୍ତ କରିବା ସହ ତାଙ୍କୁ ଏବଂ ତାଙ୍କ ଭାଇ ଗୋପାଳକୁ ବନ୍ଦୀ କଲେ। ବିଚାର ପରେ ଧରଣୀଧରଙ୍କୁ କଟକ ଜେଲକୁ ନିଆଗଲା । ବିଚାର ପରେ ତାଙ୍କୁ ସାତବର୍ଷ ଜେଲଦଣ୍ଡ ହେଲା । ସେ ୧୮୯୨-୧୮୯୭ ପର୍ଯ୍ୟନ୍ତ ଜେଲରେ ରହିଲେ । ୧୮୯୭ରେ ଜେଲରୁ ମୁକ୍ତି ପାଇଁ ପୁରୀର ବାଙ୍କି ମୁହାଣରେ ଅବସ୍ଥାନ କଲେ । ମୁକ୍ତି ପୂର୍ବରୁ ସର୍ତ୍ତ ଥିଲା ସେ ଆଉ କେବେ ବି କେନ୍ଦୁଝର ଫେରିବେ ନାହିଁ । ପୁରୀରେ ଥିବାବେଳେ ପଣ୍ଡିତ ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସ ତାଙ୍କୁ ସାକ୍ଷାତ କରିଥିଲେ ।

ଏହାପରେ ସେ ୧୯୧୨ ମସିହାରେ ପୁରୀଠାରୁ ଆଳି ଯାଇ ସେଠାରେ ଆଶ୍ରମଟିଏ ସ୍ଥାପନ କରି ସେଠାରେ ଜଣେ ସନ୍ୟାସୀର ଜୀବନ ବିତାଇଲେ । ମାନସିକ ଦୁଶ୍ଚିନ୍ତାରେ ସବୁବେଳେ ରହୁଥିଲେ । ଜାତିଭାଇ, ଜନ୍ମମାଟିଠାରୁ ଦୂରରେ ରହି ସର୍ବଦା ତାହାଙ୍କୁ ଝୁରି ହେଉଥିଲେ । କ୍ରମେ ସ୍ୱାସ୍ଥ୍ୟର ଅବନ୍ନତି ହେଲା । ୧୯୧୪ ମସିହା ମେ ମାସ ୧୬ ତାରିଖ ଶନିବାର ଦିନ ତାଙ୍କର ମୃତ୍ୟୁ ହେଲା । ମହାନ୍ ବିପ୍ଳବୀ ଧରଣୀଧରଙ୍କର ମରଶରୀର ଅବସାନ ଘଟିଲେ ବି ତାଙ୍କର ସାଂଗଠନିକ କ୍ଷମତା ଓ ବିଦ୍ରୋହୀ ଭାବଧାରା ସବୁଦିନ ଯୁଗସମାଜ ପ୍ରତି ଆହ୍ୱାନ ହୋଇ ରହିଛି ଓ ରହିବ ।

♥ ପ୍ରଜ୍ଞାନୀଡ଼
ବସନ୍ତବିହାର, ଶୋଭାରାମପୁର,
ବାଲେଶ୍ୱର୭୫୬୦୦୧
ମୋ: ୮୮୯୫୯୮୮୮୮୪

# ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ

ଗୋପୀନାଥ ଦାଶ



ନିର୍ବାଚନ ବିଗୁଲ୍ ବାଜିସାରିଲାଣି। ତିନିତିନୋଟି ଦଳ ପ୍ରଚାରରେ ସମ୍ପୂର୍ଣ୍ଣ ବ୍ୟସ୍ତ। ଭୋଟ ୨୪ ପାଇଁ ସମସ୍ତେ ନିଜ ମତାଧିକାର ସାବ୍ୟସ୍ତ ପାଇଁ ଆଗ୍ରହୀ। ମୁକ୍ତ ଓ ଅବାଧ ଜନମତ ସଂଗ୍ରହ ଭିତ୍ତିରେ ସ୍ୱଚ୍ଛ ନିର୍ବାଚନ ମାଧ୍ୟମରେ ହିଁ ଗଣତାନ୍ତ୍ରିକ ଶାସନର ସାମ୍ବିଧାନିକ ମୂଳଦୁଆ ପଡ଼ିଥାଏ। କେବଳ ସ୍ୱଚ୍ଛ ଓ ସୁସ୍ଥ ଜନମତ ଭିତ୍ତିରେ ଲୋକାଭିମୁଖୀ ଗଣତନ୍ତ୍ରର ଗୌରବ ବଢ଼ିଥାଏ। ତେଣୁ ନିର୍ବାଚନ ମୁକ୍ତ ଓ ସୁସ୍ଥ ବାତାବରଣରେ ହେବା ଯେତିକି ଆବଶ୍ୟକ ସେତିକି କିମ୍ବା ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସୁସ୍ଥ ଜନାଦେଶ ଭିତ୍ତିରେ ଗଠିତ ସରକାର ରାଷ୍ଟ୍ରବିକାଶ ତଥା ଜନସମୂହର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଶାସନ ପରିଚାଳନା କରିବା। ଏହି ମର୍ମରେ ଓଡ଼ିଶାର ବିକାଶ କଥା ଆଲୋଚନା କଲେ ଗତମାସ ଯାଜପୁରର ଚଣ୍ଡୀଖୋଲଠାରେ ବିଜେପିର ବିଶାଳ ସମାବେଶରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଯାହା କହିଥିଲେ ତାହା କେବଳ ଏହି ଲେଖକର କିମ୍ବା ବଡ଼ଚଣା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ନୁହେଁ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଏହା ସବୁବେଳେ ପାଇଁ ସ୍ମରଣୀୟ ହୋଇ ରହିବ। ଓଡ଼ିଶାର ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ହାଇଭୋଲଟେଜ ଲଢ଼େଇ ହେଉଛି। ଏଠାରେ ବିଜେପିର ଯୁବ ଲୋକପ୍ରିୟ ଚେହେରା ତଥା ସ୍ଥାନୀୟ ଅଞ୍ଚଳରେ ବେଶ୍ ବିପୁଳ ଲୋକପ୍ରିୟତା ପାଇଥିବା ଅମାର ନାୟକ ଓ ବିଜେଡ଼ିର ସିନେ ତାରକା ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ। ଚଣ୍ଡିଖୋଲରେ ଲକ୍ଷାଧିକ ବିଜେପି କର୍ମୀ ଓ ଶୁଭେଚ୍ଛୁଙ୍କ ଗହଳି ପ୍ରମାଣ କରିଦେଇଥିଲା ଅମର ନାୟକଙ୍କୁ ଭଲପାଉଥିବା ବିପୁଳ ଜନ ସମର୍ଥନର ବଡ଼ ଉଦାହରଣ ଆଉ କ'ଣ ଥାଇପାରେ ? ସେହି ସମାବେଶରେ ଲକ୍ଷାଧିକ କର୍ମୀ, ଶୁଭେଚ୍ଛୁମାନଙ୍କୁ ଦେଖି ମୋଦିଜୀ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ ଯେ "ଭାରତକୁ ବିଶ୍ୱର ୩ୟ ବୃହତ ଅର୍ଥନୈତିକ ଦେଶ ଭାବେ ପରିଗଣିତ ହେବାର ଅଛି। କୃଷକ, ଯୁବକ, ନାରୀଶକ୍ତି ଏବଂ ଗରିବମାନଙ୍କ ଜୀବନଧାରଣରେ ପରିବର୍ତ୍ତନ କରିବାରେ ଓଡ଼ିଶାର ବଡ଼ ଭୂମିକା ରହିବ।" ବିଗତ ଦଶ ବର୍ଷରେ ଭାଜପା ସରକାର ଓଡ଼ିଶାରେ ଦୁଇ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ କରିଆସୁଛି। ସେଥିପାଇଁ ଓଡ଼ିଶା ବିକଶିତ ଭାରତର ଗେଟ୍‌ୱେ ହେବାକୁ ଯାଉଛି। ଓଡ଼ିଶା ଆତ୍ମନିର୍ଭର ଭାରତକୁ ଉର୍ଜ୍ଜା ଦେଉଛି। ଏଠାରୁ ଗ୍ୟାସ୍ ପାଇପ ଲାଇନ୍ ଅନ୍ୟ ରାଜ୍ୟରେ ପହଞ୍ଚୁଛି। ଓଡ଼ିଶା ପଲିଷ୍ଟର କ୍ଷେତ୍ରରେ ମଧ୍ୟ ଏକ ବଡ଼ କେନ୍ଦ୍ର। ଟେକ୍ସଟାଇଲ ପାର୍କ ପାଇଁ ଏଠାରୁ କଞ୍ଚାମାଲ୍ ଉତ୍ପାଦନ ହେଉଛି। ଫଳରେ ନିଯୁକ୍ତି ପାଇଁ ବହୁତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଏହିସବୁ କାର୍ଯ୍ୟ ପ୍ରଥମେ ମଧ୍ୟ ହୋଇପାରିଥାନ୍ତା। କିନ୍ତୁ ୨୦୧୪ ପୂର୍ବରୁ କଂଗ୍ରେସ ସରକାରର ନେତାମାନେ କେବଳ ନିଜର ସମ୍ପତ୍ତି ବଢ଼ାଉଥିଲେ। କୋଇଲା, ୟୁରିଆ, ନିଯୁକ୍ତି ଆଦି କ୍ଷେତ୍ରରେ ଦୁର୍ନୀତି ହେଉଥିଲେ। ନିଜର ସମସ୍ୟା ପାଇଁ ଗରିବ ଲୋକ କଂଗ୍ରେସ ପାଖକୁ ଯାଉଥିଲା ବେଳେ ପ୍ରାୟ ସବୁ କ୍ଷେତ୍ରରେ ଗ୍ୟାରେଣ୍ଟି ଆଣିବାକୁ କୁହାଯାଉଥିଲା। ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟି ଆଣ, ଚାଷୀ ଋଣ ସକାଶେ ଗ୍ୟାରେଣ୍ଟି ଆଣ ବୋଲି କୁହାଯାଉଥିଲା। ଗରିବର ପୁଅ ଯେତେବେଳେ ମୋଦି ହେଲେ ଗରିବ ଲୋକଙ୍କ ଗ୍ୟାରେଣ୍ଟି। ବିନା ଗ୍ୟାରେଣ୍ଟିରେ ଅନେକ ଯୋଜନା ପ୍ରଣୟନ କରାଗଲା। ଫଳରେ ଗରିବଙ୍କ ଆତ୍ମବିଶ୍ୱାସ ବଢ଼ିଲା। ଏହିକ୍ରମରେ ମୋଦି ଗରିବଙ୍କ ସାଥିରେ ଅଛନ୍ତି।

ଓଡ଼ିଶାରେ ବହୁ ପଛରେ ଥିବା ଜନଜାତିଙ୍କ ଦୁଃଖ କେହି ବୁଝିନଥିଲେ। କିନ୍ତୁ ମୋଦି ସରକାର ସେମାନଙ୍କ ପାଇଁ ୨୪ ହଜାର କୋଟି ଟଙ୍କାର ପିଏମ୍‌ଜନମନ ଯୋଜନା କରିଛି। ଫୁଟ୍‌ପାଥ, ଠେଲାଗାଡ଼ିବାଲା, କୃଷକ, ମତ୍ସଜୀବୀଙ୍କ ବିକାଶ ପାଇଁ ପିଏମ୍‌ସ୍ୱନିଧି ଓ ପିଏମ୍‌ମତ୍ସ୍ୟ ସମ୍ପଦ ଯୋଜନାରେ ବ୍ୟାଙ୍କଠାରୁ ସିଧାସଳଖ ଲାଭ ମିଳୁଛି। ଗରିବ ଲୋକଙ୍କ ପାଇଁ ଯାହା ସ୍ୱପ୍ନ ହେଉଥିଲା, ତାହା ଆଜି ବାସ୍ତବରେ ପରିଣତ ହୋଇଛି ବୋଲି ମୋଦିଜୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଅନ୍ୟଠାରୁ ଯେତେବେଳେ ନିରାଶ ମିଳୁଛି, ସେଠାରେ ମୋଦିଙ୍କ ଗ୍ୟାରେଣ୍ଟି ଆରମ୍ଭ ହେଉଛି। ଏଠାରେ ଉପସ୍ଥିତ ଯୁବକମାନଙ୍କ ଉତ୍ସାହ ଓ ଉଦ୍ଦୀପନା ତାଙ୍କୁ କାମ କରିବାରେ ଆହୁରି ଉତ୍ସାହିତ କରୁଛି, ଯାହାକି ସେ କେବେ ବି ଭୁଲିପାରିବେ ନାହିଁ ବୋଲି କହିଛନ୍ତି। ଓଡ଼ିଶା ସୂର୍ଯ୍ୟଦେବଙ୍କ ମାଟି। ତେଣୁ ଓଡ଼ିଶାବାସୀଙ୍କୁ ମାଗଣାରେ ବିଜୁଳି ପ୍ରଦାନ କରିବାକୁ ମୋଦି ଗ୍ୟାରେଣ୍ଟି ଦେଇଛି। ଭାଜପା ସରକାର ପିଏମସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ପ୍ରଣୟନ କରିଛନ୍ତି। ଘର ଛାତରେ ସୋଲାର ପ୍ୟାନେଲ ନିର୍ମାଣ କରି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ମିଳିପାରିବ। ଅତିରିକ୍ତ ବିଜୁଳିକୁ ସରକାରଙ୍କ ପାଖରେ ବିକ୍ରି ମଧ୍ୟ କରିପାରିବେ। କୃଷକମାନଙ୍କୁ ମଧ୍ୟ ଉର୍ଜ୍ଜାଦାତା କରାଯାଉଛି। ଜମିରେ ସେମାନେ ସୋଲାର ପ୍ୟାନେଲ ଲଗାଇ ଲାଭବାନ ହୋଇପାରିବେ। ଭଗବାନଙ୍କ କୃପା ବିନା ଏତେ ସ୍ନେହ କାହାକୁ ମିଳିପାରିବ ନାହିଁ। ଆପଣମାନେ ଦେଉଥିବା ସ୍ନେହ ଭଗବାନ ଜଗନ୍ନାଥଙ୍କ କୃପାରୁ ମିଳୁଛି ବୋଲି ସେ କହିଥିଲେ। ମାଗଣା ଏବଂ ଠିକ୍ ସମୟରେ ରାସନ ମିଳୁଛି କି ନାହିଁ ବୋଲି ଉପସ୍ଥିତ ଜନତାଙ୍କୁ ସେ ପ୍ରଶ୍ନ କରି ଆସନ୍ତା ୫ ବର୍ଷ ପାଇଁ ରାସନ ଯୋଗାଣ ବଢ଼ାଇ ଦିଆଯାଇଥିବା କହିଥିଲେ। ଗ୍ରାମଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଲକ୍ଷପତି କରିବାକୁ ଯୋଜନା କରାଯାଉଛି। ବିରୋଧୀମାନଙ୍କ ପାଇଁ ପରିବାର ପ୍ରଥମ ହୋଇଥିବା ବେଳେ ମୋଦିଙ୍କ ବିଚାରଧାରାରେ ରାଷ୍ଟ୍ର ହେଉଛି ପ୍ରଥମ। ସେମାନେ କେବଳ ନିଜ ପରିବାର ପାଇଁ ବଞ୍ଚୁଛନ୍ତି। କିନ୍ତୁ ମୋଦି ଭାରତର ସମସ୍ତ ପରିବାରଙ୍କ ପାଇଁ ଖଟୁଛନ୍ତି। ପ୍ରତ୍ୟେକ ପରିବାରଙ୍କ ପାଇଁ ପକ୍କା ଘର ନିର୍ମାଣ କରିବା ମୋଦିଙ୍କ ଗ୍ୟାରେଣ୍ଟି। ତେଣୁ ଭାରତ ହେଉଛି ମୋଦିଙ୍କ ପରିବାର।

♥ ବରଦା, ବାଲିଚନ୍ଦ୍ରପୁର, ଯାଜପୁର
ମୋ : ୮୮୯୫୨୯୬୧୬୭

# ବିଜୁ ଜନତା ଦଳର ସିଂଲା, ନାବରା ଓ ପୁଟୁରା ଗ୍ରାମ ପଞ୍ଚାୟତକୁ ନେଇ ଜନ ଆଶୀର୍ବାଦ ସମାବେଶ ଓ ମିଶ୍ରଣ ପର୍ବ



ଲଙ୍ଗଳେଶ୍ୱର , ୦୪/୫ (ନି.ପ୍ର): ।ୟତର କର୍ମୀ ମାନଙ୍କୁ ନେଇ ଏକ ଜନ ଆଶୀର୍ବାଦ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରାର୍ଥୀ ଙ୍କ ସମେତ ଅନ୍ୟ ନେତୃ ମଣ୍ଡଳୀ ସିଂଲା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଉପସ୍ଥିତ ହେବା ପରେ ସେଠାରେ ମହାପ୍ରଭୁଙ୍କ ଦର୍ଶନ ପୂର୍ବକ ସଙ୍କୀର୍ତ୍ତନ ମାଧ୍ୟମରେ କର୍ମୀମାନେ ବାଲେଶ୍ୱର ଲୋକସଭା ପ୍ରାର୍ଥୀନୀ ଈଡକ୍ଟର୍ ଲେଖାଶ୍ରୀ ସାମନ୍ତ ସିଂହାରଈ ଓ ଜଳେଶ୍ୱର ବିଧାନସଭା ପ୍ରାର୍ଥୀ ଈଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଈ ଙ୍କୁ ମନ୍ଦିର ଠାରୁ ସଭା ମଞ୍ଚ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ମାଧ୍ୟମରେ ପାଛୋଟି ନେଇଥିଲେ । ଏହି ସମାବେଶରେ କାର୍ଯ୍ୟକ୍ରମ ପ୍ରମୁଖ ଶ୍ରୀଯୁକ୍ତ ଜୟନ୍ତ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ଦେବା ସହିତ ତିନି ପଞ୍ଚାୟତର ସଭାପତି ଶ୍ରୀଯୁକ୍ତ ଅଦ୍ୱୈତ୍ୟ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ସୃଷ୍ଟିଧର ପାତ୍ର, ନାବରା ଗ୍ରାମ ପଞ୍ଚାୟତ ସଭାପତି ଶ୍ରୀଯୁକ୍ତ ସୁଧାଂଶୁ ବିଶ୍ୱାଳ ଓ ପୁଟୁରା ଗ୍ରାମ ପଞ୍ଚାୟତ ସଭାପତି ଶ୍ରୀଯୁକ୍ତ ସୁଦର୍ଶନ ଜେନା ୨ ଜଣ ପ୍ରାର୍ଥୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ସିଂଲା ରେ ଏହି ସମାବେଶରେ ବାଲେଶ୍ୱର ଜିଲ୍ଲାର ଲୋକସଭା ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ଆଶ୍ୱିନୀ କୁମାର ପାତ୍ର ଙ୍କୁ ଶଙ୍ଖଚିହ୍ନରେ ବିପୁଳ ସଂଖ୍ୟାର ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁଜାତା ରାଣୀ ଦଣ୍ଡପାଟ, ଲୋକସଭା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ମାନସ ଦାସ ପଟ୍ଟନାୟକ, ସିଂଲା ପଞ୍ଚାୟତ ସମିତି ସଦସ୍ୟା ଶ୍ରୀମତୀ ପୁଷ୍ପାଞ୍ଜଳି ସୋରେନ, ସମାଜସେବୀ ଶ୍ରୀଯୁକ୍ତ ଭଜହରି ପରିଡା, ବିଜେଡି ନେତ୍ରୀ ଶ୍ରୀମତୀ ଦେବଜାନୀ ଦାସ, ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ରାଜ ଇତ୍ୟାଦି ମଞ୍ଚାସିନ ହୋଇ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ । ଶ୍ରୀଯୁକ୍ତ ହେମନ୍ତ କୁମାର ମିଶ୍ର, ମନୋରଞ୍ଜନ ଗିରି, ନିତ୍ୟାନନ୍ଦ ପ୍ରଧାନ, ଦେବେନ୍ଦ୍ର ଘୋଷ, ଚିତ୍ତରଞ୍ଜନ ଦାଶ, ସୁସ୍ମିତା ସାହୁ, ନିରଞ୍ଜନ ସାହୁ, ଅନାଦି ପ୍ରଧାନ, ଅବନୀ ସାମଲ, ରାଜେନ୍ଦ୍ର ଦାସ, ସଞ୍ଜିବ ଦଳାଇ, ସଂଗ୍ରାମ ଦଳାଇ, ପର୍ଶୁରାମ ଦାସ, ବିଜୟ ସାମଲ, ସୁଧାଂଶୁ ଜେନା, ନାରାୟଣ ଜେନା, ଗୌରାଙ୍ଗ ବିଶ୍ୱାଳ, ଚତୁର୍ଭୁଜ ଚଣ୍ଡ, ସୌମ୍ୟ ରଞ୍ଜନ ଦଳାଇ, ଆଦିକନ୍ଦ ମହାପାତ୍ର ଇତ୍ୟାଦି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ମିଶ୍ରଣ ପର୍ବରେ ତିନୋଟି ପଞ୍ଚାୟତରୁ ୧୦୦ ରୁ ଉର୍ଦ୍ଧ୍ୱ କର୍ମୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବ ମୂର୍ତ୍ତିରେ ଅନୁପ୍ରାଣୀତ ହେବା ସହିତ ମାନ୍ୟବର ମନ୍ତ୍ରୀ ତଥା ବିଜେଡ଼ିର ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାନସଭା ଯୋଦ୍ଧା ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣୀତ ହୋଇ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିବାସହ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ ହେଲେ । ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସମାବେଶକୁ ସାଙ୍ଗ କରାଗଲା ।

## ଫାଶି ଦେଇ ମହିଳାଙ୍କ ଆତ୍ମହତ୍ୟା

ବେତନଟୀ , ୦୪/୫ (ନି.ପ୍ର): ବେତନଟୀ ଥାନା ଅଧୀନ ନଣ୍ଡାଶୋଳ ପଞ୍ଚାୟତ ର ତାରାଶୋଳ ଆମ୍ବ ବଗିଚାରେ ଜଣେ ବିବାହିତ ମହିଳା ନିଜ ସାଢି ରେ ଫାଶୀ ଲୋଗାଇ ଆତ୍ମହତ୍ୟା କରିଛନ୍ତି। ଏହି ମହିଳା ଙ୍କ ନାମ ଗୁରୁବାରି କେଷ୍ଟ୍ରା (୨୫)ବୋଲି ଜଣାପଡିଛି। ଆତ୍ମହତ୍ୟା ଖବର ପୁଲିସ ପାଇବା ପରେ ଆଜି ଗୁରୁବାରି ର ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରାଇ ୧୪/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ରୁ ପ୍ରକାଶ ମୃତ ମହିଳା ଗୁରୁବାରି ତିନି ମାସ ପୂର୍ବରୁ ଖୁଣ୍ଟା ଥାନା ଅଧୀନ ଗଡୁରୁକୁଲା ଗ୍ରାମ ର ଠାକୁରା ମୁର୍ମୁ କୁ ବିବାହ କରିଥିଲେ। ସେ ଗତ ଗୁରୁବାର ଦିନ ତାଙ୍କ ସ୍ୱାମୀ ଙ୍କୁ ରାଗି ଯାଇ ବାପଘର ତାରାଶୁଳ ଗ୍ରାମ କୁ ଆସିଥିଲେ। ଶୁକ୍ରବାର ଦିନ ତାଙ୍କ ମା ଙ୍କୁ ସ୍ୱାମୀ ଙ୍କ ଆଧାର ଦେଇ ପଳାଇଯାଇଥିଲେ। ଶନିବାର ଦିନ ତାଙ୍କ ଘର ଠାରୁ ୧୦୦ ମିଟର ଦୂର ଏକ ଆମ୍ବ ବଗିଚା ରୁ ନିଜ ପିନ୍ଧା ସାଢିରେ ଆତ୍ମହତ୍ୟା କରିଥିବା ର ଦେଖିବା ପାଇଁ ମିଳିଥିଲା। ତଦନ୍ତ ଚାଲିଥିବା ସମୟରେ ମୃତ ଙ୍କ ଭାଇ ଋହ୍ୟ ବେଷ୍ଟ୍ରା ଘଟଣା ସମ୍ପର୍କରେ ବେତନଟୀ ପୁଲିସ କୁ ଲିଖିତ ଭାବରେ ଜଣାଇଛନ୍ତି।

## ମା' ଦାଣ୍ଡକାଳୀଙ୍କ ଆଶିଷ ନେଇ ବିରାଟ ମଟରସାଇକେଲ ଶୋଭାଯାତ୍ରା କରି ପ୍ରଚାରର ଶ୍ରୀଗଣେଶ କଲେ ସୁକାନ୍ତ



ନୀଳଗିରି , ୦୪/୫ (ନି.ପ୍ର): ବିଳମ୍ବରେ ନାମ ଘୋଷଣା ହୋଇଥିଲେ ମଧ୍ୟ ନୀଳଗିରି ବିଜେଡ଼ି ଟିକେଟ ହାତେଇଛନ୍ତି ବର୍ତ୍ତମାନର ବିଧାୟକ ସୁକାନ୍ତ ନାୟକ। ଟିକେଟ ଘୋଷଣା ପରେ ଅଧିକ ଚଳଚଞ୍ଚଳ ହୋଇଛି ସୁକାନ୍ତ ଶିବିର। ଟିକେଟ ହାତେଇବା ପରେ ଆଜି ସକାଳେ ଖନ୍ତାପଡା ସ୍ଥିତ ମା ଦାଣ୍ଡକାଳୀ ନିକଟରେ ପହଞ୍ଚି ମା ଙ୍କ ପୂଜାର୍ଚ୍ଚନା କରିବା ସହିତ ଆଶିଷ ଭିକ୍ଷା କରି ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ପ୍ରଚାରର ଶ୍ରୀଗଣେଶ କରିଛନ୍ତି ସୁକାନ୍ତ ନାୟକ। ପରେ ରାଲି ଟି ଖାନ୍ତାପଡ଼ା ବଜାର, ଦରିଆ ଛକ, ପଦାଗାଁ, ଚଷାଖଣ୍ଡ, ଦକ୍ଷିଣ ନରସିଂହପୁର, ପ୍ରତାପଡା, ବାଉଁଶବଣିଆ ହୋଇ ନୀଳଗିରିରେ ପହଞ୍ଚି ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ସଜନାଗଡ ଯାଇ ମା ଭୂଦାରଚଣ୍ଡୀଙ୍କ ଦର୍ଶନ କରିଥିଲେ। ଦୀର୍ଘ ୧୫କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ପରିକ୍ରମା କରିଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ତାଙ୍କୁ ଏବଂ ସାଂସଦ ପ୍ରାର୍ଥୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଉଚ୍ଛୋସ୍ୱିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ତିନିହଜାର ମଟର ସାଇକେଲ ଦୀର୍ଘ ତିନି କିଲୋମିଟର ଧରି ଏକ ଲମ୍ବା ରାସ୍ତାରେ ଯାଇଥିବା ଦେଖିବାକୁ ମିଳିଥିଲା। ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ନାୟକଙ୍କ ସହିତ ବାଲେଶ୍ୱର ଲୋକସଭା ପ୍ରାର୍ଥୀନୀ ଶ୍ରୀମତୀ ସାମନ୍ତସିଂହାରଙ୍କୁ ଏଭଳି ଭବ୍ୟ ସ୍ୱାଗତ ଦେଖି ନୀଳଗିରିବାସୀଙ୍କ ଭଲପାଇବା, ସ୍ନେହ ଓ ଉତ୍ସାହ ମୋ ପ୍ରତି ଓ ଲେଖାଶ୍ରୀଙ୍କ ପ୍ରତି ଆଶୀର୍ବାଦ ବୋଲି ସୁକାନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛଶାସନ, ନିରନ୍ତର ବିକାଶଧାରାରେ ଓଡିଶା ପ୍ରଗତି ପଥରେ ଆଗେଇ ଚାଲିଛି। ଏଥିରେ ନିଜକୁ ସାମିଲ କରି ସମୃଦ୍ଧ ଓ ବିକଶିତ ନୀଳଗିରି ନିର୍ବାଚନ ମଣ୍ଡଳୀ ଗଠନ କରିବା ଦିଗରେ ନିଜର ଭାଗିଦାରୀ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ ।ଆଗାମୀ ନିର୍ବାଚନରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଶ୍ରୀଯୁକ୍ତ ନାୟକ କହିଥିଲେ। ତେବେ ଆଜିର ଏହି ଶୋଭାଯାତ୍ରାରେ ଲୋକଙ୍କର ଏଭଳି ଭଲପାଇବା ଦେଖି ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କର ହ୍ୟାଟ୍ରିକ ବିଜୟ ନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ସୁକାନ୍ତ। ଏହି ବାଇକ୍ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡା, ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଉପସ୍ଥିତ ଥିଲା ବେଳେ ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମି ମାଝୀ, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ, ୧୧ନଂ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତୀକୃଷ୍ଣ ନନ୍ଦ, ଏସ ସି ସେଲ ଅଧକ୍ଷ ଶରତ ଦାସ,ରବୀନ୍ଦ୍ର ପରିଡା, କାଉନସିଲର ଗୌରାଙ୍ଗ ବିନ୍ଧାଣୀ, କମଳାମଣି ପରିଡା, ଭାଗବତ ଖିଲାର ପ୍ରମୁଖ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଓ ନୂଆପଡାରେ ପରିବର୍ତ୍ତନ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଖରିଆର/କଣ୍ଟାବାଞ୍ଜି/ଟିଟିଲାଗଡ/ଲୋଇସିଂହା, ୦୪/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଦୀର୍ଘ ବର୍ଷ ଧରି ପ୍ରତିନିଧିତ୍ୱ କରି ଆସୁଥିବା ଗଞ୍ଜାମ ଜିଲ୍ଲାର ହିଞ୍ଜିଳିରୁ ଅଧିକାଂଶ ଯୁବକ ଯୁବତୀ ଦାଦନ ଖଟିବା ପାଇଁ ଯାଉଛନ୍ତି । ସେହିପରି ନବୀନ ସରକାରଙ୍କ ଶାସନରେ ବଲାଙ୍ଗୀର ଓ ନୂଆପଡା ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ପରିଚୟ ତଥା ଦାଦନର ଗଡ଼ ହୋଇଛି । ଏହା କ'ଣ ଦୀର୍ଘ ୨୪ ବର୍ଷର ରୂପାନ୍ତରଣ ବୋଲି ଶନିବାର ବଲାଙ୍ଗୀର ଏବଂ ନୂଆପଡା ଜିଲ୍ଲାରେ ବିଜେପିର ପରିବର୍ତ୍ତନ ସମାବେଶରେ ଯୋଗଦେଇ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଆଜି ନୂଆପଡାର ଖରିଆର ନିର୍ବାଚନମଣ୍ଡଳୀ ଏବଂ ବଲାଙ୍ଗୀରର କଣ୍ଟାବାଞ୍ଜି, ଟିଟିଲାଗଡ ଓ ଲୋଇସିଂହା ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ସେ କହିଛନ୍ତି ବଲାଙ୍ଗୀର ଜିଲ୍ଲାରେ ବୁଦ୍ଧିମତା କୌଣସି ଗୁଣରେ କମ ନୁହେଁ । ୨୪ ବର୍ଷର ଶାସନରେ ଯେତିକି ଭାବେ ସୁବିଧା ହେବା କଥା, ତାହା ହୋଇନାହିଁ । ୨୦୫୦ ସୁଦ୍ଧା ବଲାଙ୍ଗୀର ମରୁଭୂମି ପାଲଟିବ ବୋଲି ଖବରକାଗଜରେ ପ୍ରକାଶିତ ହୋଇଛି । ମାତ୍ର ୫୦ ଦିନ ବର୍ଷା ହେବ ବୋଲି ଖବର ପ୍ରକାଶ ପାଇଛି । ଟିଟିଲାଗଡ ତତଲାଗଡ଼ ହୋଇଛି । ଏଥିପାଇଁ କିଏ ଦାୟୀ ? ମୁଖ୍ୟମନ୍ତ୍ରୀ ଦୀର୍ଘ ବର୍ଷ ଧରି ପ୍ରତିନିଧିତ୍ୱ କରି ଆସୁଥିବା ହିଞ୍ଜିଳିରୁ ଅଧିକାଂଶ ଦାଦନ ଖଟିବା ପାଇଁ ଯାଉଛନ୍ତି । ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଛନ୍ତି । କଣ୍ଟାବାଞ୍ଜି ଦାଦନର ଗଡ଼ ହୋଇଛି । ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କହୁଛନ୍ତି । ତେବେ ତାଙ୍କ ଶାସନରେ ହିଞ୍ଜିଳି ଓ କଣ୍ଟାବାଞ୍ଜିର କେତେଜଣଙ୍କୁ ରୋଜଗାର, ସ୍ୱରୋଜଗାର ଦେଲେ, ତା' ଉପରେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରିବେ କି ? ଏଥର ନିର୍ବାଚନରେ କଣ୍ଟାବାଞ୍ଜିକୁ ହିଞ୍ଜିଳି ନକରିବା ପାଇଁ ଲୋକମାନେ ମନସ୍ଥ କରିସାରିଛନ୍ତି। ମୋଦୀ ସରକାର ବଲାଙ୍ଗୀର ସମେତ ଓଡ଼ିଶାକୁ ବିକାଶର ଶୀର୍ଷରେ ରଖିବା ପାଇଁ ଜନସାଧାରଣଙ୍କୁ ସୁଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି । କିନ୍ତୁ ବାହାରର ନେତାମାନେ ବଲାଙ୍ଗୀର ଓ ଓଡ଼ିଶା ବିରୋଧରେ ଷଡଯନ୍ତ୍ର କରିବା ସହ ଓଡ଼ିଶାକୁ ନିଜ ଜାଗିର୍ ଭାବୁଛନ୍ତି । ବିଜେଡି ପାଖରେ କିଛି ପ୍ରସଙ୍ଗ ନାହିଁ । ସେମାନଙ୍କର କିଛି ଦାୟିତ୍ୱ ନାହିଁ । କେବଳ ଟଙ୍କା ବାଣ୍ଟିବେ । ଲୋକେ ବିଜୁ ଜନତା ଦଳ ଟଙ୍କାକୁ ଭୃକ୍ଷେପ କରିବେନି । ଓଡ଼ିଶାର ସଂସ୍କୃତି, ଭାଷା, ପରମ୍ପରା ବିପଦରେ । ଦଳେ ଓଡ଼ିଶା ବାହାରର ଲୋକ ମୁଖ୍ୟମନ୍ତ୍ରୀଙ୍କ ବିବଶତାର ଫାଇଦା ନେଇ ପଛପଟୁ ଆସି ଶାସନ କରିବାକୁ ଚାହୁଁଛନ୍ତି । ଯେଉଁମାନେ ଭାବୁଛନ୍ତି ସେମାନେ ଓଡ଼ିଶାକୁ କବଜା କରିବେ, ଏହି ନିର୍ବାଚନ ତାହାର ଜବାବ ଦେବ । ଶ୍ରୀ ପ୍ରଧାନ ଖରିଆରରେ ଜନସଭାରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୦ ବର୍ଷରେ ଘର, ଶୌଚାଳୟ, ଖାଦ୍ୟ, ରନ୍ଧନ ଗ୍ୟାସ, ମୁଦ୍ରା ଋଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ବାବଦକୁ ନୂଆପଡା ଜିଲ୍ଲାର ପ୍ରାୟ ୧ ଲକ୍ଷ ୩୪ ହଜାର ୨୧୨ଟି ପରିବାରକୁ ସର୍ବମୋଟ ୪ ହଜାର ୯୬୩ କୋଟି ଟଙ୍କା ଦେଇଛନ୍ତି । ପରିବାର ପିଛା ପ୍ରାୟ ୩ ଲକ୍ଷ ୬୯ ହଜାରରୁ ଅଧିକ ତଥା ପାଖାପାଖି ୪ ଲକ୍ଷ ଟଙ୍କା ଦେଇଛନ୍ତି ବୋଲି କହିଛନ୍ତି । ଖରିଆର କୃଷିପ୍ରଧାନ ପଛୁଆ ଅଞ୍ଚଳ ହୋଇ ମଧ୍ୟ ଗୋଟିଏ ପଟେ ରେଳ ଲାଇନ ଯାଇଛି । ବିଜେପି ସରକାର ଆସିଲେ କଣ୍ଟାବାଞ୍ଜିରୁ ରେଳ ଲାଇନ ବିଛାଯିବ ବୋଲି ସେ କହିଛନ୍ତି । ଶିକ୍ଷା ଓ ସଂସ୍କୃତିର କେନ୍ଦ୍ର ଖରିଆର୍ ହେଉଛି 'ଖଡ଼ି'ର 'ଆଳୟ' । ବଲାଙ୍ଗୀର ଭଳି ଖରିଆର ସମେତ ଆଖପାଖ ଅଞ୍ଚଳରେ ମୌଳିକ ବ୍ୟବସ୍ଥା ବିପର୍ଯ୍ୟସ୍ତ । ନରେନ୍ଦ୍ର ମୋଦୀ ଗାଁ ଗାଁରେ ପାନୀୟ ଜଳର ସୁବିଧା ପାଇଁ ୧୦ ହଜାର କୋଟି ଟଙ୍କା ପଠାଇଥିଲେ ମଧ୍ୟ ଦୀର୍ଘ ୨୪ ବର୍ଷ ଶାସନରେ ଖରିଆର୍ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳର ସୁବିଧା ନାହିଁ । କୃଷି ପ୍ରାଧାନ୍ୟ ଅଞ୍ଚଳରେ ଜମିକୁ ପାଣି ମାଡୁନାହିଁ । ନୂଆପଡା ଜିଲ୍ଲାର ୯ ଟି ଗ୍ରାମ ପଞ୍ଚାୟତରେ ହାଇସ୍କୁଲ ନାହିଁ । ୮୫ ପ୍ରତିଶତ ସ୍କୁଲରେ ଯେତିକି ଶିକ୍ଷକ ରହିବା କଥା ନାହାନ୍ତି । ଲୋକସଭା ଓ ବିଧାନସଭାରେ ଦୁଇଟି ଫୁଲରେ ଭୋଟ୍ ଦେବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ପୁରୀ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ

ପୁରୀ, ୦୪/୫ (ନି.ପ୍ର): ଆରଟିଓ ରବୀନ ପଟନାୟକଙ୍କ ତତ୍ୱାବଧାନରେ ଏକ ମିଳିତ ଭାବରେ ଅର୍ଥାତ ଏକ୍ସସାଇଜ, ପୋଲିସ, ଆରଟିଓ ଓ ଏ ସମସ୍ତ ବିଭାଗର ଅଫିସର ମାନଙ୍କ ଦ୍ୱାରା ତଥା ରାଜେଶ କୁମାର ମହାପାତ୍ର (ଏମଭିଆଇ ), ଅମିତ କୁମାର ରଣକ୍ଷ , (ଆସିଷ୍ଟାଂଟ ଏମଭିଆଇ), ସୁଶାନ୍ତ କୁମାର ପାତ୍ର ( ଟ୍ରାଫିକ ଇନ୍ସପେକ୍ଟର ) ଏବଂ ଅନ୍ୟାନ୍ୟ ଏନ୍ ଫୋର୍ସମେଂଟ ଟିମ୍ ଙ୍କୁ ନେଇ ସହରର ବିଭିନ୍ନ ଛକରେ ଅଚାନକ ଚଢ଼ଉ ହୋଇଥିଲା । ଏଥିରେ ବିଭିନ୍ନ ପ୍ରକାରର ମାମଲା ରୁଜୁ କରାଯାଇଥିଲା ତଥା ବିନା ହେଲମେଟ ୨ଟି, ଦ୍ରୁତ ଗତି ପାଇଁ ୨୫ଟି, ମଦ୍ୟ ପାନ କରି ଗାଡି ଚଳାଇବା ୧୧ଟି, ମୋବାଇଲ ବ୍ୟବହାର କରି ଗାଡି ଚଳାଇବା ରେ ୨ଟି ଏବଂ ଅନ୍ୟାନ୍ୟ ୫ଟି ମାମଲା ମଧ୍ୟ ରୁଜୁ କରାଯାଇଥିଲା ଓ ସମୁଦାୟ କେଶ ବାବଦକୁ ୫,୦୮,୩୧୮ ଟଙ୍କା ଜୋରିମାନା କରାଯାଇଥିଲା ଓ ଏଥିରୁ ୨୯,୪୧୬ ଟଙ୍କା ମଧ୍ୟ ଆଦାୟ ହୋଇ ଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନିଜ ମାଟିର ପୁଅ ହୁଅନ୍ତୁ .....

ଭାରତୀୟ ବାହାର ଦେଶରେ ଫସିଲେ ସେମାନଙ୍କୁ ଉଦ୍ଧାର କରାଯାଉଛି। ୟୁକ୍ରେନ, ସୁଦାନ, ଇସ୍ରାଏଲରୁ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଓଡ଼ିଶାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରୁ ଓଡ଼ିଶାକୁ ଅନେକ ସହଯୋଗ ମିଳିଛି। ୧୦ ବର୍ଷ ମଧ୍ୟରେ ୧୮ ଲକ୍ଷ କୋଟିର କେନ୍ଦ୍ରୀୟ ଅନୁଦାନ ମିଳିଛି। ସାଗରମାଳା ପ୍ରକଳ୍ପରେ ୫୪ ହଜାର କୋଟିର ଅନୁଦାନ ମିଳିଛି। ମୋଦିଙ୍କ କାର୍ଯ୍ୟକାଳରେ ୨୦ ପାସ୍‌ପୋର୍ଟ ସପୋର୍ଟ କେନ୍ଦ୍ର ଖୋଲିଛି। ୨.୭ ଲକ୍ଷ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳିଛି। ୫୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ମିଳିଛି। ସ୍ୱନିଧି ଯୋଜନାରେ ୫୪ ହଜାର ଉପଭୋକ୍ତା ଓଡ଼ିଶାର ଅଛନ୍ତି। ମୋଦିଙ୍କ ବିକାଶକୁ ଆଗେଇ ନେଲା ଭଳି ସରକାର ଏଠି ହେବା ଉଚିତ। ଓଡ଼ିଶା ସହଯୋଗରେ ସଂସଦରେ ୪ ଶହ ପାର ହେବା ବିଶ୍ୱାସ ରହିଛି। ଓଡ଼ିଶାରେ ଥିବା ସଂପଦ ତୁଳନାରେ ରାଜ୍ୟର ବିକାଶ ହୋଇନି। ଚଳିତ ନିର୍ବାଚନରେ ଓଡ଼ିଶା ଲୋକ ମୋଦିଙ୍କୁ ସଶକ୍ତ କରିବେ ବୋଲି ଜୟଶଙ୍କର କହିଛନ୍ତି।

### ସୁଚରିତା ଫେରାଇ ଦେଲେ...

କରିବା ଓ ନିର୍ବାଚନ ଲଢ଼ିବା ସହଜ ନୁହେଁ। ବିନା ପାର୍ଟି ଫଣ୍ଡିଂରେ ପୁରୀ ଭଳି ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢ଼ିବା କଷ୍ଟକର। ସୁଚରିତା କହିଥିଲେ, ଦଳ ପକ୍ଷରୁ ମୋତେ ନିଜସ୍ୱ ଟଙ୍କାରେ ନିର୍ବାଚନ ଲଢ଼ିବା ପାଇଁ କୁହାଯାଇଥିଲା। ମୁଁ ନିଜର ସମର୍ଥ ଅନୁସାରେ ପ୍ରଚାର କରିବା ସହ ଫଣ୍ଡ ଯୋଗାଡ଼ କରିବା ପାଇଁ ଚେଷ୍ଟା କରିଥିଲି। କିନ୍ତୁ ବର୍ତ୍ତମାନ ସମୟରେ ତାହା ସମ୍ଭବପର ହେଲା ନାହିଁ। ଏଥିପାଇଁ ମୁଁ ଟିକେଟ ଫେରାଇ ଦେଇଛି। ସୁଚରିତା ମହାନ୍ତି ୨୦୧୪ ମସିହାରେ ପୁରୀ ଲୋକସଭା ଆସନରୁ ନିର୍ବାଚନ ଲଢ଼ିଥିଲେ। ସେ ୨ ଲକ୍ଷ ୫୯ ହଜାର ୮୦୦ ଖଣ୍ଡ ଭୋଟ୍ ପାଇଥିଲେ। ୨୦୧୯ରେ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରି ନଥିବା ବେଳେ ଏଥର ପୁଣି ଭରସା କରିଥିଲା। ତେବେ ସେ ଟିକେଟ ଫେରାଇ ଦେଇଛନ୍ତି।

### ତାତିରୁ ମଳିବ ଆଶ୍ୱସ୍ତି: ପାଣିପାଗ...

ଯେ ଆଗାମୀ ୨୪ ଘଣ୍ଟାରେ ଉପକୂଳ ସମେତ କିଛି ପାଶ୍ୱବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗତକାଲି ୨୬ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିଥିଲା। ୪୪.୬ ଡିଗ୍ରୀ ସହିତ ବୌଦ୍ଧ ପାଲଟିଥିଲା ରାଜ୍ୟର ସବୁଠୁ ଉତ୍ତପ୍ତ ସହର। ୭ଟି ସହରର ତାପମାତ୍ରା ୪୩ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ଟ୍ୱିନ୍ ସିଟି (କଟକ ଓ ଭୁବନେଶ୍ୱର)ରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା।

### ପୁଣି ଦଳ ଡେଇଁଲେ ଦେବାଶିଷ ...

ବରୀରୁ ବିଜେପି ଟିକେଟ ପାଇବାକୁ ଆଶା ରଖିଥିଲେ ଦେବାଶିଷ। କିନ୍ତୁ ବିଜେପି ତାଙ୍କୁ ବରୀରୁ ଟିକେଟ ନଦେବାରୁ ସେ ଦଳ ଛାଡ଼ି କଂଗ୍ରେସରେ ମିଶିଛନ୍ତି। ତେବେ ଟିକେଟ ନମିଳିବାରୁ ବିଜେପି ଛାଡ଼ିଥିବା କଥାକୁ ସେ ଖଣ୍ଡନ କରିଛନ୍ତି। କଂଗ୍ରେସରେ ଯୋଗ ଦେବା ପରେ ଦେବାଶିଷ କହିଛନ୍ତି, ଟିକେ ନିଷ୍ପତ୍ତି ଭୁଲ ହୋଇଯାଇଥିଲା। ସେପଟକୁ (ବିଜେପିକୁ) ଚାଲି ଯାଇଥିଲି। ଏବେ ନିଷ୍ପତ୍ତି ନେଲି ଏକ ଗଣତାନ୍ତ୍ରିକ ଦଳରେ ଯୋଗ ଦେବି, ଯେଉଁଠି ସ୍ୱାଧୀନତା ଥିବ। ତେଣୁ କଂଗ୍ରେସରେ ଯୋଗ ଦେଲି। କଂଗ୍ରେସରେ ଯୋଗ ଦେବା ପରେ ସେ ବିଜେପି ଓ ଏହା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦେବାଶିଷ କହିଛନ୍ତି, ଏବେ ଦେଶର ଅବସ୍ଥା ଜରୁରୀକାଳୀନ ସ୍ଥିତିରୁ ବଳିଗଲାଣି। ଯାକୁ ମାର ତାକୁ ମାର, ତା' ଘରେ ପୁଲିସ ପୁରାଅ, କାହା ପଛରେ ଇଡିକୁ ଲଗାଅ, କାହା ପଛରେ ସିବିଆଇକୁ ଲଗାଅ- ଏସବୁ ତ ଚାଲିଛି। ପୂରା ରାଜନୀତିକ ବ୍ୟବସ୍ଥା ନଷ୍ଟ ହୋଇଗଲାଣି। ବିଜେଡି ଓ ବିଜେପି ପୂରା ସମାନ। ସେମାନେ ଗୋଟିଏ ବ୍ୟବସ୍ଥା ମଧ୍ୟରେ କାମ କରୁଛନ୍ତି। ସେଠି (ବିଜେପି) କ'ଣ ସବୁ ଘଟୁଛି, ତାହା ବି ଦେଖିଲି। ସେମାନେ (ବିଜେଡି ଓ ବିଜେପି) ମିଶିକି ଅଛନ୍ତି ବୋଲି ମେଣ୍ଟ କଥା ଉଠିଥିଲା। କିନ୍ତୁ କୌଣସି କାରଣରୁ ତାହା ହୋଇପାରିଲା ନାହିଁ। ସେଠାରେ (ବିଜେପିରେ) ମୁଁ ଭଲ ଅନୁଭବ କଲି ନାହିଁ। ତେଣୁ ଛାଡ଼ି ଦେଲି। ଟିକେଟ ମିଳିଲାନି ବୋଲି ମୁଁ ବିଜେପି ଛାଡ଼ି ଦେଲି ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ। ଚାହିଁଥିଲେ ମୁଁ କ'ଣ ସ୍ୱାଧୀନ ଭାବେ ବରୀରୁ ଛିଡ଼ା ହୋଇ ପାରି ନଥା'ନ୍ତି। ମୁଁ ଏକ ସଂସ୍କାର ପାଇଁ ବିଜେପିକୁ ଯାଇଥିଲି। ସେହି ଦଳରେ ଯୋଗ ଦେଲା ପରେ ଜାଣିଲି, ସେଠାରେ ଆହୁରି ଅରାଜକତା ଚାଲିଛି। ତେଣୁ ଛାଡ଼ି ଦେଲି। ଦେବାଶିଷ ?ବରୀରୁ ବିଜେଡି ଟିକେଟରେ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦, ୨୦୦୪,୨୦୦୯ ଓ ୨୦୧୪ରେ ସେ ବରୀରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନଥିଲା। ଏଥର ମଧ୍ୟ ତାଙ୍କୁ ଦଳ ଟିକେଟ ଦେବାର କୌଣସି ସମ୍ଭାବନା ନଥିବା ଦେଖି ସେ ବିଜେପିରେ ମିଶିଥିଲେ। କିନ୍ତୁ ବିଜେପି ମଧ୍ୟ ତାଙ୍କୁ ଟିକେଟ ଦେଇ ନଥିଲା। ଏହା ପରେ ଦେବାଶିଷ ସ୍ୱାଧୀନ ଭାବେ ବରୀରୁ ନିର୍ବାଚନ ଲଢ଼ିବେ ବୋଲି ଶୁଣିବାକୁ ମିଳିଥିଲା। ତେବେ ଆଜି ସେ କଂଗ୍ରେସରେ ଯୋଗ ଦେଇଛନ୍ତି।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ...

ରେଭାନ୍ନାଙ୍କ ସମ୍ପର୍କୀୟ ସତୀଶ ବାବାନ୍ନା ଅପହରଣ କରିଥିଲେ। ଏହାପରେ ତାଙ୍କୁ ବିଧାୟକଙ୍କ ଘନିଷ୍ଠ ସହଯୋଗୀ ରାଜଶେଖରଙ୍କ କାଲେନାଲ୍ଲି ସ୍ଥିତ ଫାର୍ମ ହାଉସରେ ବନ୍ଦୀ କରି ରଖାଯାଇଥିଲା। ଅଭିଯୋଗ ପାଇବା ପରେ ପୁଲିସ୍ ଉକ୍ତ ମହିଳାଙ୍କୁ ଫାର୍ମ ହାଉସରୁ ପୁଲିସ୍ ଉଦ୍ଧାର କରିଥିଲା। ଏହାପରେ ପୁଲିସ୍ ରେଭାନ୍ନାଙ୍କ ନାଁରେ ଆଇପିସିର ଏକାଧିକ ଦଫାରେ ମାମଲା ରୁଜୁ କରିଥିଲା। ପୁଲିସ୍ ଲଗାଇଥିବା ଦଫା ଜାମିନ ବିହୀନ ହୋଇଥିବାରୁ କୋର୍ଟ ମଧ୍ୟ ରେଭାନ୍ନାଙ୍କ ଆବେଦନକୁ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟଙ୍କ ନିଷ୍ପତ୍ତି ପରେ ପୁଲିସ ତାଙ୍କୁ ଗିରଫ କରିଛି। ଏଚ୍‌ଡି ରେଭାନ୍ନାଙ୍କ ପୁଅ ହେଉଛନ୍ତି ଜେଡିଏସ ସାଂସଦ ପ୍ରଜ୍ୱଳ। ଉଭୟ ବାପ-ପୁଅଙ୍କ ନାଁରେ ଯୌନ ନିର୍ଯାତନା ମାମଲା ମଧ୍ୟ ରହିଛି। ଏମାନଙ୍କର ଯୌନ କେଲେଙ୍କାରୀର ଏକାଧିକ ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି। ପୁଲିସ୍ ପ୍ରଜ୍ୱଳଙ୍କୁ ଖୋଜୁ ଥିବା ବେଳେ ସେ ଜର୍ମାନୀ ପଳାଇଛନ୍ତି।

### ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ...

ଆସନ୍ତାକାଲି ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ମୋଦି ରାତ୍ରିଯାପନ କରିବାପରେ ୬ତାରିଖ ସକାଳ ୧୦ଟାରେ ବ୍ରହ୍ମପୁର ନିକଟସ୍ଥ କନିସି ଛକ ଓ ମଧ୍ୟାହ୍ନ ସାଢ଼େ ୧୨ଟାରେ ନବରଙ୍ଗପୁରର ଚିକିଲି ଛକଠାରେ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି ସୋମବାର ବ୍ରହ୍ମପୁର ଗସ୍ତରେ ଯିବା ପୂର୍ବରୁ ସକାଳେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର କିମ୍ବା ଲିଙ୍ଗରାଜ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବାର ସମ୍ଭାବନା ରହିଛି । ଯଦିଓ ଏନେଇ ଦଳ ପକ୍ଷରୁ କିଛି ସୂଚନା ମିଳିନି ତଥାପି ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି ।

### ୪୦ ଡିଗ୍ରୀ ଉପରେ...

ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଯାଜପୁରରେ ୪୦.୮ ଡିଗ୍ରୀ, ରାୟଗଡ଼ାରେ ୪୦.୪ ଡିଗ୍ରୀ, ଚାନ୍ଦବାଲିରେ ୪୦.୨ ଡିଗ୍ରୀ, ନବରଙ୍ଗପୁରରେ ୪୦ ଡିଗ୍ରୀ, ଖୋର୍ଦ୍ଧାରେ ୪୦ ଡିଗ୍ରୀ, ଭୁବନେଶ୍ୱରରେ ୩୯.୭ ଡିଗ୍ରୀ, ବରଗଡ଼ରେ ୩୯.୬ ଡିଗ୍ରୀ, ଛତ୍ରପୁରରେ ୩୯.୬ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୯.୨ ଡିଗ୍ରୀ, ଦେବଗଡ଼ରେ ୩୯.୨ ଡିଗ୍ରୀ,କଟକରେ ୩୯ ଡିଗ୍ରୀ, କୋରାପୁଟରେ ୩୮.୨ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୮ ଡିଗ୍ରୀ, ଜଗତସିଂହପୁରରେ ୩୭.୭ ଡିଗ୍ରୀ, ବାଲେଶ୍ୱରରେ ୩୬.୯ ଡିଗ୍ରୀ, ଭଦ୍ରକରେ ୩୬ ଡିଗ୍ରୀ, ପୁରୀରେ ୩୪.୬ ଡିଗ୍ରୀ, ପାରାଦୀପରେ ୩୩.୬ ଡିଗ୍ରୀ ଓ ଗୋପାଳପୁରରେ ତାପମାତ୍ରା ୩୩.୫ ଡିଗ୍ରୀ ରେକର୍ଡ କରାଯାଇଛି।

## ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗୀର, ୦୪/୫ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ତର୍ଜମା କରିବା ପାଇଁ ବଲାଙ୍ଗୀରର ଜିଲ୍ଲା ଗସ୍ତରେ ଆସିଛନ୍ତି ସାଧାରଣ ପର୍ଯ୍ୟବେକ୍ଷକ। ସାଧାରଣ ପର୍ଯ୍ୟବେକ୍ଷକ ରୂପେ ୨୦୦୪ ବ୍ୟାଚ ଆଇଏଏସ୍ ରାଜ କୁମାର ବେନିୱାଲ ଏବଂ ରଞ୍ଜନ ଭିଶାଲ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି. ସହକାରଙ୍କ ସହ ଆଇନ ଶୃଙ୍ଖଳା ପରିସ୍ଥିତି, ଖର୍ଚ୍ଚ ହିସାବ ଓ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖକୁ ନେଇ ସଦର ମହକୁମା ସ୍ଥିତ ଡିଏଫ୍ଓ ଅଫିସ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଗୌରଓ୍ୱ ଶିୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ ଡ୍ୟାନଦେଓ , ଅତିରିକ୍ତ ଜିଲ୍ଲାପାଳ ତଥା ଲୋଇଶିଙ୍ଘା ବିଧାନସଭା ରିଟର୍ନିଙ୍ଗ ଅଧିକାରୀ ଡ. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ ତଥା କଂଟାବାଞ୍ଜି ବିଧାନସଭା ରିଟର୍ନିଙ୍ଗ ଅଧିକାରୀ ପବିତ୍ର ବେହେରା, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ଼ ରିଟର୍ନିଙ୍ଗ ଅଧିକାରୀ ରେହାନ ଖେତ୍ରୀ, ପାଟଣାଗଡ଼ ରିଟର୍ନିଙ୍ଗ ଅଧିକାରୀ ଅମିତ ନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଇସଲଓ୍ୱାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ପାୱାର ପଏଂଟ ଦ୍ୱାରା ଉପସ୍ଥିତ ତଥ୍ୟରେ ସମୁଦାୟ ଭୋଟର, ବୁଥ, ସେକ୍ଟର ଅଧିକାରୀ, ରୁଟ୍ ପ୍ଲାନ, ଇଭିଏମ୍ ପ୍ରସ୍ତୁତି, ଅଣୁ ପର୍ଯ୍ୟବେକ୍ଷକ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ, ଗଣମାଧ୍ୟମ ପ୍ରମାଣୀକରଣ ଓ ନିରୀକ୍ଷଣ କକ୍ଷ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ବୁଥରେ ପାନୀୟ ଜଳ ଯୋଗାଣ, ଖରାରୁ ରକ୍ଷା ନିମନ୍ତେ ଛାଇ ପାଇଁ ଟେଂଟ ବ୍ୟବସ୍ଥା ବାବଦରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଆଇନ ଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ, ନାକା ଓ ଚେକିଂ ପଏଂଟ, ଲାଇସେନ୍ସ ଅସ୍ତ୍ର ଜମା, ଫ୍ଲାଗ ମାର୍ଚ୍ଚ ଆଦି ବିଷୟରେ ଆଲୋଚନା କରିଥିଲେ। ତେବେ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡଲାଇନ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ନିୟମ ଆଧାରରେ ନିର୍ବାଚନ ପରିଚାଳନା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସୂଚେଇ ଥିଲେ। କୌଣସି ଭୁଲ୍‌କୁ ପ୍ରଶୟ ନଦେବାକୁ ଏବଂ ଅଧିକ ପୋଲିଙ୍ଗ ପାଇଁ ଜରୁରୀ ପଦକ୍ଷେପ ନେବାପାଇଁ କହିଥିଲେ। ସେହିପରି ଜିଲ୍ଲା ଅଭିଯୋଗ କକ୍ଷ, ଏମ୍‌ସିଏମ୍‌ସି କକ୍ଷ, ଲୋଇଶିଙ୍ଘା ଏବଂ ପାଟଣାଗଡ଼ ବିଧାନସଭା ଷ୍ଟ୍ରଙ୍ଗ ରୁମ୍ ବୁଲି ଦେଖିବା ସହ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ନାମାଙ୍କନ ଯାଂଚ ପ୍ରକ୍ରିୟାକୁ ତର୍ଜମା କରିଥିଲେ।

ରବିବାର, ମଇ ୦୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରଥମ ପର୍ଯ୍ୟାୟରେ ଘରୁ ମତଦାନ କରିବେ ୪୧୫୮ ମତଦାତା

ଭୁବନେଶ୍ୱର, ୦୪/୫ (ନି.ପ୍ର): ପ୍ରତିଟି ଭୋଟ ମୂଲ୍ୟବାନ। ଭାରତୀୟ ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ପ୍ରତିଟି ଭୋଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯେଉଁ ମତଦାତାମାନେ ମତଦାନ ପାଇଁ ମତଦାନ କେନ୍ଦ୍ରକୁ ଆସିବାରେ ଅସମର୍ଥ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ 'ଘରୁ ମତାଦନ' (ହୋମ୍ ଭୋଟିଙ୍ଗ୍)ର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ (ଦେଶରେ ସାମଗ୍ରିକ ଦୃଷ୍ଟିରୁ ଚତୁର୍ଥ ପର୍ଯ୍ୟାୟ) ଚାରୋଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଅନ୍ତର୍ଗତ ଅନେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ 'ଘରୁ ମତଦାନ' ପ୍ରକ୍ରିୟା ଆରମ୍ଭ ହୋଇଛି। ଏକ ଐତିହାସିକ ନିଷ୍ପତି କ୍ରମରେ ପ୍ରଥମ ଥର ପାଇଁ ଦେଶରେ ସାଧାରଣ ନିର୍ବାଚନରେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ମତଦାତା ଏବଂ ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ 'ଘରୁ ମତଦାନ' (ହୋମ୍ ଭୋଟିଙ୍ଗ)ର ବ୍ୟବସ୍ଥା କରିଛନ୍ତି। ଏଭଳି ମତଦାତାମାନେ ଚାହିଁଲେ ସେମାନଙ୍କୁ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବା ପାଇଁ ପ୍ରଶାସନ ତରଫରୁ ଗାଡ଼ି ମଧ ଯୋଗାଇ ଦିଆଯିବ । ଅନ୍ୟଥା ସେମାନେ ଘରୁ ମତଦାନ କରିବାର ବିକଳ୍ପକୁ ମଧ ବାଛି ପାରିବେ । ଏହି କ୍ରମରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ୪୧୫୮ ଜଣ ମତାଦାତା 'ଘରୁ ମତଦାନ' ବିକଳ୍ପକୁ ବାଛିଛନ୍ତି । ଏହା ମଧ୍ୟରେ ୨୧୯୬ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତି ହୋଇଥିବାବେଳେ ୧୯୬୨ ଜଣ ୪୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମତା ରହିଥିବା ମତଦାତା ଅଟନ୍ତି। କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ମତଦାତାଙ୍କ ଭୋଟ ଗ୍ରହଣ କରାଯାଇଛି । ଅନ୍ୟ ନିର୍ବାଚନ ମଣ୍ଡଳୀରେ ମଧ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ତାରିଖ ଓ ସମୟ ଅବଧିରେ 'ଘରୁ ମତାଦାନ' ବ୍ୟବସ୍ଥା କରାଯିବ । ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ଚାରି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟିଯାକ ବିଧାନସଭା କ୍ଷେତ୍ରରେ ଯୋଗ୍ୟ ମତଦାତାମାନେ 'ଘରୁ ମତଦାନ' ବିକଳ୍ପକୁ ବାଛିଛନ୍ତି।

# ବିଦ୍ୟାଳୟ ପରିସରରେ ଗଛ କଟାକୁ ନେଇ ଅଭିଯୋଗ: ତଦନ୍ତ କଲେ ଏବିଇଓ



ଖଇରା, ୦୪/୫ (ନି.ପ୍ର): ଔପଦା ବ୍ଲକ ଫତେପୁର ପଞ୍ଚାୟତ ଫତେପୁର ଉ.ପ୍ରା ନୋଡାଲ ସ୍କୁଲ ପରିସରରେ କଞ୍ଚା କଇମ ଗଛ କଟାକୁ ନେଇ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ପରିସରରେ ଥିବା ପୁରାତନ କଇମ ଗଛକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ଦାସ ବେଆଇନ ଭାବେ ଗଛ କାଟିଥିବାର ନେଇ ଗ୍ରାମବାସୀ ମାନେ ଜିଲାପାଳ,ଡିଏ.ଫ.ଓ, ଡିଇଓ ଙ୍କ ସମେତ ବିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଏବିଇଓ ରତ୍ନାକର ଦାସ ତଦନ୍ତ ଆରମ୍ଭ କରିଛନ୍ତି। ଆଜିକା ଦିନରେ ଗଛ ଲଗାଇବାର ଆବଶ୍ୟକତା ଥିବା ବେଳେ ଶ୍ରୀ ଦାସ କେମିତି କଞ୍ଚା ଗଛ କାଟିଲେ ସେ ନେଇ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଥାଉକି ୨୦୨୧-୨୨ ମସିହାରେ ସ୍କୁଲ ପରିସରରେ ଚାରାରୋପଣ ପାଇଁ ସରକାରଙ୍କ ତରଫରୁ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଗଛ ଦେଖିବାକୁ ମିଳୁ ନାହିଁ । ସରକାରୀ ଅର୍ଥକୁ ବାଟମାରଣା କରାଯାଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି । ଯଦି ଶ୍ରୀ ଦାସଙ୍କର ଅନ୍ୟତ୍ର ବଦଳି କରାନଯାଏ ତେବେ ଅଗାମୀ ଦିନରେ ଗ୍ରାମବାସୀ ମାନେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଦେଖିବାକୁ ବାକି ରହିଲା କାର୍ଯ୍ୟାନୁଷ୍ଠାନ କେବେ ହେଉଛି ।

# ବିଜୟ ପଟ୍ଟନାୟକ ଅସୁସ୍ଥ: ପ୍ରଚାର ଛାଡ଼ି ଭୁବନେଶ୍ୱର ଫେରିଲେ



ଭୁବନେଶ୍ୱର, ୦୪/୫ (ନି.ପ୍ର): କଂଗ୍ରେସର ବରିଷ୍ଠ ନେତା ତଥା ପାରଳାଖେମୁଣ୍ଡି ବିଧାନସଭା ପ୍ରାର୍ଥୀ ବିଜୟ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିଛନ୍ତି। ପ୍ରବଳ ଖରାରେ ପ୍ରଚାର କରିବା ଯୋଗୁ ତାଙ୍କୁ ଅଂଶୁଘାତ ହୋଇଯାଇଥିଲା। ତା' ସହିତ ତାଙ୍କର ୟୁରିନ ଇନ୍‌ଫେକ୍ସନ ହୋଇଛି। ତେଣୁ ପ୍ରଚାର କାର୍ଯ୍ୟ ଛାଡ଼ି ଚିକିତ୍ସିତ ହେବାକୁ ଓ ବିଶ୍ରାମ ନେବାକୁ ସେ ଭୁବନେଶ୍ୱର ଫେରି ଆସିଛନ୍ତି। ବିଜୟ ପଟ୍ଟନାୟକ ଢ ଯୋଗେ ଏହି ସୂଚନା ଦେଇଛନ୍ତି। ଏଥିରେ ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ ଅଂଶୁଘାତ ଓ ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍ସନ ଯୋଗୁ ଚିକିତ୍ସିତ ହେବାକୁ ଓ ବିଶ୍ରାମ ନେବାକୁ ସେ ବାଧ ହୋଇ ଭୁବନେଶ୍ୱର ଫେରି ଆସିଛନ୍ତି। ତେବେ ଏହା ସାମୟିକ। ସେ ପ୍ରଚାରକୁ ଫେରିବା ପାଇଁ ଲକ୍ଷ୍ୟ ରଖିଥିବା ଯୋଗୁ ଲୋକଙ୍କ ପ୍ରାର୍ଥନା ଓ ସହଯୋଗ ଗୁରୁତ୍ୱପୂର୍ଣ୍ଣ। ଏହି ଲେଖା ସହିତ ବିଜୟ ପଟ୍ଟନାୟକ ଏକ ଭିଡିଓ ମଧ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେ ପାରଳାଖେମୁଣ୍ଡି ଲୋକଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଖରା ଯୋଗୁ ମୋତେ ଜ୍ୱର ହୋଇଯାଇଛି। ସେଥିପାଇଁ ମୁଁ ଚିକିତ୍ସିତ ହେଉଛି। ଖୁବ୍‌ଶୀଘ୍ର ଭଲ ହୋଇଯିବି। ଆପଣମାନଙ୍କ ଗହଣକୁ ପୁଣି ଥରେ ଫେରିଯିବି। ଆପଣଙ୍କ ସହିତ ରହିବି ଓ ଆପଣମାନଙ୍କ ସହିତ ଲଢ଼ିବି। ଏ ଲଢ଼େଇ ହେଉଛି ନ୍ୟାୟର ଲଢ଼େଇ। ଏ ଲଢ଼େଇ ଟଙ୍କାର ଲଢ଼େଇ ନୁହେଁ।

# ଗୁରୁକୁଳରେ ଅନ୍ତରାଷ୍ଟ୍ରୀୟ ଯଜ୍ଞ ଦିବସ



ବସ୍ତା, ୦୪/୫ (ନି.ପ୍ର): ଅସନ୍ତୁଳିତ ତଥା ଦୂଷିତ ପର୍ଯ୍ୟାବରଣକୁ ରୋକିବା ପାଇଁ ଯଜ୍ଞ ର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସଦର ବ୍ଲକ୍ ଅନ୍ତର୍ଗତ ରୂପ୍ସା ସାମିଲ ହସନପୁର ପଞ୍ଚାୟତ ର ପିଙ୍ଗାବଣିଆଁ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମ ରେ 'ଅନ୍ତରାଷ୍ଟ୍ରୀୟ ଯଜ୍ଞ ଦିବସ' ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଯାଇଅଛି। ଏହି ଅବସରରେ ପଶ୍ଚିମ ସିମୁଳିଆ ନିବାସୀ ଶ୍ରୀଯୁକ୍ତ ଅଭିରାମ ମହାନ୍ତଙ୍କ ନାତୁଣୀ ଆୟୁଷ୍ମତୀ କ୍ଷୀରାବ୍ଧୀ ତନୟା ର ଜନ୍ମ ଦିବସ ପାଳନ ସହିତ ବୃକ୍ଷ ରୋପଣ ଓ ପଞ୍ଚ କୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ରେ ମୁଖ୍ୟ ଯଜମାନ ଶ୍ରୀଯୁକ୍ତ ସମୀର ରଞ୍ଜନ ମହାନ୍ତି ଓ ଶ୍ରୀମତୀ ଜୟସ୍ମିତା ମହାପାତ୍ର ଙ୍କ ସହିତ ରାଜେଶ ଓ ପୂଜା, ଅବିନାଶ ଓ ଗୀତାଞ୍ଜଳି, ଗୌତମ ଓ ନମିତା,ସନ୍ତୋଷ ଓ ରାଜଶ୍ରୀ,ଗୟାଧର ଓ ସସ୍ମିତା, ରତ୍ନାକର ଓ ନିୟତୀ ତଥା ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଓ ଶ୍ରୀମତୀ ମିନାକ୍ଷୀ ସାହୁ ଯଜମାନ ଭାବେ ଆହୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାବତୀ ମହାନ୍ତି, ରେବତୀ ଖୁଣ୍ଟିଆ, ବିଜୟିନୀ ପଣ୍ଡା ଏବଂ ପ୍ରତାପ ଚନ୍ଦ୍ର ମହାପାତ୍ର, ହରିନରାୟଣ ସାହୁ, ରବୀନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର,ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଶ୍ରଦ୍ଧାଳୁଗଣ ଯୋଗଦାନ କରିଥିଲେ। ପଣ୍ଡିତ ସୁଧାକର ଶାସ୍ତ୍ରୀ ଯଜ୍ଞ ପରିଚାଳନା କରିଥିଲେ। ପରିଶେଷରେ ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ତହସିଲ ପକ୍ଷରୁ ବେଆଇନ ବାଲି ଷ୍ଟକ୍ ଉପରେ ଚଢ଼ାଉ



ବାଲିଆପାଳ , ୦୪/୫ (ନି.ପ୍ର): ବାଲିଆପାଳ ତହସିଲ ପକ୍ଷରୁ ଶୁକ୍ର ବାର ସନ୍ଧ୍ୟାରେ ବାଲିଆପାଳ ପଞ୍ଚାୟତ ଗୁନାପୁର ଗ୍ରାମରେ ଜନୈକ ବ୍ୟକ୍ତି ସରକାରୀ ଜାଗାରେ ବେଆଇନ୍ ଭବେ ସୁବର୍ଣ୍ଣ ରେଖା ନଦୀର ବାଲିକୁ ଷ୍ଟକ୍ ରଖି ଥିବାରୁ ତାହା ଉପରେ ଚଢ଼ାଉ କରାଯାଇ ଥିଲା ।ଏନେଇ ଗ୍ରାମ ବାସୀ ଜିଲ୍ଲାପାଳ,ତହସିଲ ଦାର୍ ପ୍ରମୁଖଙ୍କ ଠାରେ ଅଭିଯୋଗ କରି ଥିଲେ। ଗତ କାଲି ସନ୍ଧ୍ୟାରେ ଏହି ବେଆଇନ୍ ବାଲି ଷ୍ଟକ୍ ଉପରେ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର, ବାଲିଆପାଳ ଆର ଆଇ ବିଜୟା ଦାସ , ମଧୁପୁରା ଆର ଆଇ କାଳୀ ଚରଣ ମାଝି ପ୍ରମୁଖ ଚଢ଼ାଉ କରି ଥିଲେ। ଚଢ଼ାଉ ବେଳେ ବାଲି ଷ୍ଟକ୍ ରଖିଥିବା ମାଲିକ କେଉଁ ଆଡେ ଫେରାର ହୋଇ ଯାଇଛନ୍ତି। ତହସିଲ ପକ୍ଷରୁ ସମସ୍ତ ବାଲିକୁ ସିଜ୍ କରାଯାଇ ନାଲି ପତକା ମରାଯାଇଛି। ଷ୍ଟକ୍ ଥିବା ବାଲିର ଆନୁ ମାନିକ୍ ମୂଲ୍ୟ ସାତ ଲକ୍ଷ ଟଙ୍କାରୁ ଅଧିକ୍ ହେବ ବୋଲି କୁହାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଛି। ବାଲିଆପାଳ ବ୍ଲକର ଅନେକ ସ୍ଥାନରେ ବେଆଇନ୍ ବାଲି ଷ୍ଟକ୍ ରଖା ଯାଇ ଥିବା ଖବର ଜଣା ପଡ଼ିଛି। ବେଆଇନ୍ ବାଲି ଷ୍ଟକ୍ ରଖିଥିବା ମାଲିକ ମାନେ ଲୋକଙ୍କୁ ଚଢ଼ା ଦରରେ ବାଲି ବିକି ମାଲେ ମାଲ ହେଉଛନ୍ତି । ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟୁଛି।

# କୃଷକମାନଙ୍କ ପାଇଁ ବୀମା ଦେୟ ପ୍ରତ୍ୟକ୍ଷ ସ୍ଥାନାନ୍ତର ହେବ : ଖଡଗେ

ନୂଆଦିଲ୍ଲୀ, ୦୪/୫ : କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ପାର୍ଟିକୁ ଦେଶର ଚାଷୀଙ୍କ ଖୁସି ପାଇଁ ସମର୍ପିତ କହିବା ସହ କେନ୍ଦ୍ରରେ କଂଗ୍ରେସ ସରକାର ଗଠନ ହେଲେ ଫସଲ ବୀମା ରାଶି ସିଧା ଚାଷୀଙ୍କ ଆକାଉଂଟକୁ ଟ୍ରାନ୍ସଫର ହେବ ବୋଲି କହିଛନ୍ତି। ଖଡଗେ ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ, ଚାଷିଙ୍କ ପାଇଁ ବୀମା ଦେୟ ପ୍ରତ୍ୟକ୍ଷ ଟ୍ରାନ୍ସଫର କରାଯିବ । କଂଗ୍ରେସ ଗ୍ୟାରେଂଟି ଦେଉଛି ଯେ, ଫସଲ ବୀମାକୁ କ୍ଷେତ ଓ ଚାଷୀଙ୍କ ଅନୁରୂପ କରାଯିବ । ଚାଷୀଙ୍କ ଠାରୁ ବିମା ରାଶି ଅନୁସାରେ ପ୍ରିମିୟର ନିଆଯିବ ଏବଂ ସମସ୍ତ ଦାବିକୁ ୩୦ଦିନ ମଧ୍ୟରେ ପୂରଣ କରାଯିବ ।

# ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହେଲା ତୋଶାଳା ଓଡ଼ିଆ ମିଡ଼ିଅମ ସ୍କୁଲ



ବାଲେଶ୍ୱର, ୦୪/୫ (ନି.ପ୍ର): ତେନ୍ତୁଳିଆ ନଗର, ରେମୁଣା ଠାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗାୟତ୍ରୀ ମହାମନ୍ତ୍ର ଓ ବେଦପାଠ ଉଚ୍ଚାରଣ ମଧ୍ୟରେ ମୁଖ୍ୟଅତିଥି କବି ପ୍ରଶାନ୍ତ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ଟମ୍ପ ବା ତୋଶାଳା ଓଡ଼ିଆ ମିଡ଼ିଅମ ବିଦ୍ୟାଳୟ। କେବଳ ଶିକ୍ଷା ନୁହଁ, ଶିକ୍ଷା ସହିତ ଉପଯୁକ୍ତ ଜ୍ଞାନ, ସଂସ୍କାରଦାନର ଏବେ ଆବଶ୍ୟକତା ଅଧିକ ରହିଛି ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ସାମାଜିକ ବ୍ୟବସ୍ଥାର ବିପର୍ଯ୍ୟୟକୁ ସଙ୍କୁଚିତ କରିବା ପାଇଁ ଶିକ୍ଷାର ବିକାଶ ସହିତ ସମଭାବେ ଜ୍ଞାନ ଓ ନୈତିକତାର ବିକାଶ ହେବା ଆବଶ୍ୟକତାକୁ ଆଖିରେ ରଖି ଅନୁଷ୍ଠାନର ମୁଖ୍ୟ ଶ୍ରୀଯୁକ୍ତ ସୁଶାନ୍ତ ରାଉତ ମହୋଦୟ ଏହାକୁ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭଶ୍ରୀ ନମିତା ଦାସ, ସି ଏ ବିଶ୍ୱରଂଜନ ପଣ୍ଡା, ଅରୁଣ କୁମାର ଦାସ, ଗାୟତ୍ରୀ ରଥ, ମାନସ ପୁହାଣ, ଜଗନ୍ନାଥ ଦାସ, ଅଭିଷେକ ମଣ୍ଡଳ, ଜାନକୀ ଗୁରୁମା, ରିଙ୍କି ଗୁରୁମା, ସସ୍ମିତା ଗୁରୁମା ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ପିଆଜ ରପ୍ତାନୀ ଉପରେ ୪୦ ପ୍ରତିଶତ ଶୁଳ୍କ ଲଗାଇଲେ ସରକାର: ନୂଆ ରେଟ୍ ଲାଗୁ

ନୂଆଦିଲ୍ଲୀ, ୦୪/୫ :କେନ୍ଦ୍ର ସରକାର ପିଆଜ ମୂଲ୍ୟ ଉପରେ ନିୟନ୍ତ୍ରଣ ପାଇଁ ୪୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଦେଶୀ ଚଣା ଆମଦାନୀ ଉପରେ ଲାଗୁଥିବା ଶୁଳ୍କରୁ ମାର୍ଚ୍ଚ ୩୧, ୨୦୨୫ ଯାଏ ଆଶ୍ୱସ୍ତି ଦେବାକୁ ମଧ ସରକାର ଘୋଷଣା କରିଛନ୍ତି । ଏହା ସହିତ ହଳଦିଆ ମଟର ଆମଦାନୀ ଉପରେ ଶୁଳ୍କ ଛାଡ ମଧ ଅକ୍ଟୋବର ୩୧, ୨୦୨୪ ପୂର୍ବରୁ କିମ୍ବା ପୂର୍ବରୁ ଜାରି କରାଯାଇଥିବା 'ବିଲ୍ ଅଫ୍ ଏଂଟ୍ରି' ମାଧ୍ୟମରେ ବୃଦ୍ଧି କରାଯାଇଛି। ଅର୍ଥ ମନ୍ତ୍ରାଳୟ ଜାରି ଏକ ଅଧିସୂଚନାରେ କହିଛି ଯେ, ଏହି ସମସ୍ତ ପରିବର୍ତ୍ତନ ମେ ୪ ତାରିଖରୁ କାର୍ଯ୍ୟକାରୀ ହେବ । ବର୍ତ୍ତମାନ ପିଆଜ ରପ୍ତାନି ଉପରେ ନିଷେଧାଦେଶ ରହିଛି। ତେବେ କେନ୍ଦ୍ର ସରକାର ନିଜ ମିତ୍ର ଦେଶକୁ ପିଆଜି ରପ୍ତାନୀ ପାଇଁ ଅନୁମତି ଦେଇଛନ୍ତି ।

# ମସୁରୀରେ ଖାଇକୁ ଖସିଲା ଗାଡି: ୫ ମୃତ

ମସୁରୀ/ରୁରକୀ, ୦୪/୫ (ନି.ପ୍ର): ଉତ୍ତରାଖଣ୍ଡରେ ପାହାଡର ରାଣୀ ମସୁରୀରେ ଡେରାଡୁନ ରାସ୍ତା ଉପରେ ଚୁନାଖାଲ ନିକଟରେ ଆଜି ସକାଳ ପ୍ରାୟ ୫ଟା ବେଳେ ଏକ ଗାଡି ଭାରସାମ୍ୟ ହରାଇ ଗଭୀର ଖାଇ ଭିତରକୁ ଖସିପଡିଛି । ଦୁର୍ଘଟଣାରେ ୪ଜଣ ଯୁବକଙ୍କ ସମେତ ୫ଜଣଙ୍କ ମୃତ୍ୟୁ ହୋଇଛି । ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି । ଗାଡିରେ ୬ଜଣ ଲୋକେ ଥିଲେ । ଅନ୍ୟପଟେ ରୁରକୀରେ ଏକ ବସ ଚେକପୋଷ୍ଟକୁ ମାଡିଯାଇଛି । ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ମସୁରୀ ଦୁର୍ଘଟଣାରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା । ଆହତଙ୍କୁ ଖାଇରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୪ଜଣ ଯୁବକ ଜଣେ ଯୁବତୀ ଅଛନ୍ତି ।

# ବିଜେପି କେନ୍ଦ୍ରୀୟ ନେତାଙ୍କ ମୟୂରଭଞ୍ଜ ଗସ୍ତ





ବାରିପଦା, ୦୪/୫ (ନି.ପ୍ର): ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାକୁ ବିଜେପି କେନ୍ଦ୍ରୀୟ ନେତାମାନଙ୍କର ଗସ୍ତ କ୍ରମ ଆରମ୍ଭ ହୋଇଯାଇଥିବା ଜଣାଯାଇଛି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ ଇତି ମଧ୍ୟରେ ଏଠାରେ ପହଂଚି ବିଭିନ୍ନ ବିଧାନସଭା କ୍ଷେତ୍ର ପରିଦର୍ଶନ କରି ସାରିଥିବା ବେଳେ ଶନିବାର ଦିନ ବିଜେପି ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସୁନୀଲ ବଂଶଲ ବାରିପଦା ପହଞ୍ଚିଛନ୍ତି। ଏହି ନେତାମାନେ ବିଭିନ୍ନ ସ୍ଥାନରେ ବିଭିନ୍ନ ବୈଠକ, ସଭା ସମିତି କରିବାର ଯୋଜନା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ଆହୁରି ବହୁ ବଡ଼ ନେତା ଏ ଜିଲ୍ଲାକୁ ଆସିବେ ଏବଂ ମୟୂରଭଞ୍ଜ ଲୋକସଭା ଆସନ ତଥା ସମସ୍ତ ବିଧାନସଭା କ୍ଷେତ୍ରରେ ଦଳର ବିଜୟ ସୁନିଶ୍ଚିତ କରିବା ଦୃଷ୍ଟିରୁ ନେତୃମଣ୍ଡଳୀଙ୍କ ଏହି ସବୁ ବ୍ୟାପକ ଗସ୍ତ ତଥା ସଭା, ସମିତି, ବୈଠକ ଇତ୍ୟାଦି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ହେବ ବୋଲି ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀ କହିଛନ୍ତି।

# ପକ୍ଷୀ ପାଇ ଦିନଟିଏ ଏକ ଅନନ୍ୟ ଚିନ୍ତାଧାରା




ବାଲେଶ୍ୱର, ୦୪/୫ (ନି.ପ୍ର): ବିଶ୍ୱ ର ବର୍ଦ୍ଧିତ ତାପମାତ୍ରା ଏବଂ ଉତ୍କଟ ଜଳ ସଙ୍କଟକୁ ବିଚାରକୁ ନେଇ ରାଜ୍ୟ ସମାଜସେବୀ ମହାସଂଘ ସହ ଉସାକା, କନ୍ୟା ଅନମୋଲ ହେ, ହିମାଂଶୁ ହରି ପାଣ୍ଡେସନ, ବ୍ରଜେନ୍ଦ୍ର କୁମାର ଫାଣ୍ଡେସନ, ଅର୍ଟ ଅଫ ସ୍ମାଇଲ,ଟିମ ହ୍ୟୁମାନିଟି, ମାଷ୍ଟର ଗୀରିଜା ମେମୋରିଆଲ ରୋଡ ସେଫଟି ଫାଣ୍ଡେସନ ଟ୍ରଷ୍ଟ,ଶାରଦା ପାଣ୍ଡେସନ, ଫକୀରମୋହନ କଲେଜ ପୂର୍ବତନ ଛାତ୍ର ସଂସଦ ରିୟୁନିୟନ ଆଦି ସଂଗଠନ ମାନଙ୍କ ସହିତ ମିଳିତ ଭାବେ ଏହି ବାର୍ତ୍ତା କୁ ସମଗ୍ର ରାଜ୍ୟ ରେ ପହଞ୍ଚାଇବା ପାଇଁ ଆଜି ଇନ୍ଦିରା ଗାନ୍ଧୀ ଉଦ୍ୟାନ ରେ ଏକତ୍ରିତ ହେଇଥିଲେ।ର୍ଷିକ ୩୬୫ ଦିନ ଭିତରେ ଯଦି ଗୋଟିଏ ଦିନ ବି ଆମେ ପଶୁ,ପକ୍ଷୀ ଓ ପ୍ରକୃତି ପାଇଁ ସହଯୋଗ ର ହାତ ବଢ଼ାଇବା ଆଗାମୀ ଦିନରେ ହେବାକୁଥିବା ବିପର୍ଯ୍ୟୟ ର ମୁକାବିଲା କରି ପାରିବା ପୁଣି ଥରେ ଏ ପ୍ରକୃତି ହସି ଖେଳି ଉଠିବ, ବଢୁଥିବା ତାପ ମାତ୍ରା ହ୍ରାସ ହେବ।କଂକ୍ରିଟ ଜଙ୍ଗଲ ମଧ୍ୟରେ ସବୁଜିମା ଖେଳି ଉଠିବ। ପ୍ରତୀକାତ୍ମକ ଭାବରେ ପାର୍କରେ ପକ୍ଷୀ ମାନଂକ ପାଇ ବିଭିନ୍ନ ଜାଗା ରେ ମାଟି ପାତ୍ର ରେ କିଛି ଜଳ ଏବଂ ଖାଦ୍ୟ ଦାନା ବ୍ୟବସ୍ଥା କରାଯାଇଥିଲା ତା ସହିତ ପକ୍ଷୀ ମାନଙ୍କ ଉଦ୍ଦେଶ୍ୟ ରେ ସଚେତନ ଧର୍ମୀ କବିତା ପାଠ ପ୍ରକୃତି ପ୍ରେମି କବି ସୁଧାକର ସେଠୀ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା, ସମସ୍ତ ଜନ ସାଧାରଣ ଙ୍କୁ ଏହି ଖରା ଦିନେ କିଛି କିଛି ସାହାଯ୍ୟ ପଶୁ ପକ୍ଷୀ ଙ୍କୁ କରିବା ପାଇଁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନ ର ବରିଷ୍ଠ ସଦସ୍ୟ ସାଗର ଦାଶ, ନାରାୟଣ ସାହୁ,ଗଗନ ପାଇଟାଲ,ହରିଶ ପ୍ରଧାନ, ମାନସ ଥାଟୋଇ, ରୋଜା ଘୋଷ, ବରିଷ୍ଠ ସାମ୍ବାଦିକ ରାମଜିବନ୍ ଗୋଛାୟତ। ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗ କବି ସତ୍ୟାନସ ,ବରେଣ୍ୟ ଅତିଥି ଭାବରେ ଡାକ୍ତର ସଂଜୀବ କର, ସାଜ ସେବୀ ଶ୍ୱାତି ଦାଶ, ପ୍ରଶାସକ ସରୋଜ ଡକୁମାର ବେହେରା ଡାକ୍ତର ସନ୍ତୋଷ ବେହେରା,ଦୁର୍ଗାପ୍ରସାଦ ଦାସ, କିଶୋର କୁମାର ମାଝୀ ଯୋଗ ଦେଇ ବକ୍ତବ୍ୟ ଓ କବିତା ପାଠ କରିଥିଲେ କବି ମହମ୍ମଦ ଇନାୟତ ଅଲ୍ଲୀଙ୍କ ଦୁଇଟି ପୁସ୍ତକ ମଧ ଉନ୍ମୋଚିତ ହୋଇଥିଲା ଏବଂ ଅନ୍ୟ ମାନଙ୍କ ମଧ ରେ ସମାଜସେବୀ ବେଣୁଧର ବିଶ୍ୱାଳ, ପାର୍ଥ ପ୍ରତିମ୍ ଦାଶ,ଇଂ ବିରୋଜ କୁମାର ରାଉତ, ସୁମନ୍ତ ବେହେରା, ଶତାବ୍ଦୀ ପଲେଇ, ଅମୀୟବାଲା ପରିଡ଼ା, ପୁଷ୍ପଲତା ମିଶ୍ର, ଓମ୍ କୁମାର ମିଶ୍ର, ପୂଜାଲିନା ବେହେରାପ୍ରଣୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ.ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ଘର ବାହାରେ ଛାତରେ ଅପନ୍ତରା ସ୍ଥାନରେ ପଶୁପକ୍ଷୀ ପାଇଁ ଖଦ୍ୟ ପାଣି ରଖିବାକୁ କର୍ମକର୍ତ୍ତା ମାନେ ଅନୁରୋଧ କରିଛନ୍ତି।

# ଓଡ଼ିଶାରେ ପ୍ରତିଷ୍ଠା ହେବ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ




ଭୁବନେଶ୍ୱର, ୦୪/୫ (ନି.ପ୍ର): ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ କରିବ ଗୁରୁଗ୍ରାମ ଭିତ୍ତିକ ହାଇଜେନକୋ ଗ୍ରୀନ୍ ଏନର୍ଜୀ। ଟାଟା ଷ୍ଟିଲ ଏସ୍‌ଇଜେଡର ଗୋପାଳପୁର ଶିଳ୍ପ ପାର୍କରେ ସ୍ଥାପନ କରିବ ୧ ନିୟୁତ ଟନ କ୍ଷମତା ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ରକଳ୍ପ। ଏଥିପାଇଁ ୧୦୦ କୋଟି ଡଲାର ନିବେଶ କରିବ ହାଇଜେନକୋ ଗ୍ରୀନ୍। ଏନେଇ ଶୁକ୍ରବାର ଟାଟା ଷ୍ଟିଲ ଏସ୍‌ଇଜେଡ ଓ ହାଇଜେନକୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ବୁଝମଣାପତ୍ର ସ୍ୱାକ୍ଷର ପରେ ଟାଟା ଷ୍ଟିଲ ଏସ୍‌ଇଜେଡର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି, ହାଇଜେନକୋ ସହ ବୁଝାମଣାପତ୍ର ପରେ ଗୋପାଳପୁର ଶିଳ୍ପ ପାର୍କରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ ଆମୋନିଆ ଉତ୍ପାଦନ କ୍ଷମତା ବାର୍ଷିକ ପ୍ରାୟ ୨.୬ ମିଲିୟନ ଟନରେ ପହଞ୍ଚିଛି। ଯାହା ଶିଳ୍ପ ପାର୍କକୁ ଦେଶର ଅଗ୍ରଣୀ ହାଇଡ୍ରୋଜେନ ଓ ଆମୋନିଆ ହବ ଭାବେ ସୁଦୃଢ଼ କରିଛି ବୋଲି ଶ୍ରୀ ନାୟକ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo